# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

VOLUME- 43 ◆ISSUE-37 ◆THURSDAY ◆31 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୭ ◆ଗୁରୁବାର ◆୩୧ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




'ଡେଲିଭରି ବୟ-୨'
▶ପୃଷ୍ଠା ୧୧ ଦେଖନ୍ତୁ...

# ଅଧା ବିଶ୍ୱ ଥରହର

## ୮.୮ ଭୂକମ୍ପରେ ଥରିଲା ରୁଷ ଓ ଜାପାନ



■ **ମସ୍କୋ, ୩୦।୭ (ଏଜେନ୍ସି):** ବିଶ୍ୱର ଅନ୍ୟତମ ବଡ଼ ଭୂମିକମ୍ପରେ ଥରିଛି ରୁଷିଆ ଓ ଜାପାନ । ଏହାର ତୀବ୍ରତା ରିଚର ସ୍କେଲରେ ୮.୮ ମପାଯାଇଛି । ଶକ୍ତିଶାଳୀ ଭୂମିକମ୍ପ ଯୋଗୁଁ ରୁଷିଆ ଠାରୁ ଆରମ୍ଭ କରି ଜାପାନ, ନ୍ୟୁଜିଲାଣ୍ଡ, ଫ୍ରାନ୍ସ, ଚିଲି, ଆଲସ୍କା, କଲମ୍ବିଆ ଓ ଆମେରିକା କୂଳ ପର୍ଯ୍ୟନ୍ତ ସୁନାମୀ ଆତଙ୍କ ସୃଷ୍ଟି କରିଛି । ଉପକୂଳ ଅଞ୍ଚଳରୁ ଲକ୍ଷ ଲକ୍ଷ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ୨୧ କିଲୋମିଟର ଗଭୀର ସମୁଦ୍ର ଭିତରେ ଭୂମିକମ୍ପର କେନ୍ଦ୍ର ଥିବାରୁ ବଡ଼ ଧରଣର କ୍ଷୟକ୍ଷତି ହୋଇନାହିଁ । ତେବେ ଅନେକ ସ୍ଥାନରେ କୋଠା କ୍ଷତିଗ୍ରସ୍ତ ହୋଇଛି । ୨୦୧୧ ପରେ ଏହା ହେଉଛି ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ ।

ଆମେରିକାର ଜିଓଲୋଜିକାଲ୍ ସର୍ଭେ ସଂସ୍ଥା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆଜି ରୁଷିଆ ଉପକୂଳରୁ ୧୩୬ କିଲୋମିଟର ଦୂର କାମଚାଟ୍କି ଦ୍ୱୀପ ନିକଟରେ ଶକ୍ତିଶାଳୀ ଭୂମିକଂପ ହୋଇଛି । ୨୦.୭ କିଲୋମିଟର ଗଭୀର ସମୁଦ୍ର ଭିତରେ କେନ୍ଦ୍ରୀଭୂତ ଏହି ଭୂକଂପର ତୀବ୍ରତା ରିଚର ସ୍କେଲରେ ୮.୮

### ଆମେରିକା, ଫ୍ରାନ୍ସ, ନ୍ୟୁଜିଲାଣ୍ଡ, ଚିଲିରେ ସୁନାମୀ ସତର୍କତା

### ରୁଷ ସହରରେ ବ୍ୟାପକ କ୍ଷତି, ସମୁଦ୍ରରେ ଭାସିଗଲା କୋଠା

ମପାଯାଇଛି । ଏହାର କିଛି ସମୟ ମଧ୍ୟରେ ଆହୁରି ଦୁଇଟି ଭୂମିକଂପ ମଧ୍ୟ ଅନୁଭୂତ ହୋଇଛି । ପରବର୍ତ୍ତୀ ଝଟକା କୁହାଯାଉଥିବା ଏହି ଦୁଇଟି ଭୂମିକମ୍ପର ତୀବ୍ରତା ୬.୯ ଏବଂ ୬.୩ ଥିଲା ବୋଲି କୁହାଯାଇଛି । ଏହି ▶ପୃଷ୍ଠା-୭

### ବିଶ୍ୱର ସବୁଠୁ ଦାମୀ, ଶକ୍ତିଶାଳୀ ଉପଗ୍ରହ 'ନିସାର'ର ଉତ୍କ୍ଷେପଣ

# ୯୭ ମିନିଟ୍‌ରେ ପୃଥିବୀ ପରିକ୍ରମଣ



■ **ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି):** ବୁଧବାର ସନ୍ଧ୍ୟାରେ ବିଶ୍ୱର ସବୁଠୁ ଶକ୍ତିଶାଳୀ ଓ ଦାମୀ ଉପଗ୍ରହ 'ନିସାର'ର ଉତ୍କ୍ଷେପଣ ହୋଇଛି । ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସତୀଶ ଧାୱନ ଅନ୍ତରୀକ୍ଷ କେନ୍ଦ୍ରରୁ ଜିଏସ୍‌ଏଲ୍‌ଭି-ଏଫ୍‌୧୬ ରକେଟ୍ ନିସାରକୁ ନେଇ ମହାକାଶକୁ ଯାଇଛି । ଏହି ରକେଟ ନିସାରକୁ ପୃଥିବୀଠାରୁ ୭୪୭ କିମି ଉଚ୍ଚରେ ଥିବା ସନ୍-ସିଙ୍କ୍ରୋନସ୍ କକ୍ଷରେ ଅବସ୍ଥାପିତ କରିଛି । ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ (ଇସ୍ରୋ) ଓ ଆମେରିକାର ନ୍ୟାସନାଲ ଏରୋନେଟିକ୍ସ ସ୍ପେଶ୍ ଆଡମିନିଷ୍ଟ୍ରେସନ (ନାସା) ମିଳିତ ଭାବେ ଏହି ଉପଗ୍ରହକୁ ପ୍ରସ୍ତୁତ କରିଛନ୍ତି । ଏଥିପାଇଁ ୧.୫ ବିଲିଅନ ଡଲାର ଅର୍ଥାତ ୧୨, ୫୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଇସ୍ରୋ ଓ ନାସାର ନାମକୁ ▶ପୃଷ୍ଠା-୭

# ଭାରତ ଉପରେ ୨୫% ଟ୍ରମ୍ପ୍ ଶୁଳ୍କ !

■ **ୱାଶିଂଟନ୍, ୩୦।୭ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ବାଣିଜ୍ୟ ମୋର୍ଚ୍ଚାରେ ଭାରତ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଭାରତ ଉପରେ ୨୫% ଟାରିଫ୍ ବା ଶୁଳ୍କ ଲଗାଇବା ନେଇ ସେ ଘୋଷଣା କରିଛନ୍ତି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତିର ସମୟ ସୀମା ଅଗଷ୍ଟ ପହିଲାରୁ ଶେଷ ହେଉଥିବାରୁ ଭାରତ ଉପରେ ଶୁଳ୍କ ଲାଗିବ । ହେଲେ କୌତୂହଳର ବିଷୟ ଯେ, ଭାରତକୁ ବନ୍ଧୁ ରାଷ୍ଟ୍ର ବୋଲି କହି ଟ୍ରମ୍ପ୍ ଏପରି ପଦକ୍ଷେପ ନେଇଛନ୍ତି । ନୂଆ ଶୁଳ୍କ ଅଗଷ୍ଟ ପହିଲାରୁ ଲାଗୁ ହେବ । ଭାରତ ରୁଷ ସହ ତେଲ କାରବାର କରୁଥିବାରୁ ଦେଶ ଉପରେ ଏପରି ଶୁଳ୍କ ଛାଟ ଲାଗିଥିବା ଟ୍ରମ୍ପ୍ କହିଛନ୍ତି । ତେଣୁ ରୁଷ ସହ ବନ୍ଧୁତ୍ୱ ଭାରତ ପାଇଁ ଏବେ ମହଙ୍ଗା ପଡ଼ିଥିବା ଟ୍ରମ୍ପ୍‌ଙ୍କ ପଦକ୍ଷେପରୁ ଜଣାପଡିଛି ।

ପୂର୍ବରୁ ଆମେରିକା ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି କରିବାକୁ ଇଚ୍ଛା ପ୍ରକାଶ କରିଥିଲା । କିନ୍ତୁ କିଛି କାରଣ ଯୋଗୁଁ ଏହି ଚୁକ୍ତି ଚୂଡାନ୍ତ ହୋଇପାରି ନ ଥିଲା । ଏବେ ଭାରତ ଉପରେ ୨୫% ଶୁଳ୍କ ଲାଗିବାକୁ ଯାଉଥିବାର କାରଣ ହେଉଛି, ରୁଷ ସହିତ ଭାରତର ଶକ୍ତି ଏବଂ ସାମରିକ ଚୁକ୍ତି । ଟ୍ରମ୍ପ ବୁଧବାର ଏକ ସୋସିଆଲ ପୋଷ୍ଟରେ ଲେଖିଛନ୍ତି ଯେ ତାଙ୍କର 'ବନ୍ଧୁ' ଭାରତ ଅଗଷ୍ଟ ପହିଲାରୁ ୨୫ ପ୍ରତିଶତ ବାଣିଜ୍ୟ ଶୁଳ୍କ ଦେବ । ଟ୍ରମ୍ପ



### ଅଗଷ୍ଟ ପହିଲାରୁ ହେବ ଲାଗୁ

### ମହଙ୍ଗା ପଡ଼ିଲା ରୁଷ ସହ ବନ୍ଧୁତ୍ୱ

### ଲାଗିପାରେ ଅତିରିକ୍ତ ଜରିମାନା

ଏହା ମଧ୍ୟ କହିଛନ୍ତି ଯେ ରୁଷ ଠାରୁ ଶକ୍ତି ଏବଂ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଭାରତକୁ ଅତିରିକ୍ତ ଜରିମାନା ଦେବାକୁ ପଡିବ । ତାଙ୍କ କହିବାନୁଯାୟୀ, ମନେରଖିବାକୁ ହେବ ଯେ ଭାରତ ଆମର ବନ୍ଧୁ, କିନ୍ତୁ ଗତ କିଛି ବର୍ଷ ହେବ ଆମେ ସେମାନଙ୍କ ସହିତ ତୁଳନାତ୍ମକ ଭାବରେ କମ୍ ବାଣିଜ୍ୟ କାରବାର କରିଛୁ । କାରଣ ଭାରତ ଅଧିକ ଶୁଳ୍କ ଲାଗୁ କରୁଛି, ଯାହା ବିଶ୍ୱରେ ସର୍ବାଧିକ । ଏପରିକି ଭାରତରେ ସବୁଠାରୁ କଠୋର ଏବଂ ଅପ୍ରୀତିକର ଅଣ-ଆର୍ଥିକ ବାଣିଜ୍ୟ ପ୍ରତିବନ୍ଧକ ସବୁ ରହିଛି । ଟ୍ରମ୍ପ୍ ଆହୁରି କହିଛନ୍ତି, ଭାରତ ସବୁବେଳେ ରୁଷଠାରୁ ଅଧିକାଂଶ ସାମରିକ ଉପକରଣ କିଣୁଛି । ଶକ୍ତି କ୍ଷେତ୍ରରେ ଚୀନ୍ ସହିତ ଭାରତ ହେଉଛି ରୁଷର ସବୁଠାରୁ ବଡ଼ କ୍ରେତା । ଯେତେବେଳେ ସମସ୍ତେ ଚାହାଁନ୍ତି ଯେ ରୁଷ ୟୁକ୍ରେନରେ ଦମନଲୀଳା ବନ୍ଦ କରୁ, ସେତେବେଳେ ଭାରତ ରୁଷ ସହ ତେଲ କାରବାର ବଢ଼ାଉଛି । ତେଣୁ ଭାରତକୁ ଅଗଷ୍ଟ ୧ ରୁ ୨୫% ଶୁଳ୍କ ଦେବାକୁ ପଡିବ । ଏହି ନିଷ୍ପତ୍ତି ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ସନ୍ତୁଳନକୁ ନଷ୍ଟ କରିପାରେ ଏବଂ ରପ୍ତାନିକୁ ପ୍ରଭାବିତ ମଧ୍ୟ କରିବାର ସମ୍ଭାବନା ରହିଛି । ଏବେ ଏହା ଦେଖିବାକୁ ବାକି ଅଛି ଯେ ଭାରତ ଏହା ପ୍ରତି କିପରି ପ୍ରତିକ୍ରିୟା ଦେଉଛି ।

ସୂଚନାଥାଉକି, ଆମେରିକାର ବାଣିଜ୍ୟ କ୍ଷତିର ମୁକାବିଲା କରିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାର୍ଟନର ଦେଶମାନଙ୍କୁ ବାଣିଜ୍ୟ ଚୁକ୍ତି କରିବାକୁ ଆହ୍ୱାନ ଦେଇଥିଲେ । ଏହାର ଜବାବରେ ସେ ଚଳିତ ବର୍ଷ ଏପ୍ରିଲ ୨ ତାରିଖରେ ▶ପୃଷ୍ଠା-୭

### ଆକାଶମାର୍ଗରୁ ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ସ୍ଥିତି ଅନୁଧ୍ୟାନ

# କ୍ଷୟକ୍ଷତି ରିପୋର୍ଟ ପରେ ସହାୟତା

■ **ଭୁବନେଶ୍ୱର, ୩୦।୭ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଆକାଶମାର୍ଗରୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂହ ହେଲିକପ୍ଟର ଯୋଗେ ବନ୍ୟା ସ୍ଥିତି ଦେଖିଛନ୍ତି । ବନ୍ୟା ପରିସ୍ଥିତି ଅନୁଧ୍ୟାନ ପରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟର ୩ଟି ଜିଲ୍ଲାର ୮ଟି ବ୍ଲକର ୮୧ଟି ଗାଁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ, ଭୋଗରାଇ ଓ ଜଳେଶ୍ୱର ବ୍ଲକ୍, ଭଦ୍ରକ ଜିଲ୍ଲାର ଧାମନଗର ଓ ଭଣ୍ଡାରୀପୋଖରୀ ବ୍ଲକ୍ ▶ପୃଷ୍ଠା-୭

### ୩ ଜିଲ୍ଲାର ୩୦ ହଜାରରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ

### ଜଳସ୍ତର କମୁଛି, ସ୍ଥିତି ସୁଧୁରିବାକୁ ଆହୁରି ଦୁଇ ଦିନ ଲାଗିବ

### ଆଉ ୭ ଦିନ ରନ୍ଧାଖାଦ୍ୟ, କ୍ଷୟକ୍ଷତି ରିପୋର୍ଟ ପାଇଁ ନିର୍ଦ୍ଦେଶ



### ହାଇକୋର୍ଟରେ ଶିକ୍ଷକ ବଦଳି ପାଇଁ ବିଧାୟକ ଓ ସାଂସଦଙ୍କ ସୁପାରିସ ପ୍ରସଙ୍ଗ

# ବଦଳି ଉପରେ ଅନ୍ତରୀଣ ରହିତାଦେଶ

■ **କଟକ, ୩୦।୭ (ସମିସ):** ରାଜ୍ୟ ସରକାର ନିକଟରେ ବିଧାୟକ ଓ ସାଂସଦଙ୍କ ସୁପାରିସ ଭିତ୍ତିରେ ଶିକ୍ଷକଙ୍କ ବଦଳି ସମ୍ପର୍କିତ ନିଷ୍ପତ୍ତି ନେଇଥିବା ବେଳେ ଏହି ସୁପାରିସ ଆଧାରରେ କରାଯାଇଥିବା ବଦଳି ଆଦେଶକୁ ବିରୋଧ କରି କେତେକ ଶିକ୍ଷକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏ ସମ୍ପର୍କିତ ଦୁଇଟି ମାମଲାର ଶୁଣାଣି କରି ଆବେଦନକାରୀ ଶିକ୍ଷକଙ୍କ ବଦଳି ଆଦେଶ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି । ଫକିର ମହାନନ୍ଦ ଓ ରାହୁଲ ତ୍ରିପାଠୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏଥିସହ



ମାମଲାରେ ପ୍ରତିପକ୍ଷ ରାଜ୍ୟ ସରକାର ଓ ଅନ୍ୟ ମାନଙ୍କୁ ନୋଟିସ ଜାରିବା ସହ ଜବାବ ତଲବ କରିଛନ୍ତି ଅଦାଲତ ।

ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ ବିଧାୟକ ଓ ସାଂସଦ ମାନେ ନିଜ ନିର୍ବାଚନ ମଣ୍ଡଳୀର ୧୫ଜଣ ପର୍ଯ୍ୟନ୍ତ ଯୋଗ୍ୟ ଶିକ୍ଷକଙ୍କୁ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ସରକାର ନେଇଥିବା ନିଷ୍ପତ୍ତିକୁ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ▶ପୃଷ୍ଠା-୭

### ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

# ୪ ଶିକ୍ଷକ ସମେତ ୬ ଗିରଫ

■ କଟକ, ୩୦।୭ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ଲିକ ଘଟଣାରେ କ୍ରାଇମବ୍ରାଞ୍ଚ ୬ ଜଣଙ୍କୁ ଗିରଫ କରିଛି । ଏହି ଘଟଣାର ମାଷ୍ଟରମାଇଣ୍ଡ ତଥା ବୋର୍ଡ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟରଙ୍କ ସମେତ ଅନ୍ୟ ୪ ଜଣ ଶିକ୍ଷକ ସଂଘ କର୍ମକର୍ତ୍ତା ଏବଂ ଜଣେ ଦଲାଲକୁ ଗିରଫ କରିଥିବା ଏକ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର । ଲିକ ହୋଇଥିବା ପ୍ରଶ୍ନପତ୍ର ବିକ୍ରି କରି ଅଭିଯୁକ୍ତମାନେ ଲକ୍ଷଲକ୍ଷ ▶ପୃଷ୍ଠା-୭

### ଉପସଭାପତିଙ୍କ ଲାପ୍‌ଟପରୁ ପେନ୍‌ଡ୍ରାଇଭରେ ଆଣିଥିଲେ ପ୍ରଶ୍ନପତ୍ର

### ଲକ୍ଷାଧିକ ଟଙ୍କାରେ ବିକିଛନ୍ତି ପ୍ରଶ୍ନପତ୍ର



# ଆର୍‌ଆଇ, ଅମିନ ନିଯୁକ୍ତି ପରୀକ୍ଷା ବାତିଲ୍

## କୋର୍ଟଙ୍କୁ ଅବଗତ କଲେ ଆଡଭୋକେଟ୍ ଜେନେରାଲ୍

■ **ଭୁବନେଶ୍ୱର/କଟକ, ୩୦।୭ (ସମିସ):** ପ୍ରଥମରୁ ବିବାଦୀୟ ହୋଇପଡ଼ିଥିବା ଆରଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପରୀକ୍ଷା ଶେଷରେ ବାତିଲ୍ ହୋଇଛି । ବ୍ୟାପକ ଅନିୟମିତତା, ପରୀକ୍ଷାରେ ବିଭ୍ରାଟ କାରଣରୁ ପ୍ରିଲିମିନାରୀ ପରୀକ୍ଷାକୁ ବାତିଲ୍ କରିବା ପାଇଁ ପରୀକ୍ଷାର୍ଥୀମାନେ ମୂଳରୁ ଦାବି କରୁଥିଲେ । ସେମାନଙ୍କ ଦାବିକୁ ଆଗ୍ରାହ୍ୟ କରି ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରିଥିଲେ ସରକାର । ଏହି ନିଷ୍ପତ୍ତି ସରକାରଙ୍କୁ ଆଇନ୍ ଜାଲରେ ଛନ୍ଦିଥିଲା । ମୋଟ୍ ପଦର ୫ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷା ଦେବାର ନିୟମ ଥିଲେ ମଧ୍ୟ ଏହାର ଅନୁପାଳନ କରାଯାଇ ନ ଥିବା ଅଭିଯୋଗ କରି ହାଇକୋର୍ଟରେ ମାମଲା ହୋଇଥିଲା । ଆଜି ଏହାର ଶୁଣାଣୀ ବେଳେ ତ୍ରୁଟି ସ୍ୱୀକାର କରିବା ସହ ସମଗ୍ର ପରୀକ୍ଷା ପକ୍ରିୟାକୁ ବାତିଲ୍ କରି ଆଉଥରେ ପ୍ରିଲିମିନାରୀ ପରୀକ୍ଷା କରାଯିବ ବୋଲି ନେଇ ଆଡଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ ଉଚ୍ଚନ୍ୟାୟାଳୟକୁ ଅବଗତ କରିଛନ୍ତି ।

ଶ୍ରୀ ଆଚାର୍ଯ୍ୟ କୋର୍ଟଙ୍କୁ କହିଛନ୍ତି ଯେ ମୋଟ୍ ୫ଲକ୍ଷ ୫୮ ହଜାର ୧୨୯ ଜଣ ଆଶାୟୀ ପରୀକ୍ଷା ଦେଇଥିଲେ । ପରୀକ୍ଷା ବାତିଲ୍ ହୋଇଥିବାରୁ ପୁନଃ ପ୍ରିଲିମ୍‌ନାରୀ ପରୀକ୍ଷା ପାଇଁ ସମସ୍ତଙ୍କୁ ନୂତନ ଭାବେ ଆଡମିଟ୍ କାର୍ଡ ପ୍ରଦାନ କରାଯିବ । ଏଥିପାଇଁ କୌଣସି ଫି' ନିଆଯିବ ନାହିଁ । ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରକ୍ଷା ପାଇଁ ଉତ୍ତୀର୍ଣ୍ଣ କରିବା ନିଷ୍ପତିରେ ବହୁ ମେଧାବୀ ପରୀକ୍ଷାର୍ଥୀ ▶ପୃଷ୍ଠା-୭

### ୧୪ଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶ

### ପ୍ରିଲିମ୍ ଓ ମେନ୍ ବଦଳରେ ଗୋଟିଏ ପରୀକ୍ଷା ପାଇଁ ଦାବି




## ପତ୍ନୀଙ୍କ ପରଲୋକ ଖବର ଶୁଣି ପତିଙ୍କ ମୃତ୍ୟୁ

ରେବାଡି, ୩୦।୭(ଏଜେନ୍ସି): ହରିୟାଣାର ରେବାଡୀରେ ମାତ୍ର ଅଧଘଣ୍ଟା ମଧ୍ୟରେ ପତି ଓ ପତ୍ନୀଙ୍କ ମୃତ୍ୟୁ ହୋଇଛି ଓ ଦୁହେଁ ହାତଧରାଧରି ହୋଇ ପରଲୋକଗମନ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ପ୍ରଥମେ ପତ୍ନୀ ମୃତ୍ୟୁବରଣ କରିଥିଲେ। ଏହାକୁ ଶୁଣି ସ୍ୱାମୀ ମାନସିକ ଆଘାତ ପାଇଥିଲେ ଓ ଏହାକୁ ବରଦାସ୍ତ ପରି ନପାରି ଚେୟାର ଉପରେ ବସିଥିବେଳେ ପରଲୋକଗମନ କରିଥିଲେ। ପତ୍ନୀ ସୂରଜୀ ଦେବୀଙ୍କ ବୟସ ୯୦ ଓ ପତି ଦଲୀପ ସିଂଙ୍କ ବୟସ ୯୩ ବର୍ଷ ଥିଲା। ଦୀର୍ଘବର୍ଷ ଧରି ବଞ୍ଚି ରହିବା ଓ ଚତୁର୍ଥ ପିଢିର ସନ୍ତାନ ସନ୍ତତିଙ୍କୁ ଦେଖିବା କାରଣରୁ ପରିବାର ଲୋକେ ବାଜା ବଜାଇ ଏହି ବୟସ୍କ ଦମ୍ପତିଙ୍କର ଶବ ଶୋଭାଯାତ୍ରା ବାହର କରିଥିଲେ। ଗୋଟିଏ ଚିତାରେ ଦୁହିଁଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ସୂରଜୀ କୋଠରୀ ଭିତରେ ଓ ଦଲୀପ ବାହାରେ ହିଁ ଶେଷ ନିଃଶ୍ୱାଶ ତ୍ୟାଗ କରିଥିଲେ। ଉଭୟ ପରସ୍ପରକୁ ବହୁତ ଭଲ ପାଉଥିଲେ ବୋଲି ତାଙ୍କ ପୁଅ ଫୁଲ ସିଂ କହିଛନ୍ତି।

## ଟ୍ରୁଡୋ- ପେରୀଙ୍କ ସିକ୍ରେଟ ଡିନର



ମଣ୍ଟ୍ରିଲ, ୩୦।୭(ଏଜେନ୍ସି): କାନାଡା ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ଓ ଆମେରିକାର ପ୍ରଖ୍ୟାତ୍ ପପ୍ ଗାୟିକା କେଟି ପେରୀଙ୍କୁ ନିକଟରେ ଏକାଠି ଡିନର କରିଥିବା ଦେଖାଯାଇଛି। ଦୁହେଁ ସ୍ଥାନୀୟ ବାୟୋଲୋନ ରେଷ୍ଟୁରାଁରେ ଜୁଲାଇ ୨୮ରେ ଏକାଠି ଡିନର କରିଥିଲେ। ଏହାର ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ଦୁହେଁ ଏକାଠି ସାମ୍ନାସାମ୍ନି ହୋଇ ଗୋଟିଏ ଟେବଲରେ ବସିଥିବା ଦେଖାଯାଇଛି। ଦୁହେଁ ଡେଟିଂ କରୁଛନ୍ତି ଓ ରୋମାନ୍ସ କରିବା ନେଇ ଅନୁମାନ କରାଯାଉଛି। ଦୁହିଁଙ୍କ ସୁରକ୍ଷା ପାଇଁ ଏକାଧିକ ଗାର୍ଡ ନିୟୋଜିତ ଥିଲେ। ଦୀର୍ଘ ସମୟ ଧରି ରେଷ୍ଟୁରାଁର କୋଣରେ ବସି ଦୁହେଁ ବହୁ ସମୟ କଥା ହୋଇଥିଲେ। ପେରୀ ନିଜର ନୂଆ ଆଲବମ୍ ୧୪୩ର ପ୍ରମୋଶନ ପାଇଁ କାନାଡା ଯାଇଛନ୍ତି।

## ସାଉଦି ଆରବରେ ସମ୍ପତ୍ତି କିଣି ପାରିବେ ବିଦେଶୀ ନାଗରିକ

ରିୟାଦ, ୩୦।୭(ଏଜେନ୍ସି):ସାଉଦି ସରକାର ବିଦେଶୀ ନାଗରିକ ଓ କମ୍ପାନୀଗୁଡିକ ପାଇଁ ଓପନ୍ ରିୟଲ ଇଷ୍ଟେଟ୍ ମାର୍କେଟ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଏବେ ସାଉଦି ଆରବରେ ବିଦେଶୀ ନାଗରିକ ସମ୍ପତ୍ତି କ୍ରୟ କରିବା ନେଇ ବାଟ ସଫା ହୋଇଛି। ଏହି ନୂଆ ନିୟମ ୨୦୨୬ରୁ ଲାଗୁ ହେବ। ଏହା ଦ୍ୱାରା ବିଦେଶୀ ପୁଞ୍ଜିନିବେଶକାରୀ ରାଜଧାନୀ ରିୟାଦ ସମେତ ଜେଦ୍ଦା ଓ ଅନ୍ୟ ଅଞ୍ଚଳରେ ଜମି ତଥା ସମ୍ପତ୍ତି କ୍ରୟ କରିପାରିବେ। ଏହା ପଦକ୍ଷେପ ସାଉଦି ଆରବର ଭିଜନ ୨୦୩୦ରେ ଅଂଶବିଶେଷ। ତେଲ ଉପରେ ନିର୍ଭରତା କମ୍ କରିବାକୁ ଓ ଅର୍ଥବ୍ୟବସ୍ଥାରେ ବିଭିଧତା ଆଣିବାକୁ ସରକାର ଏହି ପଦକ୍ଷେପ ନେଇଛନ୍ତି ବୋଲି କୁହାଯାଇଛି। ସାଉଦି କ୍ୟାବିନେଟ ଏହି ନୂଆ ନିୟମକୁ ମଞ୍ଜୁରୀ ଦେଇଛନ୍ତି। ଏହା ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ନିବେଶ ବୃଦ୍ଧି କରିବ ଓ ଏହା ଦ୍ୱାରା ସାଉଦିର ସହରଗୁଡିକ ଗ୍ଲୋବାଲ ଇନଭେଷ୍ଟର ସେଣ୍ଟରରେ ପରିଣତ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ନୂଆ ନିୟମ ଅନୁସାରେ ବିଦେଶୀ ନିବେଶକ ୪୯ ପ୍ରତିଶତ ସେୟାର କ୍ରୟ କରିପାରିବେ।

ଅଲକାଏଦା ମଡ୍ୟୁଲ୍‌ର ପର୍ଦ୍ଦାଫାସ୍

## ଶମା ପରବିନ୍ ଗିରଫ



ଅହମଦାବାଦ୍, ୩୦।୭ (ଏଜେନ୍ସି): ଗୁଜାରଟର ଆଣ୍ଟି ଟେରରିଜମ ସ୍କ୍ୱାଡ (ଏଟିଏସ୍) ବେଙ୍ଗାଲୁରୁର ହେବଲ ଅଞ୍ଚଳରେ ଶମା ପରବିନ ନାମକ ଜଣେ ମହିଳାଙ୍କୁ ଗିରଫ କରିଛନ୍ତି। ଅଲକାଏଦା ସହିତ ଜଡିତ ଏକ ଅନ୍ତର୍ଦେଶୀୟ ଆତିଙ୍କି ମଡ୍ୟୁଲର ଶମା ଅଂଶବିଶେଷ ବୋଲି ଏଟିଏସ୍ ତରଫରୁ କୁହାଯାଉଛି। ତାଙ୍କୁ ଜୁଲାଇ ୨୯ରେ ଗିରଫ କରାଯାଇଛି। ୩୦ ବର୍ଷୀୟା ସମା ସୋସିଆଲ ମିଡିଆ ଜାରିଆରେ ଆଲକାଏଦା ସହିତ ସମ୍ପର୍କ ରଖିଥିଲା। ସୋସିଆଲ ମିଡଆ ମାଧ୍ୟମରେ ସେ ଯୁବକମାନଙ୍କୁ ଭାରତ ବିରୋଧୀ କାର୍ଯ୍ୟକଳାପରେ ସାମିଲ କରିବାର ଦାୟିତ୍ୱରେ ଥିଲା। ଏବେ ତାଙ୍କୁ ପଚରା ଉଚରା କରାଯାଉଛି। ଏହି ନେଟୱର୍କ ସହିତ ଜଡିତ ଅନ୍ୟ ଆତଙ୍କୀଙ୍କୁ ମଧ୍ୟ ଚିହ୍ନଟ କରିବା ସହଜ ହେବ। ଗତ ୨୩ ତାରିଖରେ ଗୁଜରାଟ ଏଟିଏସ୍ ନୋଏଡା, ଦିଲ୍ଲୀ, ୟୁପି ଓ ଗୁଜରାଟରେ ୪ ଜଣ ଆତଙ୍କୀଙ୍କୁ ମଧ୍ୟ ଗିରଫ କରିଥିଲା।

## ୨ ଆତଙ୍କବାଦୀ ନିହତ

ପୁଞ୍ଚ, ୩୦।୭ (ଏଜେନ୍ସି): ଜମ୍ମୁ-କଶ୍ମୀର ପୁଞ୍ଚର ଏଲଓସିରେ ଅନୁପ୍ରବେଶ ଉଦ୍ୟମକୁ ସେନା ବିଫଳ କରିଦେଇଛି। ୨ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ସୀମାର ଦେଗୱାର ସେକ୍ଟର ଅନ୍ତର୍ଗତ ମାଲଦିବଲନ ଅଞ୍ଚଳରେ ସନ୍ଦିଗ୍ଧ କାର୍ଯ୍ୟକଳାପ ଦେଖିବାକୁ ମିଳିଥିଲା। ଏହା ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ 'ଅପରେସନ ଶିବଶକ୍ତି' ଆରମ୍ଭ ହୋଇଥିଲା। ଆତଙ୍କବାଦୀଙ୍କ ନିକଟରୁ ୩ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି। ଗତ ତିନି ଦିନରେ ଦ୍ୱିତୀୟ ଏନକାଉଣ୍ଟର ହୋଇଛି।

## ୧୨ରୁ ଅଧିକ ଦେଶ ଉପରେ ରୁଷ୍ ଭୂକମ୍ପର ପ୍ରଭାବ



ମସ୍କୋ, ୩୦।୭ (ଏଜେନ୍ସି): ରୁଷ୍ ଭୂକମ୍ପକୁ ନେଇ ବିଶ୍ୱର ଥରି ଉଠିଛି। ୧୨ରୁ ଅଧିକ ଦେଶ ଉପରେ ଏହାର ପ୍ରଭାବ ପଡ଼ିଛି। ଭୂକମ୍ପ ପରେ ରୁଷ୍, ଜାପାନ, ଆମେରିକା (ହୱାଇ ଓ ଆଲାସ୍କା), କାନାଡ଼ା (ବ୍ରିଟିଶ କଲମ୍ବିଆ), ନ୍ୟୁଜିଲାଣ୍ଡ, ଚୀନ୍, ଇଣ୍ଡୋନେସିଆ, ତାଇୱାନ, ଫିଲିପିନ୍ସ, ପେରୁ, ମେକ୍ସିକୋ ଏବଂ ଇକ୍ୱେଡର ଭଳି ଦେଶରେ ସୁନାମୀ ଚେତାବନୀ ଜାରି କରାଯାଇଛି। ଜାପାନର ହୋକ୍କାଇଡୋ ଦ୍ୱୀପର ନେମୁରୋ ଉପକୂଳରେ ପ୍ରାୟ ୩୦ ସେମି ଉଚ୍ଚର ଲହରୀ ମାଡ଼ ହୋଇଛି। ସେହିପରି ରୁଷ୍‌ର କୁରିଲ ଦ୍ୱୀପ ପୁଞ୍ଜରେ ପ୍ରଥମ ଲହରୀ ପହଞ୍ଚିଥିବା ଜଣାପଡ଼ିଛି। ଜାପାନ ଉପକୂଳରୁ ୨୦ ଲକ୍ଷ ଲୋକଙ୍କୁ ହଟାଇ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଫୁକୁସିମା ପରମାଣୁ କେନ୍ଦ୍ରକୁ ମଧ୍ୟ ଜାପାନ ଖାଲି କରିଦେଇଛି। ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପରିବେଶ ବିଭାଗ ପ୍ରାଧ୍ୟାପକ ପବନ କୁମାର ଯୋଶୀଙ୍କ ଅନୁଯାୟୀ ରୁଷ୍‌ରେ ଏକ ନର୍ଥ ଆମେରିକା ଏବଂ ନର୍ଥ ପ୍ୟେସିଫିକ ପ୍ଲେଟ୍ ରହିଛି। ଉଭୟ ପ୍ଲେଟ ଭୂପୃଷ୍ଠ ତଳେ ଏବଂ ସମୁଦ୍ର ତଳେ ପରସ୍ପର ସହ ଧକ୍କା ହୋଇଛନ୍ତି। ଏଥିଯୋଗୁଁ ରୁଷ୍‌ରେ ୮.୮ ତୀବ୍ରତାର ଭୂକମ୍ପ ଆସିଲା ବୋଲି ସେ କହିଛନ୍ତି। ଏ ପର୍ଯ୍ୟନ୍ତ ଭୂକମ୍ପର ପୂର୍ବାନୁମାନ ହୋଇପାରି ନାହିଁ। କିନ୍ତୁ ଏ ଦିଗରେ ଗବେଷଣା ଜାରି ରହିଛି।

## ଜାପାନ ଉପକୂଳକୁ ପଳାଇ ଆସିଲେ ଅନେକ ତିମି



ଟୋକିଓ, ୩୦।୭ (ଏଜେନ୍ସି): ରୁଷ୍‌ର କାମଚଟ୍‌କା ପ୍ରାୟଦ୍ୱୀପରେ ବୁଧବାର ସକାଳେ ଆସିଥିବା ୮.୮ ତୀବ୍ରତାର ଭୂକମ୍ପ ବିପର୍ଯ୍ୟୟ ସୃଷ୍ଟି କରିଛି। ଭୂପୃଷ୍ଠରୁ ୧୯.୩ କିମି ତଳେ ଏହାର କେନ୍ଦ୍ରସ୍ଥଳ ରହିଛି। ଭାରତୀୟ ସମୟ ପ୍ରାୟ ୪.୫୪ରେ ଏହି ଝଟ୍‌କା ଅନୁଭୂତ ହୋଇଥିଲା। ଏହା ପରେ ୬.୯ ତୀବ୍ରତାର ଅନେକ ଝଟ୍‌କା ଅନୁଭୂତ ହୋଇଥିଲା। ଲୋକେ ଭୟରେ ଘରଦ୍ୱାର ଛାଡ଼ି ବାହାରକୁ ପଳାଇ ଆସିଥିଲେ। ଛାତରୁ ଅବଶେଷ ତଳେ ପଡ଼ି ଯାଇଥିଲା। ଅନେକ ଘର ଦୋହଲିବାରେ ଲାଗିଥିଲା। କିଛି ଘରର ଛାତ ଖସି ପଡ଼ିଛି। କିଛି ସ୍କୁଲ୍ ମଧ୍ୟ ପ୍ରଭାବିତ ହୋଇଛି। ଏହି ସମୟରେ କାମଚଟ୍‌କାର ଏକ ହସ୍ପିଟାଲରେ ଅସ୍ତ୍ରୋପଚାର ଚାଲିଥିଲା। ଭୂକମ୍ପ ସତ୍ତ୍ୱେ ଡାକ୍ତର ଏହାକୁ ଅଟକାଇ ନ ଥିଲେ। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଭୂକମ୍ପର କିଛି ସମୟ ପରେ ୫ ମିଟର ଉଚରେ ଲହରୀ ଆସି କାମଚଟ୍‌କା ଉପକୂଳରେ ମାଡ଼ ହୋଇଥିଲା। ଭୂକମ୍ପ ଏବଂ ଏହା ପରେ ଆସିଥିବା ସୁନାମୀର କିଛି ଘଣ୍ଟା ପରେ ଅନେକ ତିମି ଭାସି ଆସି ଜାପାନ ଉପକୂଳରେ ଲାଗିଥିଲେ। ଏହାକୁ ଦେଖି ସାମୁଦ୍ରିକ ଜୀବଙ୍କ ଉପରେ ସୁନାମୀର ପ୍ରଭାବକୁ ନେଇ ବିଶେଷଜ୍ଞଙ୍କ ଚିନ୍ତା ବୃଦ୍ଧି ପାଇଛି।

# ସରିଲା 'ସିନ୍ଦୂର' ଆଲୋଚନା

**ରାଜ୍ୟସଭାରେ ସରକାର-ବିରୋଧୀ ମୁହାଁମୁହିଁ**

**ଆଲୋଚନାର ଉତ୍ତର ଦେଲେ ଅମିତ ଶାହ**

**କକ୍ଷତ୍ୟାଗ କଲେ ବିରୋଧୀ ଦଳ**

ନୂଆଦିଲ୍ଲୀ, ୩୦।୭ (ଏଜେନ୍ସି): ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଆଜି ରାଜ୍ୟସଭାରେ ଆଲୋଚନା ଚାଲିଥିବା ବେଳେ ସରକାର ଓ ବିରୋଧୀ ଦଳ ପୁଣି ମୁହାଁମୁହିଁ ହୋଇଛନ୍ତି। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ରୋକିବାରେ ସରକାର ବିଫଳ ହୋଇଛନ୍ତି ବୋଲି ବିରୋଧୀ ଦଳ ଅଭିଯୋଗ କରିଥିବା ବେଳେ ଆତଙ୍କବାଦ ପାଇଁ କଂଗ୍ରେସକୁ ଦାୟୀ କରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ଅଲୋଚନାର ଉତ୍ତର ଦେଇ ଶାହ କହିଲେ ଯେ ଆତଙ୍କବାଦ ସଂପର୍କରେ କହିବା ଲାଗି କଂଗ୍ରେସର କୌଣସି ଅଧିକାର ନାହିଁ। କାରଣ କଂଗ୍ରେସ ସରକାର ବେଳେ ଭୋଟ ବ୍ୟାଙ୍କ ରାଜନୀତି ଯୋଗୁଁ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରୀ କହିଲେ ଯେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରେ ଆତଙ୍କବାଦର ମୂଳପୋଛ ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅପରେସନ ସିନ୍ଦୂର ସଂପର୍କରେ ସେ କହିଲେ ଯେ ଅସ୍ତ୍ରବିରତି ପାଇଁ କୌଣସି ଦେଶ ଭାରତ ଉପରେ ଚାପ ପକାଇନଥିଲେ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ଭୀଷଣ କ୍ଷତି ହେବାରୁ ଆକ୍ରମଣ ବନ୍ଦ କରିବା ଲାଗି ପାକିସ୍ତାନର ସେନା ଅଧିକାରୀ ଭାରତ ନିକଟରେ ନେହୁରା ହୋଇଥିଲେ। ଏହାପରେ ଭାରତୀୟ ସେନା ଅପରେସନ ସିନ୍ଦୂର ଅଟକାଇଥିଲା। ପାକିସ୍ତାନର ୧୧ଟି ପରମାଣୁ କେନ୍ଦ୍ର ଧ୍ୱଂସ ହୋଇଯିବା ପରେ ପାକିସ୍ତାନର ମେରୁଦଣ୍ଡ ଭାଙ୍ଗିଯାଇଥିଲା।

ଅମିତ ଶାହ ଆଲୋଚନାର ଉତ୍ତର ଦେଉଥିବା ବେଳେ ସମଗ୍ର ବିରୋଧୀ ଦଳ କକ୍ଷତ୍ୟାଗ କରିଥିଲା। ଆଲୋଚନାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅନୁପସ୍ଥିତିର ବିରୋଧ କରି ସେମାନେ କକ୍ଷତ୍ୟାଗ କରିଥିଲେ। ଆଲୋଚନାରେ ଅଂଶ ଗ୍ରହଣ କରି ସରକାରଙ୍କ ପକ୍ଷରୁ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ବିରୋଧୀଙ୍କ ଉପରେ ପ୍ରହାର କରିଥିଲେ। ଜୟଶଙ୍କର କହିଥିଲେ ଯେ ପହଲଗାମରେ ଆକ୍ରମଣ କରି ଆତଙ୍କବାଦୀମାନେ ଲକ୍ଷ୍ମଣ ରେଖା ଅତିକ୍ରମ କରିଥିଲେ। ଭାରତୀୟ ସେନା ଏହାର ମୁହଁତୋଡ଼ ଜବାବ ଦେଇଛି। ସେହିଭଳି ନଡ୍ଡା କହିଥିଲେ ଯେ ୟୁପିଏ ଶାସନ କାଳରେ ଆତଙ୍କବାଦ ଏବଂ ଆତଙ୍କବାଦର ଜନ୍ମଦାତା ପାକିସ୍ତାନ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ୟୁପିଏ ସରକାର କଠୋର ହୋଇଥିଲେ ଆତଙ୍କବାଦ ଆଜି ଏତେ ଦୂରକୁ ଆସି ପାରିନଥାଆନ୍ତା। ଏହାପୂର୍ବରୁ ବିରୋଧୀ ଦଳର ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରି ସରକାରଙ୍କୁ ଟାର୍ଗେଟ କରି ପ୍ରଶ୍ନ କରିଥିଲେ ଯେ ଭାରତୀୟ ସେନାକୁ ସଫଳତା ମିଳୁଥିବା ବେଳେ ଅପରେସନ ସିନ୍ଦୂର କାହା ଚାପରେ ବନ୍ଦ କରାଯାଇଥିଲା? କଂଗ୍ରେସ ସାଂସଦ ରେଣୁକା ଚୌଧୁରୀ ପ୍ରଶ୍ନ କରିଥିଲେ ଯେ ପ୍ରଧାନମନ୍ତ୍ରୀ ପହଲଗାମ ଆକ୍ରମଣର ଶିକାର ପରିବାରକୁ କାହିଁକି ଭେଟୁ ନାହାନ୍ତି। ସମାଜବାଦୀ ପାର୍ଟି ସାଂସଦ ଜୟା ବଚ୍ଚନ ଆତଙ୍କବାଦ ମୁକାବିଲାରେ ସରକାରଙ୍କ ବିଫଳତାକୁ ସମାଲୋଚନା କରିଥିଲେ। ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷଠାନର ନାମ ଅପରେସନ ସିନ୍ଦୂର କାହିଁକି ରଖାଯାଇଥିଲା ବୋଲି ସେ ପ୍ରଶ୍ନ କରିଥିଲେ।

## ଜଷ୍ଟିସ ବର୍ମାଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ, ୩୦।୭(ଏଜେନ୍ସି): କ୍ୟାସ ମାମଲାରେ ସୁପ୍ରିମକୋର୍ଟ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ଆବେଦନ ନେଇ ଶୁଣାଣି କରିବା ପରେ ତାଙ୍କ ରାୟ ସୁରକ୍ଷିତ ରଖିଛନ୍ତି। ଶୁଣାଣିରେ ଜଷ୍ଟିସ ବର୍ମାଙ୍କୁ କୋର୍ଟ ଭର୍ତ୍ସନା କରିଛନ୍ତି। ତାଙ୍କ ଅଚରଣ ଉପରେ କୋର୍ଟ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ବ୍ୟବହାରକୁ ଭରସା କରାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଯଦି ଯାଞ୍ଚ୍ କମିଟିର ପ୍ରକ୍ରିୟା ନେଇ ତାଙ୍କର ବିରୋଧ ଥିଲା, ତେବେ ସେତେବେଳେ କାହିଁକି ସେ ଚ୍ୟାଲେଞ୍ଜ କରିନଥିଲେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ୍ ଏଜି ମସିଙ୍କୁ ନେଇ ଗଠିତ ଖଣ୍ଡପୀଠ ବର୍ମାଙ୍କୁ ପ୍ରଥମେ ସୁପ୍ରିମକୋର୍ଟର ଦ୍ୱାରସ୍ତ ହେବା ଉଚିତ ଥିଲା ବୋଲି କହିଛନ୍ତି। ଯାଞ୍ଚ୍ କମିଟି ତାଙ୍କୁ ଦୋଷୀ ବୋଲି ଜାଣିବା ପରେ ସେ ସୁପ୍ରିମକୋର୍ଟ ଆସିବା ଠିକ୍ ନୁହଁ ବୋଲି ଖଣ୍ଡପୀଠ କହିଛନ୍ତି। ଶୁଣାଣିରେ ଜଷ୍ଟିସ ବର୍ମାଙ୍କ ତରଫରୁ ବରିଷ୍ଠ ଓକିଲ କପିଲ ଶିବଲ ପକ୍ଷ ରଖିଥିଲେ। ସଂସଦରେ ମହାଅଭିଯୋଗ ଏକ ପ୍ରକ୍ରିୟା ବୋଲି ସେ କହିଥିଲେ ଓ ମହାଅଭିଯୋଗ ପାଇଁ କରାଯାଇଥିବା ସୁପାରିସ ଠିକ୍ ନୁହଁ ବୋଲି ସେ କହିଥିଲେ। ଇନ୍ ହାଉସ କମିଟି ରିପୋର୍ଟ ଓ ମହାଅଭିଯୋଗ ନେଇ କରାଯାଇଥିବା ସୁପାରିସ୍‌କୁ ରଦ୍ଦ କରିବାକୁ ପାଇଁ ଜଷ୍ଟିସ ବର୍ମା ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଏହି ରିପୋର୍ଟରେ ଘରୁ ଅଧାଜଳା ଟଙ୍କା ମିଳିବା ନେଇ ଜଷ୍ଟିସ ବର୍ମାଙ୍କୁ ଦୋଷୀ ବୋଲି କୁହାଯାଇଥିଲା। ପୂର୍ବରୁ ଜଷ୍ଟିସ ବର୍ମାଙ୍କ ଆବେଦନ ନେଇ ଦୁଇଥର ଜୁଲାଇ ୨୩ ଓ ୨୮ରେ ଶୁଣାଣି ହୋଇସାରିଛି। ଘରୁ ନୋଟ ମିଳିଥିଲେ ମଧ୍ୟ ଏହା ମୋର ବୋଲି ପ୍ରମାଣିତ ହେଉ ନଥିବା କଥା ଜଷ୍ଟିସ ବର୍ମା ତାଙ୍କ ଆବେଦନରେ ଉଲ୍ଲେଖ କରିଛନ୍ତି।

**ନ୍ୟାୟପାଳିକା ମୋତେ ନିରାଶ କଲା**

# ମହିଳା ବିଚାରପତିଙ୍କ ଇସ୍ତଫା

ଜବଲପୁର, ୩୦।୭ (ଏଜେନ୍ସି): ମଧ୍ୟପ୍ରଦେଶ ସହଡୋଲର ଜଣେ ମହିଳା ସିଭିଲ ଜଜ୍ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଯେଉଁ ବରିଷ୍ଠ ବିଚାରପତିଙ୍କ ବିରୋଧରେ ସେ ଯୌନ ଉତ୍ପୀଡ଼ନ ଅଭିଯୋଗ ଲଗାଇ ଥିଲେ ସେହି ବ୍ୟକ୍ତିଙ୍କୁ ହାଇକୋର୍ଟ ବିଚାରପତି ନିଯୁକ୍ତିକୁ ବିରୋଧ କରି ମହିଳା ବିଚାରପତି ଅଦିତି କୁମାର ଶର୍ମା ଏହି ପଦକ୍ଷେପ ନେଇଛନ୍ତି। ସେ ଗତ ୨୮ ତାରିଖରେ ଏ ନେଇ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଛନ୍ତି। ଏଥିରେ ନ୍ୟାୟପାଳିକା ମୋତେ ନିରାଶ କଲା ବୋଲି କହିଛନ୍ତି। ପ୍ରତିଷ୍ଠାନକୁ ସେ ନୁହେଁ, ବରଂ ପ୍ରତିଷ୍ଠାନ ତାଙ୍କୁ ବିଫଳ କରିଦେଲା ବୋଲି ଉଲ୍ଲେଖ କରିଛନ୍ତି।

**ମୁଖ୍ୟ ବିଚାରପତିଙ୍କୁ ଲେଖିଲେ ଚିଠି**

**ଯିଏ ଅଭିଯୁକ୍ତ ତାଙ୍କୁ କଲେ ହାଇକୋର୍ଟ ବିଚାରପତି**

**ନ୍ୟାୟ ନିରବୀ ଯାଇଛି**



ସୂଚନା ଅନୁଯାୟୀ ମହିଳା ଯାହା ବିରୋଧରେ ଅଭିଯୋଗ ଲଗାଇ ଥିଲେ ତାଙ୍କୁ ବିଚାରପତି ରାଜେଶ କୁମାର ଗୁପ୍ତା ନିକଟରେ ମଧ୍ୟପ୍ରଦେଶ ହାଇକୋର୍ଟର ବିଚାରପତି ନିଯୁକ୍ତ କରାଯାଇଛି। କେନ୍ଦ୍ର ମଧ୍ୟ ଏହାକୁ ମଞ୍ଜୁରୀ ଦେଇଛନ୍ତି। ତେବେ ସେ ଏ ପର୍ଯ୍ୟନ୍ତ ଶପଥ ଗ୍ରହଣ କରିନାହାନ୍ତି। ମହିଳା ବିଚାରପତି ନିଜ ଇସ୍ତଫାକୁ ବିରୋଧର ପ୍ରତୀକ କହିଛନ୍ତି। ମହିଳା ନିଜକୁ ଜଣେ ବିଚାରପତି ଭାବରେ ପରିଚୟ ଦେଇ କହିଛନ୍ତି ଯେ ଜଣେ ବରିଷ୍ଠ ବିଚାରପତିଙ୍କ ବିରୋଧରେ କହିବାକୁ ସାହସ କରିଥିଲେ। ଏହି ବ୍ୟକ୍ତି କ୍ଷମତାର ଅପବ୍ୟବହାର କରୁଥିଲେ। ତାଙ୍କୁ ବର୍ଷ ବର୍ଷ ଧରି ନିର୍ଯାତନା ଦେଉଥିଲେ। ସେ ନ୍ୟାୟ ପାଇଁ ପ୍ରତ୍ୟେକ ବୈଧ ପଥ ଅନୁସରଣ କରିଥିଲେ। ଯଦି ନ୍ୟାୟ ନ ମିଳିଲେ ତେବେ ମାମଲାରେ ଅତିକମରେ ଶୁଣାଣି ହୋଇପାରିବ ବୋଲି ଆଶା ରଖିଥିଲେ। ତେବେ ଅତି କମରେ ଶୁଣାଣି ମିଳିପାରିବ ବୋଲି ଆଶା କରିଥିଲେ, କିନ୍ତୁ ଏହା ବି ହୋଇ ନ ଥିଲା। ଯିଏ ଦୁଃଖ ଦେଇଥିଲା ତାଙ୍କୁ ପ୍ରଶ୍ନ ପଚରା ଯାଇ ନ ଥିଲା, ବରଂ ପୁରସ୍କୃତ କରାଯାଇଥିଲା, ସୁପାରିସ କରାଯାଇ ପଦୋନ୍ନତି ଦିଆଯାଇଥିଲା। ସମନ ବଦଳରେ ଉଚ୍ଚ ପଦ ଦିଆଯାଇଥିଲା।

ମହିଳା ବିଚାରପତି ଦାବି କରିଛନ୍ତି ଯେ ସେ ପ୍ରମାଣ ସହିତ ନ୍ୟାୟିକ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଲଗାଇ ଥିଲେ। କିନ୍ତୁ ମାମଲାର ତଦନ୍ତ କରାଗଲା ନାହିଁ, ନୋଟିସ ବି ଦିଆଗଲା ନାହିଁ। ଦୋଷ ଧାର୍ଯ୍ୟ କରିବା ତ ଦୂରର କଥା ତାଙ୍କୁ ମାମଲାକୁ ନେଇ କୌଣସି ସ୍ପଷ୍ଟୀକରଣ ମଧ୍ୟ ମଗାଗଲା ନାହିଁ। ସେ ବିଚାରପତି ହେବାକୁ ଯୋଗ୍ୟ ନୁହେଁ। ଏହା ଏକ ନିଷ୍ଠୁର ପରିହାସ ସହ ସମାନ। ସଚ୍ଚୋଟତାର ସହ ନ୍ୟାୟ ପାଇଁ ଲଢିଥିବା ଜଣେ ମହିଳା ବିଚାରପତିଙ୍କୁ ସେହି ବ୍ୟବସ୍ଥା ହିଁ ଭାଙ୍ଗି ଦେଲା ବୋଲି ରେକର୍ଡରେ ସାରା ଦିନ ପାଇଁ ରହିବା ଉଚିତ। ନ୍ୟାୟ ଉପରୁ ବିଶ୍ୱାସ ହରାଇ ନୁହେଁ, ବରଂ ନ୍ୟାୟ ନିଜ ରାସ୍ତା ଭୁଲି ଯାଇଛି ବୋଲି ଇସ୍ତଫା ଦେଉଛି। ଏହି ନ୍ୟାୟର ରକ୍ଷା ପାଇଁ ଶପଥ ନେଇଥିବା ବ୍ୟକ୍ତି ଆଜି ସେହି ସଂସ୍ଥାକୁ ଛାଡ଼ି ଯାଉଛି। ସେ ଆଜି ନ୍ୟାୟର ନିରବତାର ଫଳ ଭୋଗୁଛନ୍ତି। ସୂଚନା ଅନୁଯାୟୀ ଏହି ମହିଳା ୨୦୨୩ରେ ଜଣେ ବରିଷ୍ଠ ବିଚାରପତିଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଲଗାଇ ଥିଲେ। ରାଷ୍ଟ୍ରପତି ଏବଂ ସୁପ୍ରିମକୋର୍ଟ କଲେଜିୟମକୁ ଚିଠି ଲେଖି ଉକ୍ତ ବିଚାରପତିଙ୍କ ପଦୋନ୍ନତି ରୋକିବାକୁ ନିବେଦନ କରିଥିଲେ। ଏହା ସହିତ ଦୁଇ ମହିଳା ନ୍ୟାୟିକ ଅଧିକାରୀ ସେହି ବିଚାରପତିଙ୍କ ବିରୋଧରେ ଲିଖିତ ଅଭିଯୋଗ ମଧ୍ୟ ଦେଇଥିଲେ। ଏହା ସତ୍ତ୍ୱେ ବିନା ଯାଞ୍ଚରେ ଉକ୍ତ ବିଚାରପତିଙ୍କୁ ହାଇକୋର୍ଟରେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ୨୦୨୩ରେ ଉକ୍ତ ମହ ମହିଳା ବିଚାରପତିଙ୍କ ସମେତ ୬ ଜଣଙ୍କୁ ସେବାରୁ ବହିଷ୍କାର କରିଦିଆଯାଇଥିଲା। ପ୍ରଦର୍ଶନ ଭଲ ନ ଥିବା କୁହାଯାଇଥିଲା। ପରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରି ତାଙ୍କୁ ପୁନଃ ଅବସ୍ଥାପିତ କରିଥିଲେ।

ରାଜସ୍ଥାନ-ଏମ୍‌ପିରେ ବନ୍ୟାସ୍ଥିତି

## ୧୮ ଜିଲ୍ଲାରେ ସ୍କୁଲ ବନ୍ଦ




ନୂଆଦିଲ୍ଲୀ, ୩୦।୭(ଏଜେନ୍ସି): ଦେଶବ୍ୟାପୀ ପ୍ରବଳ ବର୍ଷା ଜାରି ରହିଛି। ରାଜସ୍ଥାନରେ ବୁଧବାର ସବୁ ୬ ଜିଲ୍ଲାରେ ରେଡ ଆଲର୍ଟ ଜାରି କରାଯାଇଥିବା ବେଳେ ବାକି ଜିଲ୍ଲାଗୁଡିକରେ ୟେଲୋ ଆଲର୍ଟ ଜାରି କରାଯାଇଛି। ପ୍ରବଳ ବର୍ଷା କରାଣରୁ ୧୪ଟି ଜିଲ୍ଲାରେ ସ୍କୁଲ ବନ୍ଦ କରାଯାଇଛି। ସେହିପରି ମଧ୍ୟପ୍ରଦେଶରେ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଭୋପାଳ, ନର୍ମଦାପୁରମ, ସିହୋର, ଅଶୋକନଗର ଜିଲ୍ଲାଗୁଡିରେ ସ୍କୁଲ ଛୁଟି କରାଯାଇଛି। ମଧ୍ୟ ପ୍ରଦେଶରେ ୩୦ରୁ ୩୫ ଲୋକ ବନ୍ୟାରେ ଫସି ରହିଛନ୍ତି ଓ ଉଦ୍ଧାର ପାଇଁ ଯବାନ କର୍ଯ୍ୟରେ ଲାଗି ପଡ଼ିଛନ୍ତି। ସେହିପରି ହିମାଚଳ ପ୍ରଦେଶରେ ବାଦଲ ଫଟା ବର୍ଷା ପାଇଁ ଗୋଟିଏ ପରିବାରର ୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ରେସ୍କ୍ୟୁ ଅପରେସନରେ ୨୦ ଲୋକଙ୍କୁ ଉଦ୍ଧାର କରାଯାଇଥିଲା।

ସେନାଗାଡ଼ି ଉପରେ ଖସିଲା ପଥର

## ଲେଫ୍ଟନାଣ୍ଟ କର୍ଣ୍ଣେଲ, ଯବାନ ମୃତ

ଶ୍ରୀନଗର, ୩୦।୭(ଏଜେନ୍ସି): ଲାଦାଖରେ ସେନାର ଏକ ଗାଡ଼ି ଉପରେ ବୁଧବାର ସକାଳେ ପଥର ଖସିବାରୁ ଜଣେ ଲେପନାଣ୍ଟ କର୍ଣ୍ଣେଲ ଓ ଯବାନ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାରେ ୩ ଜଣ ସେନା ଅଧିକାରୀ ଆହତ ହୋଇଛନ୍ତି। ଲେପନାଣ୍ଟ କର୍ଣ୍ଣେଲ ଭାନୁ ପ୍ରତାପ ସିଂ ଓ ଲାନ୍ସ ଦଫାଦାର ଦଲଜିତ ସିଂ ପ୍ରାଣ ହରାଇଛନ୍ତି। ସେନାର ଏହି ଗାଡି ଚୋଙ୍ଗତାସରୁ ଲାଦାଖ ଯିବା ବାଟରେ ଉପରୁ ପଥର ଖସିଥିଲା ଓ ଘଟଣାସ୍ଥଳରେ ହିଁ ଦୁଇ ଅଧିକାରୀ ମୃତ୍ୟୁବରଣ କରିଥିଲେ ବୋଲି ସେନାର ଜଣେ ଅଧିକାରୀ କହିଛନ୍ତି। ଆହତଙ୍କୁ ଲେହସ୍ଥିତ ଆର୍ମି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି।

# ଡିଜିସିଏ ଅଡିଟ୍‌ରେ ଏୟାର ଇଣ୍ଡିଆର ୧୦୦ ତ୍ରୁଟି




ନୂଆଦିଲ୍ଲୀ, ୩୦।୭(ଏଜେନ୍ସି): ବିମାନର ସୁରକ୍ଷା ସଂକ୍ରାନ୍ତରେ ଦେଖାଶୁଣା କରୁଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାର ଇଣ୍ଡିଆର ବହୁ ସଂଖ୍ୟରେ ତ୍ରୁଟିକୁ ଚିହ୍ନଟ କରିଛି। ଡିଜିସିଏର ଅଡିଟ୍ ପରେ ପାଖାପାଖି ୧୦୦ଟି ତ୍ରୁଟିକୁ ଡିଜିସିଏ ସାମ୍ନାକୁ ଆଣିଛି। ଏଗୁଡିକ ମଧ୍ୟରୁ ପାଇଲଟ ଓ କେବିନ କ୍ରୁମାନଙ୍କର ଟ୍ରେନିଂ, ସେମାନଙ୍କ ବିଶ୍ରାମ ଓ ଡ୍ୟୁଟିର ନିୟମ, ଉଡାଣ ଓ ଅବତରଣ ସମ୍ପର୍କିତ ମାନ ହେଉଛି ମୁଖ୍ୟ। କିନ୍ତୁ ପ୍ରକାଶିତ ରିପୋର୍ଟ ଅନୁସାରେ ଏହି ତ୍ରୁଟିର ସଂଖ୍ୟା ୫୧ ବୋଲି ଜଣା ଯାଇଛି। ଏଗୁଡିକ ମଧ୍ୟରୁ ୭ଟି ତ୍ରୁଟି ଲେବଲ-୧ରେ। ଏହାକୁ ସବୁଠାରୁ ଗମ୍ଭୀର ବୋଲି କୁହାଯାଇଛି। ଏହାକୁ ବୁଧବାର ସୁଦ୍ଧା ଠିକ୍ କରିବାକୁ ଏୟାର ଇଣ୍ଡିଆକୁ କୁହାଯାଇଛି। କିନ୍ତୁ ଏହି ତ୍ରୁଟିଗୁଡିକୁ ସାର୍ବଜନୀନ କରାଯାଇନାହିଁ। ଏୟାର ଇଣ୍ଡିଆ ମଧ୍ୟ ଏହି ଅଡିଟ୍‌ର ଫଳାଫଳକୁ ସ୍ୱୀକାର କରିଛି ଓ ନିର୍ଦ୍ଧାରିତ ସମୟ ସୁଦ୍ଧା ଡିଜିସିଏକୁ ଜବାବ ଦେବ ବୋଲି କହିଛି।

ପୂର୍ବରୁ ଡିଜିସିଏ ଜୁଲାଇ ୨୩ରେ ଏୟାର ଇଣ୍ଡିଆକୁ ୪ଟି କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। କେବିନ କ୍ରୁମାନଙ୍କର ବିଶ୍ରାମ ଓ ଡ୍ୟୁଟି ନିୟମ, ଟ୍ରେନିଂ ନିୟମ ଓ ଅପରେସନ ପ୍ରସିଜିଅର ଉଲ୍ଲଂଘନକୁ ନେଇ ଏହି ନୋଟିସ ଜାରି କରାଯାଇଥିଲା। ଗୁରୁଗ୍ରାମ୍‌ରେ ଏୟାର ଇଣ୍ଡିଆର ମୁଖ୍ୟ ସେଣ୍ଟରରେ ଜୁଲାଇ ୧ରୁ ୪ ତାରିଖ ମଧ୍ୟରେ ଡିଜିସିଏ ତରଫରୁ ଏହି ବଡ଼ ଧରଣର ଅଡିଟ୍ ହୋଇଥିଲା। ଡିଜିସିଏ ମଧ୍ୟ ମାର୍ଚ୍ଚରେ ଏୟାର ଇଣ୍ଡିଆ ଏକ୍ସପ୍ରେସକୁ ଭର୍ତ୍ସନା କରିଥିଲା।

ଉଲ୍ଲେଖଥାଉ କି, ଅହମଦାବାଦରେ ଜୁଲାଇ ୧୨ରେ ଏୟାର ଇଣ୍ଡିଆ ବିମାନ ୧୭୧ ଟେକ୍ ଅଫ୍ କରିବାର କିଛି ସେକେଣ୍ଡ ପରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏହା ପରେ ଏୟାର ଇଣ୍ଡିଆ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ଦୁର୍ଘଟଣାରେ ମୋଟ ୨୬୦ ଜଣ ଲୋକ ପ୍ରାଣ ହରାଇଥିଲେ ଓ ୬୮ ଜଣ ଆହତ ହୋଇଥିଲେ। ଏହି ବିମାନ ଅହମଦାବାଦ୍‌ରୁ ଲଣ୍ଡନ ଯାଉଥିଲା।

## ମାଛଗାଁ କେନାଲ ବନ୍ଧରେ ୧୦ ଫୁଟର ଘାଇ

### ୫-୫ନଂ ଜାତୀୟ ରାଜପଥରେ ଆଣ୍ଠୁଏ ପାଣି




**ଜଗତସିଂହପୁର/ରଘୁନାଥପୁର, ୩୦।୭(ସମିସ):** ଜଗତସିଂହପୁର-କଟକ ରାସ୍ତାର ତରିକୁନ୍ଦ ନିକଟରେ ମାଛଗାଁ ମୁଖ୍ୟ କେନାଲ ବନ୍ଧରେ ଆଜି ଅପରାହ୍ନରେ ୧୦ ଫୁଟର ଘାଇ ହେବାରୁ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ପାଣିର ସୁଅ ପ୍ରବଳ ଥିବାରୁ ତରିକୁନ୍ଦ ପଞ୍ଚାୟତ ଅଫିସ ଗୃହ ଓ ପୁଲିସ ଫାଣ୍ଡି ପରିସରରେ ପାଣି ପଶିବା ସହିତ ଜାତୀୟ ରାଜପଥ ୫୫ ଉପରେ ଦୁଇ ଫୁଟର ପାଣି ଚାଲିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ସୂଚନା ମୁତାବକ, ଆଜି ଅପରାହ୍ନ ୧.୩୦ରୁ ୨ଟା ମଧ୍ୟରେ ମାଛଗାଁ କେନାଲ ବନ୍ଧ ଭାଙ୍ଗିଯିବାରୁ ଅନେକ ଘର ଜଳବନ୍ଦୀ ହୋଇଥିବାବେଳେ ବହୁ ଦୋକାନରେ ପାଣି ପସିଯାଇଛି। ବ୍ୟାପକ ଚାଷଜମି ଜଳମଗ୍ନ ହୋଇ ତରିକୁନ୍ଦ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ୨୦୨୩ ଜୁଲାଇ ମାସରେ ମଧ ଏହି ସ୍ଥାନରେ ଓ ଦଳେଇଘାଇ ନିକଟରେ ମାଛଗାଁ କେନାଲ ବନ୍ଧ ଭାଙ୍ଗି ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଥିଲା। ଜଳସେଚନ ବିଭାଗର ଦାୟିତ୍ୱହୀନତା, କେନାଲ ସଫେଇ ନାମରେ ଜେସିବି ଲଗାଇ ମାଟି ତାଡ଼ିଦେବା ଓ ଦୁର୍ବଳ କେନାଲ ବନ୍ଧରେ ଗାର୍ଡୱାଲ କରା ନ ଯିବାରୁ ମାଛଗାଁ କେନାଲ କୂଳରେ ଥିବା ତରିକୁନ୍ଦ ବଜାର ଓ ଆଖପାଖ ଅଞ୍ଚଳରେ ବାରମ୍ବାର ବନ୍ଧ ଭାଙ୍ଗି ବ୍ୟାପକ କ୍ଷତିଗ୍ରସ୍ତ ହେଉଥିବା ସାଧାରଣରେ ଅଭିଯୋଗ କରାଯାଇଛି। ଚଳିତ ବର୍ଷ ବିଳମ୍ବରେ ଅର୍ଥାତ ଗତ ୨୪ ତାରିଖରେ ମାଛଗାଁ ମୁଖ୍ୟ କେନାଲ ଓ ଶାଖା କେନାଲରେ ପାଣି ଛଡ଼ାଯାଇଛି। ପୂର୍ବରୁ ଏହି ସ୍ଥାନରେ ଘାଇ ହୋଇଥିବାରୁ ଜଳସେଚନ ବିଭାଗ ଯନ୍ତ୍ରୀ ପାଣି ଆସିବା ପୂର୍ବରୁ କେନାଲ ବନ୍ଧ ସଠିକ୍ ଭାବେ ତଦାରଖ ନ କରି ମନମୁଖୀ ଭାବେ ଭରାପାଣି ଛାଡି ଦେବାରୁ ତରିକୁନ୍ଦଠାରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ।

**ମହଙ୍ଗା ପଡ଼ିଲା ଭାଗିଦାରିରେ ସମ୍ପତ୍ତି**

## ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

**ଭୁବନେଶ୍ୱର,୩୦।୭ (ସମିସ):** ଭାଗିଦାରିରେ ସମ୍ପତ୍ତି ଠୁଳ କରିବା ସରକାରୀ ବାବୁଙ୍କ ପାଇଁ ମହଙ୍ଗା ପଡ଼ିଛି। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଗୋଟିଏ ଆୟ ବହିର୍ଭୂତ ମାମଲାର ତଦନ୍ତ କରୁଥିବା ବେଳେ ଆଉଜଣେ ସହକାରୀ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ-୩ର ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କ ଘରେ ଚଢ଼ଉ କରିଛି ଭିଜିଲାନ୍ସ। ସୂଚନା ଅନୁସାରେ, ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଭିଜିଲାନ୍ସ ଟିମ୍ ଗତକାଲି ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ-୩ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଚଢ଼ଉ କରିଥିଲା। ଶ୍ରୀ ଜେନା ଓ ତାଙ୍କ ସଂପର୍କୀୟଙ୍କ ନାମରେ ଥିବା କୋଠା, ଦୁଇଟି ଫ୍ଲାଟ୍, ଦୁଇଟି ମଲ୍‌ରେ ଦୋକାନ ଘର, ଭୁବନେଶ୍ୱର, ନୟାଗଡ଼ ଓ ଖୋର୍ଦ୍ଧାରେ ୧୩ଟି ପ୍ଲଟ୍ ସମେତ ଅନ୍ୟାନ୍ୟ ସମ୍ପତ୍ତି ଠାବ କରିଥିଲା।



ତଦନ୍ତ ବେଳେ ସାଙ୍ଘାତିକ ସତ ପଦାକୁ ଆସିଥିଲା। ରାଜକିଶୋର ଜେନା ଓ ସେହି ଡିଭିଜନରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଅଶୋକ କୁମାର ପଣ୍ଡା ନିଜ ନିଜ ପତ୍ନୀଙ୍କ ନାମରେ ମିଳିତ ଭାବେ କସ୍‌ମୋପଲିସରେ ଏକ ଫ୍ଲାଟ୍ କିଣିଥିବା ଜଣାପଡ଼ିଥିଲା। ଆଉ ସେହି ଫ୍ଲାଟରେ ହିଁ ଅଶୋକ କୁମାର ପଣ୍ଡା ପରିବାର ସହ ରହୁଛନ୍ତି। କେବଳ ଗୋଟିଏ ନୁହଁ; ଏକାଧିକ ସମ୍ପତ୍ତି ଉଭୟଙ୍କ ଯୁଗ୍ମ ମାଲିକାନାରେ ରହିଥିବାବେଳେ ଟଙ୍କା ଦେଣନେଣ ସାମ୍ନାକୁ ଆସିଥିଲା। ଭାଗିଦାରିରେ ସମ୍ପତ୍ତି ଠାବ ହେବାପରେ ଶ୍ରୀ ପଣ୍ଡା ଭିଜିଲାନ୍ସ ସ୍କାନରକୁ ଆପେ ଆସି ଯାଇଥିଲେ। ଗତକାଲି ଭିଜିଲାନ୍ସର ଏକ ଟିମ୍ ଉକ୍ତ ଫ୍ଲାଟରେ ଚଢ଼ଉ କରିବାବେଳେ ବାହାର ପଟୁ ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ଶ୍ରୀ ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ଫୋନ୍ ମଧ ସୁଇଚ୍ ଅଫ୍ ରହିଥିଲା। ତେବେ ବିଭିନ୍ନ ସ୍ଥାନରେ ଚଢ଼ଉ ସାରି ରାତିରେ କସ୍‌ମୋପଲିସ୍ ସ୍ଥିତ ଫ୍ଲାଟକୁ ସିଲ୍ କରିବାବେଳେ ଶୀ ପଣ୍ଡା ବାହାର ପଟୁ ତାଲା ପକାଇ ପରିବାର ସହ

- ବାହାରୁ ତାଲା ପକାଇ ସପରିବାର ଘରେ ଲୁଚିଥିଲେ
- ଚଢ଼ଉ ବେଳେ ଝରକା ପଟେ ଫୋପାଡ଼ିଲେ ଟଙ୍କା ବ୍ୟାଗ୍
- ଠାବ ହେଲାଣି ୨ କୋଠା, ୨ ଦୋକାନ ଘର ଓ ଗୋଟିଏ ଫ୍ଲାଟ୍

ଫ୍ଲାଟ୍ ଭିତରେ ଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଥିଲେ। ଫ୍ଲାଟ୍ ସିଲ୍ ହେଉଥିବା ଜାଣିପାରି ଶ୍ରୀ ପଣ୍ଡା ଭିଜିଲାନ୍ସ ନିକଟରେ ହାଜର ହୋଇଥିଲେ। ଘରେ ଲୁଚିଥିବା ସମୟରେ ଶ୍ରୀ ପଣ୍ଡା ଏକ ଟଙ୍କା ଭର୍ତ୍ତି ବ୍ୟାଗ୍ ଝରକା ପଟେ ବାହାରକୁ ଫୋପାଡ଼ିଥିଲେ। ଆଜି ସକାଳୁ ଉକ୍ତ ବ୍ୟାଗକୁ ଭିଜିଲାନ୍ସ ଜବତ କରିଥିଲା। ବ୍ୟାଗ୍ ଭିତରୁ ୧ ଲକ୍ଷ ଟଙ୍କା, ୬୦ ଗ୍ରାମ ଓଜନର ସୁନାଗହଣା, ୧୦ ଗ୍ରାମର ରୁପା କଏନ, ଜମି ପଟ୍ଟା, ମୋବାଇଲ ଫୋନ, ଗାଡ଼ି ଚାବି ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରାଯାଇଛି।

ଅଶୋକ କୁମାର ପଣ୍ଡା ୨୦୦୭ ଏପ୍ରିଲ ମାସରେ କନିଷ୍ଠ ଯନ୍ତ୍ରୀ (ଠିକା) ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ୨୦୧୩ ଏପ୍ରିଲ ବେଳକୁ ତାଙ୍କ ଚାକିରି କନିଷ୍ଠ ଯନ୍ତ୍ରୀ (ସିଭିଲ) ନିୟମିତ ହୋଇ ଯାଇଥିଲା। ୨୦୧୪ ମସିହାରୁ ୨୦୨୦ ମସିହା ପର୍ଯ୍ୟନ୍ତ ଭୁବନେଶ୍ୱର ରୁରାଲ ୱାର୍କ ଡିଭିଜନ, ସମ୍ବଲପୁର ଗୁଣବତ୍ତା ନିୟନ୍ତ୍ରଣ ଡିଭିଜନ, ଖୋର୍ଦ୍ଧା ରାସ୍ତା ଓ କୋଠାବାଡ଼ି ଡିଭିଜନ, ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନରେ କନିଷ୍ଠ ଯନ୍ତ୍ରୀ ଭାବେ କାମ କରିଥିଲେ। ୨୦୨୦ ଡିସେମ୍ବର ମାସରେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ। ପଦୋନ୍ନତି ପରେ ମଧ ସେହି ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ-୩ରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ୧୮ ବର୍ଷର ଚାକିରି କାଳରେ ପ୍ରାୟ ୧୦ ବର୍ଷରୁ ଅଧିକ ସେ ଭୁବନେଶ୍ୱରରେ ବିତାଇଛନ୍ତି।

ଏତେ ସବୁ ଜବତ କରିବା ପରେ ବିଭିନ୍ନ ଶ୍ରୀ ପଣ୍ଡା ଓ ତାଙ୍କ ପରିବାରର ବେଆଇନ ସମ୍ପତ୍ତି ଠାବ କରିବାକୁ ଭିଜିଲାନ୍ସ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ ୨ଟି ଦୋକାନଘର, ସିମ୍ଫନୀ ମଲରେ ଗୋଟିଏ ଦୋକାନଘର, ସୋମନାଥ ନଗରରେ ୪ ମହଲା କୋଠା, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀରେ ୩ ମହଲା କୋଠା, କସ୍‌ମୋପଲିସ୍‌ସ୍ଥିତ ଫ୍ଲାଟ୍, ଗୋଟିଏ କାର୍ ଓ ୧୭ ଲକ୍ଷ ଟଙ୍କାର ପୋଷ୍ଟାଲ ଜମା ଠାବ କରିଛି ଭିଜିଲାନ୍ସ।

### ଜେଲ୍ ଗଲେ ରାଜକିଶୋର

**ଭୁବନେଶ୍ୱର,୩୦।୭ (ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନ- ୩ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି। ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ରାଜକିଶୋରଙ୍କ ଘରେ ଚଢ଼ଉ କରିଥିଲା। ନୀଳାଦ୍ରି ବିହାରରେ ଗୋଟିଏ ୩ ମହଲା କୋଠା, କସ୍‌ମୋପଲିସ୍ ଆପାର୍ଟମେଣ୍ଟରେ ଫ୍ଲାଟ୍, ଗ୍ୟାଲେରିଆ ଏବଂ ସିମ୍ଫନୀ ମଲ୍‌ରେ ୨ଟି ବାଣିଜ୍ୟିକ ଆଉଟ୍‌ଲେଟ୍ (ଦୋକାନଘର), ୭୫ ଲକ୍ଷ ଟଙ୍କା ଜମା ଠାବ ହୋଇଥିଲା। ଏଥିସହିତ ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ରେ ୧୩ଟି ମୂଲ୍ୟବାନ ପ୍ଲଟ୍ ମଧ ଠାବ କରିଥିଲା ଭିଜିଲାନ୍ସ। ଏହାବ୍ୟତୀତ ରାଜକିଶୋର ତାଙ୍କ ଦୁଇ ପିଲାଙ୍କ ପାଠପଢ଼ାରେ ପ୍ରାୟ ୬୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଥିଲା। ତେବେ ଏତେ ପରିମାଣର ଟଙ୍କା କେଉଁଠୁ ଆସିଲା, ସେନେଇ ରାଜକିଶୋର କୌଣସି ସନ୍ତୋଷଜନକ ହିସାବ ଦେଇ ପାରି ନ ଥିଲେ। ଏନେଇ ଭିଜିଲାନ୍ସ ଥାନା କେସ୍ ନଂ - ୯/୨୫ରେ ଏକ ମାମଲା ରୁଜୁ କରିଛି।

## ଅପରେସନ୍ ସିନ୍ଦୂର ଭାରତୀୟ ସେନାର ଅତୁଳନୀୟ ସାହସ, ଶୃଙ୍ଖଳାର ପ୍ରତିଫଳନ: ମାନସ ମଙ୍ଗରାଜ

**ଭୁବନେଶ୍ୱର,୩୦।୭(ସମିସ):** ସଂସଦରେ ଅପରେସନ ସିନ୍ଦୂର ସଂକ୍ରାନ୍ତ ଆଲୋଚନାରେ ଭାରତୀୟ ସେନାର ଅତୁଳନୀୟ ସାହସ, ଶୃଙ୍ଖଳା ଓ ବୃତ୍ତିଗତ ମନୋଭାବକୁ ପ୍ରଶଂସା କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମାନସରଞ୍ଜନ ମଙ୍ଗରାଜ। ରାଜ୍ୟସଭାରେ ଅପରେସନ ସିନ୍ଦୂର ଚାଲିଥିବା ବିତର୍କରେ ଭାଗ ନେଇ ସେ ଅପରେସନ ସିନ୍ଦୂରରେ ଭାରତୀୟ ସେନାର ଭୂମିକା ରାଜନୈତିକ ସୀମାରେଖାରୁ ଉର୍ଦ୍ଧ୍ୱରେ ଓ ଏଥିପାଇଁ ସମସ୍ତେ ଏହି ଅପରେସନରେ ସାମିଲ ହୋଇଥିବା ପ୍ରତ୍ୟେକ ଅଧିକାରୀ, ସୈନିକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ଆବଶ୍ୟକ।

ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ପହଲଗାମରେ ଆତଙ୍କବାଦୀଙ୍କ ଭୀରୁତାପୂର୍ଣ୍ଣ ଆକ୍ରମଣ ପରେ ଗତ ମେ ୭ ତାରିଖରେ ଭାରତୀୟ ସେନା ଯେଉଁଭଳି ଭାବେ ଅସାଧାରଣ ଓ ଐତିହାସିକ ଅପରେସନ ସିନ୍ଦୁରକୁ କାର୍ଯ୍ୟକାରୀ କରିଥିଲା, ସେଥିପାଇଁ ଭାରତୀୟ ସଶସ୍ତ୍ର ବାହିନୀ ନିକଟରେ ଆମେ କୃତଜ୍ଞ। ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଶିବିରକୁ ଧୂଳିସାତ୍ କରିବା ପାଇଁ ଏହି ଅପରେସନ କାର୍ଯ୍ୟକାରୀ କରାଯାଇଥିଲା। ଅପରେସନ ସିନ୍ଦୂର ଜରିଆରେ ଭାରତ ସାରା ବିଶ୍ୱକୁ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ, ଭାରତ ଆତଙ୍କବାଦକୁ ସହ୍ୟ କରିବ ନାହିଁ କିମ୍ବା ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ହେଲେ ଚୁପ ରହିବ ନାହିଁ। ଅପରେସନ ସିନ୍ଦୂର କେବଳ



ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନଥିଲା। ଏହା ଆମ ସେନାବାହିନୀର ଶକ୍ତି ଏବଂ ଯୁଦ୍ଧ ପ୍ରସ୍ତୁତିର ଏକ ପ୍ରମାଣ ଥିଲା। ଏହା ପ୍ରମାଣିତ କରୁଛି ଯେ, ସୁଉଚ୍ଚ ହିମାଳୟ, ଘନ ଜଙ୍ଗଲ ହେଉ କିମ୍ବା ପ୍ରତିକୂଳ ପରିସ୍ଥିତି କିଛି ବି ଭାରତୀୟ ସେନା ପାଇଁ ଅପହଞ୍ଚ ନୁହେଁ। ସବୁ ପରିସ୍ଥିତିରେ ଆମର ସୈନିକ ମାନେ ନିର୍ଭୀକ ଭାବେ କାର୍ଯ୍ୟ କରିବାର କ୍ଷମତା ରଖନ୍ତି। ଏହି ମିଶନର ସାମରିକ ସଠିକତା କେବଳ ପ୍ରେରଣାଦାୟୀ ନୁହେଁ, ବରଂ ଏହା ପଛରେ ଥିବା ମୂଲ୍ୟବୋଧ ବେଶ୍ ଗୁରୁତ୍ୱ ବହନ କରୁଛି। ଜାତୀୟ ସୁରକ୍ଷା ଏବଂ ମାନବୀୟ ନୀତି ଉଭୟ ପ୍ରତି ଭାରତର ଅଟଳ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି। ଆମର ସେନା ବାହିନୀ ସାଧାରଣ ଲୋକଙ୍କ ଜୀବନ ରକ୍ଷାରେ ବିଶ୍ୱାସ କରେ ଏବଂ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ମଧ ପ୍ରତ୍ୟେକ ନାଗରିକର ମର୍ଯ୍ୟାଦା ବଜାୟ ରଖିଥାଏ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ଓଡ଼ିଶାରୁ ମୁଁ ପ୍ରତିନିଧିତ୍ୱ କରୁଥିବା ବେଳେ ଓଡ଼ିଶାର ଲୋକମାନେ ମଧ ସବୁ ସମୟରେ ଆମ ସଶସ୍ତ୍ର ବାହିନୀର ସମର୍ଥନରେ ଠିଆ ହୋଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି ସାମରିକ କାର୍ଯ୍ୟକଳାପ ପର୍ଯ୍ୟନ୍ତ; ଭାରତୀୟ ସେନା ସବୁବେଳେ ଶୃଙ୍ଖଳା ଏବଂ ନିଜ କାର୍ଯ୍ୟରେ କର୍ତ୍ତବ୍ୟନିଷ୍ଠ ରହି ଆସିଛି ବୋଲି ଶ୍ରୀ ମଙ୍ଗରାଜ ମତବ୍ୟକ୍ତ କରିଛନ୍ତି।

## ଘରେ ଶୋଇଥିବା ବୃଦ୍ଧାଙ୍କୁ ଘୋଷାଡ଼ିନେଇ ମାରିଦେଲେ ହାତୀପଲ

**ତେଲକୋଇ,୩୦।୭(ସମିସ):** କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ବଣୁଆ ହାତୀଙ୍କ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ବୃଦ୍ଧାଙ୍କୁ ଘରେ ଶୋଇଥିବା ଅବସ୍ଥାରେ ହାତୀପଲ ମାରି ଦେଇଛନ୍ତି। ମୃତ ମହିଳା ହେଉଛନ୍ତି କାଳିଆହତା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଗଳଦା ଗାଁର ବିନା ମାଝି (୬୦)। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିବା ବେଳେ ପାଖରେ ଶୋଇଥିବା ତାଙ୍କ ନାତୁଣି ବର୍ତ୍ତି ଯାଇଛନ୍ତି। ତେଲକୋଇ ବନ ବିଭାଗ ଓ କାଳିଆହତା ଫାଣ୍ଡି ଅଧିକାରୀ ଘଟଣାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନା ମୁତାବକ, ଉକ୍ତ ଅଞ୍ଚଳରେ ଦୀର୍ଘଦିନ ହେବ ୯ ଟିକିଆ ହାତୀପଲ ଡେରା ପକାଇଛନ୍ତି। ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟାଉଥିବା ବେଳେ ଗତକାଲି ରାତିରେ ଗଳଦା ଗ୍ରାମକୁ ପଶି ଆସିଥିଲେ। ଅସହାୟ ବନିତା ମାଝୀଙ୍କ ଘରକୁ ଭାଙ୍ଗି ଧାନ ଚାଉଳ ଖାଇବା ସହ ତାଙ୍କୁ ଝରକା ବାଟ ଦେଇ ଟେକି ନେଇଥିଲେ। ଅତି ନିର୍ମମ ଭାବେ କଚାଡି ମାରିଥିବା ଜଣାପଡ଼ିଛି। ସାହିପଡ଼ିଶାଙ୍କ ପାଟିତୁଣ୍ଡ ମଧ ହାତୀ ଶୁଣି ନଥିଲେ। ଅନ୍ୟପଟେ, ବନ ବିଭାଗ ବିଳମ୍ବରେ ଘଟଣାସ୍ଥଳକୁ ପହଞ୍ଚିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ବନ ବିଭାଗ ମଧ ହାତୀ ନିରୀକ୍ଷଣ କରିବା ଓ ଲୋକଙ୍କୁ ସୁରକ୍ଷା ଯୋଗାଇବାରେ ଫେଲ ମାରିଥିବା ଅଭିଯୋଗ ହୋଇଛି। ହାତୀ ଚଳପ୍ରଚଳ କରୁଥିବା ନିକଟବର୍ତ୍ତୀ ଗାଁ ଓ ସାହିଗୁଡିକରେ ବନ ବିଭାଗ ଡାକବାଜି ଯନ୍ତ୍ର ଦ୍ୱାରା ସତର୍କ ସୂଚନା ମଧ ଦେଉ ନଥିବା ଅଭିଯୋଗ ହୋଇଛି।

## ନାରୀକୁ ନ୍ୟାୟ ପ୍ରତିବାଦରେ ମହିଳା କଂଗ୍ରେସର ବିକ୍ଷୋଭ




**ଭୁବନେଶ୍ୱର,୩୦।୭(ସମିସ):** ନାରୀ ହିଂସା ପ୍ରତିବାଦରେ ମହିଳା କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ ସହ ନିଆରା ରାଲି କରିଛି। ଏହି ସମୟରେ ପୁଲିସ ଓ ମହିଳା କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ସ୍ଥିତି ସୃଷ୍ଟି ହୋଇଥିବା ବେଳେ ବହୁ ମହିଳା କଂଗ୍ରେସ କର୍ମୀଙ୍କୁ ପୁଲିସ ରାସ୍ତାରୁ ଉଠାଇ ନେଇଛି। ରାଜ୍ୟ ମହିଳା କଂଗ୍ରେସର ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଶତାଧିକ ମହିଳା କଂଗ୍ରେସ ନେତ୍ରୀ ବୁଧବାର କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରାରେ ବାହାରି ବିଜେପି ପାର୍ଟି ଅଫିସ ଆଡକୁ ଯାଇ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିଜେପି ସଭାପତିଙ୍କ ଫଟୋରେ ପ୍ରତୀକାତ୍ମକ ଭାବେ ଚୁଡ଼ି ପିନ୍ଧାଇବା ସହ ପୋଷ୍ଟର ଦାହ କରିଥିଲେ।

ମହିଳା ନେତ୍ରୀମାନେ ହାତରେ ଫ୍ଲା-କାର୍ଡ ଧରି ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ହିଂସା ବିରୋଧରେ ପ୍ରବଳ ଗର୍ଜିବା ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଇସ୍ତଫା ଦାବି କରିଥିଲେ। ଯେପର୍ଯ୍ୟନ୍ତ ନାରୀଙ୍କୁ ନ୍ୟାୟ ପ୍ରଦାନ ସହ ରାଜ୍ୟରେ ନାରୀଙ୍କୁ ସମ୍ମାନ ଓ ଆଇନଶୃଙ୍ଖଳା ଠିକ୍ ନ ହୋଇଛି, ସେଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ମହିଳା କଂଗ୍ରେସ ପକ୍ଷରୁ କୁହାଯାଇଛି। ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହାନିପତି କହିଛନ୍ତି ଯେ ବିଜେପିର ଜଣେ ବଡ଼ ନେତା ମହିଳାମାନଙ୍କୁ କିପରି ନିର୍ଯାତନା ଦେଉଥିଲେ, ତାହା ଓଡ଼ିଶାବାସୀ ଦେଖିଛନ୍ତି। ତାଙ୍କୁ ଦିଲ୍ଲୀରେ ଓଡ଼ିଶା ଭବନଠାରେ ଚାବି ପକାଯାଇଥିଲା। ସେ ଏବେ କଂଗ୍ରେସ ଦଳ କଥା କହୁଛନ୍ତି। ସରକାରଙ୍କଠାରୁ ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ମଗାଯାଉଛି। ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ମହିଳା ସୁରକ୍ଷିତ ନାହାନ୍ତି। ସେ କିପରି ରାଜ୍ୟର ମହିଳାଙ୍କୁ ସୁରକ୍ଷା ଦେବେ। ତେଣୁ ସେ ଇସ୍ତଫା ଦେଇଦେବା ଉଚିତ ବୋଲି ସେ କହିଛନ୍ତି।

## ଇବ୍ ନଦୀରେ ଭାସିଯାଇ ୨ ଯୁବକ ନିଖୋଜ

**ବାଲିଶଙ୍କରା,୩୦।୭(ସମିସ):** ବାଲିଶଙ୍କରା ବ୍ଲକ୍‌ର ପିକ୍‌ନିକ୍ ସ୍ପଟ କନାକୁଣ୍ଡକୁ ବୁଲିବାକୁ ଆସିଥିବା ୨ ଯୁବକ ଇବ୍ ନଦୀରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକ ଦୁଇ ଜଣ ହେଲେ ଜୟନାରାୟଣ ପାତ୍ର (୧୮) ଓ ରୋଶନ ପାଶୱାନ (୧୯)। ସୂଚନାନୁଯାୟୀ, ସମ୍ବଲପୁର ଜିଲ୍ଲାର ବାମରା ଗୋବିନ୍ଦପୁରର ମୁଣ୍ଡାପଡାର ୩ ଜଣ ସାଙ୍ଗ ଗୋଟିଏ ବୁଲେଟ ବାଇକରେ କନାକୁଣ୍ଡକୁ ବୁଲିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଆକାଶ ପାତ୍ର (୨୩) ବାହାରେ ବୁଲାବୁଲି କରୁଥିବାବେଳେ ନିଖୋଜ ଦୁଇ ଯୁବକ ଜୟନାରାୟଣ ଓ ରୋଶନ ଇବ୍ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଉଭୟ ପ୍ରଖର ଜଳସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ଏହା ଦେଖି ଆକାଶ ବାଲିଶଙ୍କରା ଦମକଳ ବାହିନୀ ଓ ତଲସରା ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବାଲିଶଙ୍କରା ଦମକଳ ବାହିନୀ ଓ ତଲସରା ପୁଲିସ ପହଞ୍ଚି ନିଖୋଜ ୨ ଜଣ ଯୁବକଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଆରମ୍ଭ କରିଛି। ତଲସରା ପୁଲିସ ଘଟଣାର ତଦନ୍ତ କରୁଛି। ଖବର ଲେଖା ହେବା ପର୍ଯ୍ୟନ୍ତ ନିଖୋଜ ଦୁଇ ଯୁବକଙ୍କ କୌଣସି ସନ୍ଧାନ ମିଳିନାହିଁ। ପ୍ରକାଶ ଯେ, ପୂର୍ବରୁ ମଧ ଏହି ସ୍ଥାନରେ ୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବା ନଜିର ରହିଛି।





## ନାବାଳିକା ଛାତ୍ରୀ ଦୁଷ୍କର୍ମ ମାମଲାରେ ଟିଉସନ ଶିକ୍ଷକଙ୍କୁ ଜେଲ୍

**ଭଦ୍ରକ, ୩୦।୭(ସମିସ):** ଜଣେ ୫ମ ଶ୍ରେଣୀରେ ପଢୁଥିବା ନାବାଳିକା ଛାତ୍ରୀକୁ ଦୁଷ୍କର୍ମ କରି ଜେଲ ଗଲେ ଟିଉସନ ଶିକ୍ଷକ। ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧିନ ଭାଟପଡା ପଞ୍ଚାୟତରେ। ଅଭିଯୋଗ ମୁତାବକ, ଉକ୍ତ ଗାଁର ଅଜିତ ଭୋଇ ଛୋଟ ଛୋଟ ପିଲାମାନଙ୍କୁ ଟିଉସନ କରନ୍ତି। ଗତକାଲି ସନ୍ଧ୍ୟାରେ ଲଘୁଚାପ ପ୍ରଭାବରେ ଜୋର ବର୍ଷା ହେଉଥିବାରୁ ଜଣେ ୫ମ ଶ୍ରେଣୀ ଛାତ୍ରୀକୁ ଛାଡି ଅନ୍ୟ କୌଣସି ପିଲା ଟିଉସନ ଆସି ନ ଥିଲେ। ଏହାର ସୁଯୋଗ ନେଇ ଶିକ୍ଷକ ଜଣକ ଉକ୍ତ ଛାତ୍ରୀଙ୍କ ସହ ଦୁଷ୍କର୍ମ କରିଥିଲେ। ଏକଥା ଛାତ୍ରୀ ଜଣଙ୍କଟି କାନ୍ଦି କାନ୍ଦି ଯାଇ ନିଜ ମାଆ ପାଖରେ କହିଥିଲା। ପରେ ପରିବାର ଲୋକେ ଚାନ୍ଦବାଲି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇବା ପରେ ଘଟଣାକୁ ଗୁରୁତର ସହ ନେବା ସହ ଅଭିଯୁକ୍ତ ଟିଉସନ ଶିକ୍ଷକ ଅଜିତ ଭୋଇକୁ ଗିରଫ କରିଥିଲା। ଅଭିଯୁକ୍ତ ସମ୍ପୃକ୍ତ ଟିଉସନ ଶିକ୍ଷକକୁ ବୁଧବାର କୋର୍ଟ ଚାଲାଣ କରିଛି ଚାନ୍ଦବାଲି ପୁଲିସ।

## ରାକ୍ଷୀ ପୂର୍ଣ୍ଣମୀରେ ସୁଭଦ୍ରା ତୃତୀୟ କିସ୍ତି

- ଯୋଗ୍ୟ ହିତାଧିକାରୀଙ୍କୁ ଏକାଥରକେ ମିଳିବ
- ବଞ୍ଚିତ ହେବେ ୬୦ପର ୯୩ ହଜାର ମହିଳା

**ଭୁବନେଶ୍ୱର,୩୦।୭(ସମିସ):** ଆସନ୍ତା ଅଗଷ୍ଟ ୯ ତାରିଖ ରାକ୍ଷୀ ପୂର୍ଣ୍ଣମୀରେ ମିଳିବ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା। ଏହାପରେ ପୁଣି ସୁଭଦ୍ରା ପୋର୍ଟାଲ ଖୋଲିବ। ୨୧ ବର୍ଷ ହୋଇଥିବା ମହିଳାମାନେ ଆବେଦନ କରିପାରିବେ। ଏବଂ ଯେଉଁମାନେ ୬୦ବର୍ଷ ଅତିକ୍ରମ କରିଯାଇଛନ୍ତି ସେମାନଙ୍କୁ ଭତ୍ତା ପ୍ରଦାନ କରାଯିବ। ୬୦ବର୍ଷ ହୋଇଥିବା ପ୍ରାୟ ୯୩ ହଜାର ମହିଳାଙ୍କ ତଥ୍ୟ ସିଧାସଳଖ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ପ୍ରଦାନ କରାଯାଇଛି। ଯେଉଁମାନେ ସୁଭଦ୍ରାରୁ ବଞ୍ଚିତ ହେବେ ସେମାନେ ଭତ୍ତାରେ ଯୋଡ଼ି ହେବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏବେ ୨ଲକ୍ଷ ହିତାଧିକାରୀଙ୍କୁ ରଦ୍ଦ କରାଯାଇଛି। କେଉଁ କାରଣରୁ ବାଦ୍ ପଡ଼ିଛନ୍ତି ସେମାନଙ୍କ ତାଦରଖ କରାଯିବ। ପ୍ରଥମ କିସ୍ତି ନେଲା ପରେ ଆଇଟି ରିଟର୍ଣ୍ଣ, ଗାଡି କିଣା ଏବଂ ସେମାନଙ୍କର ୫ ଏକର ଜମି ଥିବା ସଂକ୍ରାନ୍ତରେ ଯେଉଁମାନଙ୍କର ତଥ୍ୟ ମିଳିଛି, ସେମାନଙ୍କୁ ଯୋଜନାରୁ ବାଦ୍ ଦିଆଯାଇଛି। ଜମି ସମ୍ବନ୍ଧୀୟ ତଥ୍ୟ ପାଇଁ ତହସିଲଦାର ବା ରାଜସ୍ୱ ବିଭାଗ, ଆଇଟି ରିଟର୍ଣ୍ଣରେ ଆୟକର ବିଭାଗ ଏବଂ ଯେଉଁମାନେ ଗାଡ଼ି କିଣିଛନ୍ତି ସେଥିପାଇଁ ଟ୍ରାନ୍ସପୋର୍ଟ ବିଭାଗରୁ ତୃଣମୂଳସ୍ତରରୁ ରିପୋର୍ଟ ଗ୍ରହଣ କରାଯିବ। ସେହିପରି କେହି କେହି ଚୁକ୍ତିଭିତ୍ତିକ ଚାକିରି କରୁଥିବା ବେଳେ ସେମାନେ ସରକାରୀ ଚାକିରି କରୁଥିବା ଦର୍ଶାଯାଇଛି। ତେଣୁ ଏହି ସମସ୍ତ ଦିଗ ଉପରେ ଯାଞ୍ଚ କରାଯିବ। ଅଗଷ୍ଟ ୯ ପରେ ସେମାନଙ୍କୁ ଯୋଡ଼ିବା ପାଇଁ ପୁଣିଥରେ ସର୍ଭେ କରାଯିବ। ଯେଉଁମାନେ ଯୋଗ୍ୟ ହିତାଧିକାରୀ ସେମାନେଙ୍କ ଏକାଥରକେ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରଭାତୀ ପରିଡ଼ା କହିଛନ୍ତି।

■ ଡାକ୍ତର ହେବ ତ ଏମିତି

## ଗାମୁଛା ପିନ୍ଧି ବନ୍ୟା ପାଣିରେ ଯାଇ ଗର୍ଭବତୀଙ୍କୁ ଆଣିଲେ ମେଡିକାଲ

**ରାଜନଗର,୩୦।୭(ସମିସ):** ବ୍ରାହ୍ମଣୀରେ ଦ୍ୱିତୀୟଥର ବନ୍ୟା ଆସିଛି। ରାଜନଗର ବ୍ଲକର ୪ଟି ପଞ୍ଚାୟତର ୨୦ ହଜାର ଲୋକ ପାଣି ଘେରରେ ରହିଛନ୍ତି। ତେବେ ସ୍ୱାସ୍ଥ୍ୟ ବିଭାଗ ବନ୍ୟା ବିପନ୍ନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଉଦାହରଣ ସୃଷ୍ଟି କରିଛି। ବନ୍ୟା ପାଣିରେ ଗାମୁଛା ପିନ୍ଧି ବାଡ଼ି ଧରି ଗର୍ଭବତୀଙ୍କ ପାଖରେ ପହଞ୍ଚି ତାଙ୍କୁ ଟ୍ରଲି ଯୋଗେ ଆଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଯୋଗାଇ ଦେଇଛନ୍ତି।

ରାଜନଗର ବ୍ଲକ୍‌ର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ବାଜପୁର ପଞ୍ଚାୟତ ବନ୍ୟା ପାଣି ଘେରରେ ରହିଛି। ବନ୍ଧପଡ଼ା ପଞ୍ଚାୟତ ଚକିବାଙ୍କ ଗ୍ରାମର ସଙ୍ଘମିତ୍ରା ରାଉତଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ତାଙ୍କ ସ୍ୱାମୀ ପ୍ରସନ୍ନ ରାଉତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଫୋନ ଯୋଗେ ଜଣାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ଓ ଡାକ୍ତର ମନୋରଞ୍ଜନ ନାଥ ଅଢାଯୋଡ଼ି ନିକଟରେ ପହଞ୍ଚିଥିଲେ। ପ୍ରଶାସନ ପକ୍ଷରୁ ଗାଁକୁ ଯିବାକୁ ଡଙ୍ଗା ବ୍ୟବସ୍ଥା ନ ଥିଲା। ଫଳରେ ଦୁଇ ଡାକ୍ତର ଗାମୁଛା ପିନ୍ଧି ଛତା ଓ ବାଡ଼ି ଧରି ବନ୍ୟା ପାଣିରେ ପଶି ଚକିବାଙ୍କ ଗାଁର ଗର୍ଭବତୀ ମହିଳା ସଙ୍ଘମିତ୍ରା ରାଉତଙ୍କ ନିକଟରେ ପହଞ୍ଚିଥିଲେ। ୧ କିଲୋମିଟର ବାଟ ୩ ଫୁଟ୍ ପାଣିରେ ପଶି ପହଞ୍ଚିଥିଲେ। ଗାଁ ଲୋକଙ୍କ ସହଯୋଗରେ ଏକ ଟ୍ରଲି ସାହାଯ୍ୟରେ ଗର୍ଭବତୀ ମହିଳାଙ୍କୁ ବନ୍ୟା ପାଣିରେ ଆଣି ଅଢାଯୋଡି



ନିକଟରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଥିବା ଆମ୍ବୁଲାନ୍ସରେ ରାଜନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଉଛି। ସେହିଭଳି ଟାଙ୍ଗଣତେଲା ଗ୍ରାମର ପ୍ରଭାତ ରାଉତଙ୍କ ଗର୍ଭବତୀ ସ୍ତ୍ରୀ ରୀତାଞ୍ଜଳି ରାଉତଙ୍କୁ ମଧ ବନ୍ୟାଞ୍ଚଳରୁ ଉଦ୍ଧାର କରାଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ଏ ନେଇ ଡାକ୍ତରଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## ଚାଉଳ ଗଣ୍ଡେ ପାଇଁ ଭରାନଈରେ ବୃଦ୍ଧବୃଦ୍ଧା ବାଜି

**ତେଲକୋଇ, ୩୦।୭(ସମିସ):** ଆଧୁନିକତାର ଛାପ ଏବଂ ବିକାଶର ଦ୍ୱାହି ଭିତରେ କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତ ବଡଖମଣ ଗାଁର ଅଧିବାସୀମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ପାଇଁ ହନ୍ତସନ୍ତ ହେବାର ଏକ ଜ୍ୱଳନ୍ତ ଘଟଣା ସାମନାକୁ ଆସିଛି। ବ୍ଲକର ଉପାନ୍ତ ପଞ୍ଚାୟତ ତାଳପଦା ପଞ୍ଚାୟତ। ପଞ୍ଚାୟତରେ ରହିଛି ବଡଖମଣ ଗାଁ। ବଡଖମଣ ଗାଁକୁ ବାଟ ଓଗାଳିଛି ସମାକୋଇ ନଦୀ। ନଦୀରେ ପୋଲ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗାଁର ବୃଦ୍ଧବୃଦ୍ଧା ସରକାରଙ୍କ ଚାଉଳ ପାଇବା ପାଇଁ ଭରା ନଈ ପାରି ହୋଇ ପଞ୍ଚାୟତ କାର୍ଯ୍ୟାଳୟକୁ ଧାଉଁଛନ୍ତି।



ବର୍ଷା ୪ମାସ ଗାଁ ଚାରିପଟେ ସମାକୋଇ ନଦୀ ଘେରି ରହିଥିବାରୁ ଜଳବନ୍ଦୀ ଅବସ୍ଥାରେ ଦିନ କାଟିଥାନ୍ତି ଗାଁଲୋକେ। ଗର୍ଭବତୀ ମହିଳାଙ୍କଠାରୁ ଆରମ୍ଭ କରି ଗୁରୁତର ରୋଗୀମାନଙ୍କୁ ଡାକ୍ତରଖାନା ନେବା କାଠିକର ହୋଇପଡେ। ରୋଗୀଙ୍କୁ ଖଟିଆରେ ବୋହି ନଦୀ ପାରି କରାଇଥାନ୍ତି ଗ୍ରାମବାସୀ। ନଦୀର ଜଳସ୍ତର ବୃଦ୍ଧି ହେଲେ ଗର୍ଭବତୀ ମହିଳା ଓ ଗୁରୁତର ରୋଗୀ ଭଗବାନଙ୍କ ଭରସାରେ ରହିଥାନ୍ତି। ସେହିଭଳି ପଞ୍ଚାୟତରୁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ନେବାପାଇଁ ମଧ ଲୋକଙ୍କୁ ସମାକୋଇ ନଦୀ ପାରି ହେବାକୁ ପଡ଼ିଥାଏ। ବୃଦ୍ଧବୃଦ୍ଧାଙ୍କଠାରୁ ଆରମ୍ଭ କରି ଯୁବକ ପର୍ଯ୍ୟନ୍ତ ସମସ୍ତେ ନିଜର ପେଟ ପାଇଁ ଛାତିଏ ବେକେ ପାଣିରେ ଚାଉଳ ନେବାପାଇଁ ଜୀବନକୁ ବାଜିରେ ଲଗାଇଥାନ୍ତି। କିଏ କାନ୍ଧରେ ବୋହି ତ ଆଉ କିଏ ମୁଣ୍ଡରେ ଚାଉଳ ବସ୍ତା ବୋହି ବିପଦସଙ୍କୁଳ ଅବସ୍ଥାରେ ନଦୀ ପାରି ହୋଇଥାନ୍ତି।

ଗାଁରେ ଦୁଇଟି ସାହିରେ ୧୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ରାସ୍ତାଘାଟର ସୁବିଧା ସେମାନଙ୍କ ନିକଟରେ ଅପହଞ୍ଚ ହୋଇପଡିଛି। ପାଦଚଲା ରାସ୍ତା ଭରସା ପାଲଟିଛି। ଗାଁଗଣ୍ଡାରେ ରାସ୍ତାଘାଟର ଉନ୍ନତି ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସ୍ୱାଧୀନତାର ଅମୃତ ବେଳାରେ ମଧ ବଡଖମଣ ଗାଁ ଲୋକେ ଲୋକେ ବିକାଶର ସ୍ୱାଦ କ'ଣ ଚାଖି ପାରିନାହାନ୍ତି। ରାସ୍ତାଘାଟ ପାନୀୟଜଳ, ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। କେତେ ସରକାର ଗଲେଣି କେତେ ସରକାର ଆସିଲେଣି। ହେଲେ ଲୋକଙ୍କ ସମସ୍ୟା ଦୂର ହେବାର ନାଁ ଧରୁନି। ଦୀର୍ଘଦୀନ ଧରି ବଡଖମଣ ଗ୍ରାମବାସୀ ଯାତାୟାତ ସମସ୍ୟାରେ ଯୁଝି ହେଉଥିବା ବେଳେ କେବେ ସରକାରଙ୍କ ନିଦ ଭାଙ୍ଗୁନାହିଁ କି ସ୍ଥାନୀୟ ପ୍ରଶାସନ ଏମାନଙ୍କ ସମସ୍ୟା ଦୂର କରିବା ପାଇଁ ଆଗଭର ହେଉନାହିଁ। ଆଉ ବଡଖମଣବାସୀଙ୍କ ଯାତାୟାତ ପାଇଁ ସମାକୋଇ ନଦୀ ଉପରେ ପୋଲ ନିର୍ମାଣ ହେଉଛି ତାହା ଦେଖିବାକୁ ବାକି ରହିଲା।

## ଶ୍ୟାମାଖୁଣ୍ଟା ବ୍ଲକରେ ସହକାରୀ ଯନ୍ତ୍ରୀ ଓ ୨ କନିଷ୍ଠ ଯନ୍ତ୍ରୀ ପଦ ଖାଲି

# ୧୪ଟି ପଞ୍ଚାୟତରେ ଉନ୍ନୟନ କାମ ବାଧାପ୍ରାପ୍ତ

ବାରିପଦା, ୩୦।୭ (ସମିସ)

ଶିମିଳିପାଳ ପାଦଦେଶରେ ଥିବା ଶ୍ୟାମାଖୁଣ୍ଟା ବ୍ଲକ ବର୍ତ୍ତମାନ ଦୀପତଳ ଅନ୍ଧକାର ସଦୃଶ୍ୟ ହୋଇଛି। ଏହି ବ୍ଲକରେ ଜଣେ ସହକାରୀ ଯନ୍ତ୍ରୀ ଏବଂ ଦୁଇଜଣ କନିଷ୍ଠ ଯନ୍ତ୍ରୀଙ୍କ ପଦବୀ ଖାଲି ପଡ଼ିଥିବାବେଳେ ବିଡିଓ ମୁନା ସେଠୀଙ୍କୁ ତହସିଲଦାର ଭାବେ ଅତିରିକ୍ତ ଦାୟିତ୍ୱ

**● ବିଡିଓଙ୍କୁ ତହସିଲର ଅତିରିକ୍ତ ଦାୟିତ୍ୱ**

ଦିଆଯାଇଛି। ଫଳରେ ବ୍ଲକର ୧୪ଟି ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଜିଲ୍ଲାର ଅନ୍ୟ ୨୫ଟି ବ୍ଲକ ତୁଳନାରେ ଏହି ବ୍ଲକ ବହୁ ପଛରେ ରହିଛି। ନିକଟରେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁଙ୍କ




ପୌରୋହିତ୍ୟରେ ନିଜ ନିର୍ବାଚନ ମଣ୍ଡଳୀର ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀଙ୍କ ସହିତ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଯୋଗଦେଇ ଅଞ୍ଚଳର ଉନ୍ନୟନ ଖସଡା ପ୍ରସ୍ତୁତ ସହିତ ସମୀକ୍ଷାରେ ଅଂଶ ଗ୍ରହଣ କରିଥିଲେ। ପରନ୍ତୁ ଉପରୋକ୍ତ ଖାଲିଥିବା ତହସିଲଦାର ପଦବୀ ସହିତ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ପଦବୀ ପୂରଣ ସମ୍ବନ୍ଧରେ କେହି ମୁହଁ ଖୋଲି ନ ଥିଲେ। ତହସିଲଦାର ପଦବୀ ଖାଲି ପାଇଁ ବିଡିଓ ଦ୍ୱୈତ ଦାୟିତ୍ୱ ତୁଲାଉଛନ୍ତି। ଶ୍ୟାମାଖୁଣ୍ଟା ଲଘୁଖଣିଜ ସମ୍ପଦ ଲୁଟେରାଙ୍କ ଭୂସ୍ୱର୍ଗ ପାଲଟିଥିବାବେଳେ ତହସିଲଦାର ପଦ ଖାଲି ପଡ଼ିଥିବାରୁ ମାଫିଆଙ୍କୁ ସୁହାଉଛି କହିଲେ ଅତ୍ୟୁକ୍ତି ହେବାନାହିଁ। ବୁଢାବଳଙ୍ଗ ନଦୀର ୭/୮ଟି ବେଆଇନ ଘାଟରୁ ଦିନରାତି ବାଲି ଉତ୍ତୋଳନ ସହିତ ଚୋରାଚାଲାଣ ହେଉଛି। ସେହିପରି ଶିମିଳିପାଳ ପାଦଦେଶରେ ଥିବା ବେଆଇନ ପଥର ଖାଦାନରେ ବ୍ଲାଷ୍ଟିଂ କରି ପଥର ଚୋରାଚାଲାଣ ମଧ୍ୟ ହେଉଛି। ତହସିଲଦାର ପଦରେ ଥିବା ବିଡିଓ ମାଫିଆଙ୍କ ପିଛା କରୁଥିବା ବେଳେ ବ୍ଲକ କାର୍ଯ୍ୟ ଠିକ ଭାବେ ସମ୍ପାଦନ ହୋଇପାରୁନାହିଁ। ଯନ୍ତ୍ରୀ ଅଭାବ ପାଇଁ ବର୍ତ୍ତମାନ ଥିବା ଜଣେ ସହକାରୀ ଯନ୍ତ୍ରୀ ଓ ୩ଜଣ କନିଷ୍ଠ ଯନ୍ତ୍ରୀଙ୍କ ଭାଗରେ ଏକାଧିକ ପଞ୍ଚାୟତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଫଳରେ ବିକଶିତ ଗାଁ, ବିକଶିତ ଭାରତ, ଅନ୍ତେ୍ୟାଦୟ ଆବାସ ଯୋଜନା, ରାସ୍ତା, ଘାଟ, ସରକାରୀ ଉନ୍ନୟନ ପ୍ରକଳ୍ପ ଗୁଡିକର ଅଗ୍ରଗତି ସଠିକ ସମୟ ମଧ୍ୟରେ ହେଉନାହିଁ। ଫଳରେ ଗ୍ରାମ ପଞ୍ଚାୟତ ସ୍ତରରେ ଜନ ଅସନ୍ତୋଷ ତୀବ୍ର ହୋଇଛି। ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ନିଜ ଦଳ ପରିତ୍ୟାଗ କରି ବିଧାୟିକା ସୁଶ୍ରୀ ମୁର୍ମୁଙ୍କ ନେତୃତ୍ୱରେ ବିଜେପିରେ ସାମିଲ ହେଉଥିବା ବେଳେ ପଦବୀ ଖାଲି ପାଇଁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ସମ୍ପର୍କରେ ମଧ୍ୟ ମୁହଁ ଖୋଲୁ ନାହାନ୍ତି। ବର୍ତ୍ତମାନର ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ମଧ୍ୟ ଶ୍ୟାମାଖୁଣ୍ଟା ବ୍ଲକ ଜୋନରୁ ପ୍ରତିନିଧିତ୍ୱ କରୁଥିଲେ ହେଁ ସେ ମଧ୍ୟ ଡବଲ ଇଞ୍ଜିନ ସରକାରରେ ନିରୁପାୟ ରହିଛନ୍ତି। ଏପରି ସ୍ଥଳେ ୧୪ଟି ଗ୍ରାମ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣଭାବେ ବାଧାପ୍ରାପ୍ତ ହେଉଛି।

## ବାରିପଦାରେ ବିଶ୍ୱ ବ୍ୟାଘ୍ର ଦିବସ ପାଳିତ



ବାରିପଦା, ୩୦।୭ (ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ମଙ୍ଗଳବାର ବାରିପଦା ବନଖଣ୍ଡ କାର୍ଯ୍ୟାଳୟରେ ବିଶ୍ୱ ବ୍ୟାଘ୍ର ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଶିମିଳିପାଳର ଦେବକୁଣ୍ଡ, ସୀତାକୁଣ୍ଡ ଏବଂ ବ୍ରାହ୍ମଣକୁଣ୍ଡରେ ସ୍ୱଚ୍ଛତା ଅଭିଯାନ ସହିତ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା। ଏଥିରେ ୪୦୦ରୁ ଅଧିକ ଗ୍ରାମବାସୀ, ସ୍କୁଲ ପିଲା, ପରିବେଶ ବିକାଶ କମିଟି ଏବଂ ବନ ସୁରକ୍ଷା ସମିତି ସଦସ୍ୟ ସାମିଲ ହୋଇଥିଲେ। 'ଏକ ପେଡ୍ ମା'କେ ନାମ' ପଦକ୍ଷେପ ଅନ୍ତର୍ଗତ ଏକ ସାମୂହିକ ବୃକ୍ଷ ରୋପଣ ଅଭିଯାନ ପରେ ଗୋଡିପୋଖରୀ, ବୁଡାମରା, ବୁଢାବଳଙ୍ଗ, ଜାମୁଗାଡିଆ ଏବଂ ମନଭଙ୍ଗା ଗ୍ରାମରେ ୨ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ର ପରିବେଶ, ଜଙ୍ଗଲ ମନ୍ତ୍ରୀ ଭୁପିନ୍ଦର ସିଂହ ଯାଦବ ଭର୍ଚୁଆଲ୍ ମୋଡରେ ଉଦଘାଟନ କରିଥିଲେ। ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ହେମାକାନ୍ତ ସଏ, ଏସପି ବରୁଣ ଗୁଣ୍ଟୁପାଲ୍ଲି, ଏସଟିଆର ଡିପି ଡ ସମ୍ରାଟ ଗୌଡା, ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ ଏବଂ ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବିବେକାନନ୍ଦ ପଟ୍ଟନାୟକ ଯୋଗଦେଇ ବାଘ ସଂରକ୍ଷଣରେ ଶିମିଳିପାଳର ସଫଳତା ଉପରେ ଆଲୋକପାତ କରିଥିଲେ। ବନ୍ୟପ୍ରାଣୀ ଅପରାଧ ଦମନରେ ପୁଲିସ ଏବଂ ବନ ଅଧିକାରୀଙ୍କ ମଧ୍ୟରେ ସହଯୋଗ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ସଂରକ୍ଷଣରେ ଆଦିବାସୀ ସମ୍ପ୍ରଦାୟର ଭୂମିକାକୁ ପ୍ରଶଂସା କରିଥିଲେ। ଆଦିବାସୀ ଜୀବିକା ପାଇଁ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ବାଘ ଓ ଶିମିଳିପାଳକୁ ସୁରକ୍ଷା ଦେବା ପାଇଁ ସାମୂହିକ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ସଂରକ୍ଷଣ ଏବଂ ପର୍ଯ୍ୟଟନକୁ ବୃଦ୍ଧି କରିବା ପାଇଁ 'ଶିମିଳିପାଳ ପାଇଁ ଦୌଡ଼' ମିନି-ମାରାଥନ ଭଳି ଜନସଚେତନତା ପଦକ୍ଷେପର ପ୍ରସ୍ତାବ ମଧ୍ୟ ଦେଇଥିଲେ। ସ୍କୁଲ ପ୍ରତିଯୋଗିତା ବିଜେତାଙ୍କ ପାଇଁ ପୁରସ୍କାର ବଣ୍ଟନ, ରେଡିଓ କଲର ବାଘଙ୍କ ତଦାରଖରେ ସାମିଲ ବନ କର୍ମଚାରୀଙ୍କ ପାଇଁ ସମ୍ବର୍ଦ୍ଧନା ଏବଂ ବନ୍ଧୁକ ସମର୍ପଣ ଏବଂ ବନ୍ୟପ୍ରାଣୀ ଶିକାର ପରିତ୍ୟାଗ କରିଥିବା ଗ୍ରାମବାସୀ ଏବଂ ସ୍ଥାନୀୟ ନେତାଙ୍କ ସ୍ୱୀକୃତି ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ଫାଶୀ ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବେତନଟୀ, ୩୦।୭ (ସମିସ): ବୈଶିଙ୍ଗା ଥାନା ଅଧୀନ ଦୁର୍ଗାପୁର ଗ୍ରାମର ଜନୈକ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ପୁଲିସ ଶବକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ମୃତ ଯୁବକ ଜଣକ ହେଲେ ରାଜେନ୍ଦ୍ର ଦେହୁରୀ (୨୪)। ସେ ସାମାନ୍ୟ ମାନସିକ ବିକାରଗ୍ରସ୍ତ ଥିବାରୁ ତାଙ୍କ ସ୍ତ୍ରୀ ପ୍ରମିଳାଙ୍କ ସହିତ ଝଗଡ଼ା ଲାଗି ରହୁଥିଲା। ତେଣୁ ତାଙ୍କ ସ୍ତ୍ରୀ ୧୫ଦିନ ପୂର୍ବରୁ ବାପଘରକୁ ପଳେଇ ଯାଇଥିଲେ। ରାଜେନ୍ଦ୍ର ବୁଢ଼ୀ ମା' ସହିତ ଗାଁ ଘରେ ରହୁଥିଲେ। ତେବେ ଗତକାଲି ରାତିରେ ମା' ପୁଅ ଖାଇ ସାରିବା ପରେ ବଉଳ ଘର ବାରଣ୍ଡାରେ ଶୋଇଥିବାବେଳେ ରାଜେନ୍ଦ୍ର ଘରେ କବାଟ କିଳି ଶୋଇଥିଲା। ବୁଧବାର ସକାଳୁ ଦେଖିଲା ବେଳକୁ ଘରେ ମୃତଦେହ ଝୁଲୁଥିଲା। ପରେ ପୁଲିସ ଖବର ପାଇ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଅବକାରୀ ବିଭାଗର ଚଢଉ; ୨ ଗିରଫ

**● ୮୦୫୦ ଲିଟର ମହୁଲ ପୋଚ ସହ ୫୯୨ ଲିଟର ଦେଶୀ ମଦ ଜବତ**

ମୋରଡା/ଶୁଳିଆପଦା, ୩୦।୭ (ସମିସ): ବୁଧବାର ଶୁଳିଆପଦା ଥାନା ଅଧୀନରେ ଥିବା ବିଭିନ୍ନ ଗାଁରେ ଅବକାରୀ ବିଭାଗ ଚଢ଼ଉ କରି ୮୦୫୦ ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୫୯୨ ଲିଟର ଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଦୁଇଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫମାନେ ହେଲେ କୁଣ୍ଡିହାଶୋଳ ଗ୍ରାମର ବୀଣାପାଣି ହେମ୍ବ୍ରମ ଏବଂ ଡୁମୁଡିର ଦୁଲି ସିଂ। ଦେଉଳି ଅବକାରୀ ଅଧିକାରୀ ପ୍ରଦୀପ ବେହେରା, ମୋରଡା ଅବକାରୀ ଅଧିକାରୀ ଦୀପକ କୁମାର ରାଉତ, ସଦର ରେଞ୍ଜ ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁ ପ୍ରମୁଖ କୁଣ୍ଡିହାଶୋଳ, ଗେଣ୍ଡାଖାଳ, ମଣ୍ଡା, ଦୁବୁଲାବେଡା, ଡୁମୁଡି ଅଞ୍ଚଳରେ ଥିବ ମଦ ଭାଟି ଉପରେ ଚଢ଼ଉ କରିଥିଲେ।

## 'ୱାଟ୍‌କୋ'ର ମନୋମୁଖି କାର୍ଯ୍ୟ

# ପାଇପ ଦେଇ ପ୍ରବାହିତ ହେଉଛି ନର୍ଦ୍ଦମା ପାଣି

ବାରିପଦା, ୩୦।୭ (ସମିସ): ବାରିପଦା ସହରରେ ୱାଟକୋ ବିଭାଗର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ପାନୀୟ ଜଳ ଯୋଗାଣ ପାଇପ ଦେଇ ନାଳନର୍ଦ୍ଦମାର ଦୂଷିତ ଜଳ ଓ ଆଳିଆ ଆବର୍ଜନା ପ୍ରବାହିତ ହେଉଛି। ୱାଟକୋ ବିଭାଗର ମନମୁଖୀ କାର୍ଯ୍ୟଧାରା ପାଇଁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି ଏକ ଚିତ୍ର ବାରିପଦା ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର ୧୫ ଅଞ୍ଚଳରେ ଦେଖିବାକୁ ମିଳିଛି। ବାରିପଦା ସହରକୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ପାଇପ ବିଛାଯାଉଛି। ଇତିମଧ୍ୟରେ ମେଘା ସଂସ୍ଥା ପକ୍ଷରୁ ଉକ୍ତ କାର୍ଯ୍ୟ ଜାରି ରହିଥିବାବେଳେ ତ୍ରୁଟିପୂର୍ଣ୍ଣ କାମ ହେଉଛି। ବାଘରାରୋଡ ଅଞ୍ଚଳରେ ମୁଖ୍ୟ ରାସ୍ତା କଡରେ ନୂତନ ପାଇପ ପଡ଼ିଛି। ପ୍ରାୟତଃ ବର୍ଷକ ପୂର୍ବରୁ ପାଇପ ବିଛା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ନିଉ କଲୋନୀ ସାହିକୁ



ଯିବା ମୁଖ୍ୟ ରାସ୍ତାକଡ଼ରେ ଉକ୍ତ ପାଇପକୁ ବନ୍ଦ କରାଯାଇନାହିଁ। ଫଳରେ ରାସ୍ତା କଡର ନାଳନର୍ଦ୍ଦମା ଦୂଷିତ ଜଳ ଓ ଆଳିଆ ଆବର୍ଜନା ନିୟମିତ ଭାବେ ପ୍ରବାହିତ ହେଉଛି। ଏପରିକି ବର୍ଷା ହେଲେ ପାଣିର ସୁଅ ଛୁଟିଥାଏ। ଏହା ପ୍ରବାହିତ ହୋଇ ବାଘରା ରୋଡ ସ୍ଥିତ ଜଗଦ୍ଧାତ୍ରୀ ସିନେମା ହଲ ସମ୍ମୁଖରେ ରାସ୍ତାରେ ନିଷ୍କାସନ ହୋଇଥାଏ। ଏହାଦ୍ୱାରା ରାସ୍ତା ନଷ୍ଟ ହେବା ସହ ରାସ୍ତାରେ କୁଡ଼ କୁଡ଼ ଆଳିଆ ଆବର୍ଜନା ଜମି ରହୁଛି। ତେବେ ଉକ୍ତ ପାଇପ ଦେଇ ପାନୀୟ ଜଳ ପ୍ରବାହିତ ହେବାକୁ ଥିବା ବେଳେ ବର୍ତ୍ତମାନ ଦୂଷିତ ଜଳ ପ୍ରବାହିତ ହୋଇ ପ୍ରଦୂଷିତ ହେଉଛି। ଫଳରେ ଆଗକୁ ଲୋକେ ୱାଟକୋ ପାନୀୟ ଯୋଗାଣ ପାଇପରୁ କଳ ଖୋଲିବା ମାତ୍ରେ ଦୂଷିତ ପାଣି ପିଇ ସଂକ୍ରମିତ ହେବାର ସମ୍ଭାବନା ମଧ୍ୟ ରହିଛି। ୱାଟକୋର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ବିଶୁଦ୍ଧ ପାନୀୟ ଜଳ ପରି ମୌଳିକ ସୁବିଧା ପାଇବାରୁ ବାରିପଦା ସହରର ଜନସାଧାରଣ ବଞ୍ଚିତ ହେଉଛନ୍ତି। ଏ ନେଇ ୱାଟକୋର ସାଧାରଣ ପରିଚାଳକ ଗୁଲସନ ସାହୁଙ୍କୁ ଜଣାଇବାରୁ ସେ ଘଟଣା ବାବଦରେ ଅବଗତ ନ ଥିବା କହିଛନ୍ତି। ତୁରନ୍ତ କର୍ମଚାରୀଙ୍କ ଦ୍ୱାରା ପାଇପ ବନ୍ଦ କରିବା ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

## ପୁରୀ-ବାଙ୍ଗିରିପୋଷି ଟ୍ରେନରେ ଚେୟାର କାର୍ ବଗି ବୃଦ୍ଧି

ବାରିପଦା, ୩୦।୭ (ସମିସ): ପୁରୀ-ବାଙ୍ଗିରିପୋଷି ଏକ୍ସପ୍ରେସ ଟ୍ରେନରେ ଏକ ମାସ ପାଇଁ ଗୋଟିଏ ନନ୍‌ଏସସି ଚେୟାର କାର୍ ବଗି ବୃଦ୍ଧି କରାଯାଇଛି। ପୂର୍ବରୁ ରଥଯାତ୍ରା ପାଇଁ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବୃଦ୍ଧି କରାଯାଇଥିଲା। ତେବେ ଏହାପରେ ମଧ୍ୟ ଲୋକଙ୍କ ଚାହିଦା ଏବଂ ଆରାମଦାୟକ ଉପଲବ୍ଧି ପାଇଁ ଆଉ ଏକ ମାସ ପାଇଁ ବୃଦ୍ଧି କରାଯାଇଛି। ପୁରୀ-ବାଙ୍ଗିରିପୋଷି ଟ୍ରେନରେ ଗୋଟିଏ ଦ୍ୱିତୀୟ ଶ୍ରେଣୀ ନନ୍‌ଏସସି ଚେୟାର କାର୍ ବଗି ଅସ୍ଥାୟୀ ଭାବରେ ବୃଦ୍ଧି ହୋଇଛି। ଏନେଇ ଦକ୍ଷିଣ-ପୂର୍ବ ରେଳପଥ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅଗଷ୍ଟ ୧ରେ ଉକ୍ତ ବଗି ସଂଲଗ୍ନ ହୋଇ ସେପ୍ଟେମ୍ବର ୧ତାରିଖ ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ସୂଚନା ମିଳିଛି। ଫଳରେ ଉକ୍ତ ଟ୍ରେନରେ ସମୁଦାୟ ୧୬ଟି ବଗି ହେବ। ଚେୟାର କାର୍ କୋଚ୍ ଦୈନିକ ଯାତ୍ରୀ, ପର୍ଯ୍ୟଟକ ଏବଂ ଦୂରଦୂରାନ୍ତ ଯାତ୍ରୀଙ୍କ ପାଇଁ ଅଧିକ ଆସନ କ୍ଷମତା ଏବଂ ଉନ୍ନତ ସୁବିଧା ପ୍ରଦାନ କରିବ।

## ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

ରାଇରଙ୍ଗପୁର, ୩୦।୭ (ସମିସ): ରାଇରଙ୍ଗପୁର-ଯଶିପୁର ୨୨୦ନଂ. ଜାତୀୟ ରାଜପଥରେ ୧୦୮ ଆମ୍ବୁଲାନ୍ସ ଯାଉଥିବା ସମୟରେ ହଠାତ୍ ଗୋରୁପଲ ଆସିଯିବାରୁ ସେମାନଙ୍କୁ ରକ୍ଷା କରିବାକୁ ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୂଚନାଯୋଗ୍ୟ ବୁଧବାର ସକାଳୁ ବାଦାମପାହାଡ଼ରୁ ରୋଗୀଙ୍କୁ ନେଇ ୧୦୮ ଆମ୍ବୁଲାନ୍ସ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଅଭିମୁଖେ ଆସୁଥିବାବେଳେ ନାଉଯୋଡା ପାଖରେ ଏକ ଗୋରୁ ପଲ ରାସ୍ତା ପାର ହେବା ପାଇଁ ଦୌଡା ଦୌଡ଼ି କରୁଥିଲେ। ଏହି ସମୟରେ ଗୋରୁପଲକୁ ରକ୍ଷା କରିବାକୁ ଯାଇ ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ରାସ୍ତାରେ ଠିଆ ହୋଇଥିବା ଟ୍ରକରେ ପିଟି ହୋଇଯାଇଥିଲା। ଫଳରେ ଚାଳକ ଓ କର୍ମଚାରୀ ସମେତ ରୋଗୀ ଓ ସମ୍ପର୍କୀୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

## ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ସଚେତନତା ବୈଠକ



ବାରିପଦା, ୩୦।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ ବିଭାଗ ଉଦ୍ୟମରେ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ନିରାକରଣ ଓ ନିୟନ୍ତ୍ରଣ ସମ୍ବନ୍ଧୀୟ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ନରେନ୍ଦ୍ର ଗାଇପାଇ, ଜିଲ୍ଲା ଶ୍ରମ ଅଧିକାରୀ ନିରଞ୍ଜନ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ସବିତା ମାଝୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅଭିଯାନରେ ପ୍ରଶାସନ ତରଫରୁ ବିଭିନ୍ନ ସମୟରେ ଢାବା, ହୋଟେଲ ଓ ଅନ୍ୟାନ୍ୟ ଅନୁଷ୍ଠାନରେ ଚଢ଼ଉ କରାଯାଇ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ସେମାନଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ ବ୍ୟବସ୍ଥା କରାଯାଉଛି ଏବଂ ଏହି ପ୍ରକ୍ରିୟା ନିରନ୍ତର ଚାଲୁ ରହିବ ବୋଲି କହିଥିଲେ। 'ଶ୍ରମ ନୁହେଁ - ଶିକ୍ଷା ଚାହୁଁ' ଉକ୍ତିକୁ ଯଥାର୍ଥ ଭାବେ ଫଳପ୍ରସୂ କରିବା ପାଇଁ ଶିଶୁ ଓ କିଶୋର ଶ୍ରମିକଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ଉଦ୍ୟମରେ ଜିଲ୍ଲାକୁ ଶିଶୁ ଓ କିଶୋର ଶ୍ରମିକ ନିଯୁକ୍ତିରୁ ମୁକ୍ତ କରିବାକୁ ପଡ଼ିବ ବୋଲି ମତପ୍ରକାଶ ପାଇଥିଲା। ଏ ନେଇ ଜିଲ୍ଲାର ସମସ୍ତ ଅଧିକାରୀଙ୍କୁ ସଚେତନତାକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଓରମାସର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବ୍ଲକର ସହକାରୀ ଶ୍ରମ ଅଧିକାରୀ ଉପସ୍ଥିତ ଥିଲେ।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ

# ଗୋଟିଏ ଶ୍ରେଣୀରେ ହେଉଛି ୩ ବିଭାଗର ଶିକ୍ଷାଦାନ

ବାରିପଦା, ୩୦।୭ (ସମିସ)

ରାଜ୍ୟର ପ୍ରତିଷ୍ଠିତ ମହାବିଦ୍ୟାଳୟ ମଧ୍ୟରେ ବାରିପଦା ତକତପୁର ସ୍ଥିତ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଅନ୍ୟତମ। ଏହି ମହାବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରି ଛାତ୍ରଛାତ୍ରୀ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ନାମ ଅର୍ଜନ କରିଛନ୍ତି। କିନ୍ତୁ ରାଜ୍ୟର ଶ୍ରେଷ୍ଠ ୧୦ଟି ସରକାରୀ


**● ରାଜ୍ୟର ଶ୍ରେଷ୍ଠ ୧୦ଟି ମହାବିଦ୍ୟାଳୟରେ ରହିଛି ଏମପିସି**

ପ୍ରତିଷ୍ଠିତ ମହାବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇଥିବା ଉକ୍ତ ମହାବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ଘେରରେ ରହିଛି। ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ପାଇଁ ଶ୍ରେଣୀ ଗୃହ ଅଭାବ ଉତ୍କଟ ସମସ୍ୟା ସୃଷ୍ଟି କରିଛି। ଫଳରେ ଛାତ୍ରଛାତ୍ରୀ ଅନୁପାତରେ ଶ୍ରେଣୀ ସଂଖ୍ୟା କମିଯିବାରୁ ଗୋଟିଏ




ଶ୍ରେଣୀରେ ଦିନକରେ ୩ଟି ବିଭାଗର ଶିକ୍ଷାଦାନ ହେଉଛି। ମହାବିଦ୍ୟାଳୟରେ ପିଜି ଓ ୟୁଜି ମିଶାଇ ୬୦ରୁ ଊର୍ଦ୍ଧ୍ୱ ବିଭାଗ ରହିଛି। ଯେଉଁଥିରେ କି ପ୍ରାୟତଃ ୭ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଏଠାରେ କିଛି ବିଭାଗ ରହିଛି; ଯାହାକି ରାଜ୍ୟର ଅନ୍ୟ କୌଣସି ମହାବିଦ୍ୟାଳୟରେ ନାହିଁ। ଯାହାକୁ ନେଇ କେବଳ ଓଡ଼ିଶାର ନୁହେଁ ପୋଡ଼ଶୀ ପଶ୍ଚିମବଙ୍ଗ, ଝାରଖଣ୍ଡ, ବିହାର ସମେତ ଅନ୍ୟାନ୍ୟ ରାଜ୍ୟର ମଧ୍ୟ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ମହାବିଦ୍ୟାଳୟରେ ସମୁଦାୟ ୩୧୮ଟି କକ୍ଷ ଥିବା ବେଳେ ସେଥିରୁ ଏକାଡେମିକ ବିଲ୍ଡିଂ ଓ ବିଭାଗୀୟ କାର୍ଯ୍ୟାଳୟ ଛାଡିଲେ ପ୍ରାୟତଃ ୮୦ଟି ଶ୍ରେଣୀ ଗୃହରେ ଶିକ୍ଷାଦାନ ଜାରି ରହିଛି। ଏପରିକି ବିଭିନ୍ନ ସମୟରେ ଶ୍ରେଣୀ ଗୃହ ଅଭାବ ପାଇଁ କ୍ଲାସ ମଧ୍ୟ ବନ୍ଦ କରାଯାଉଛି ବୋଲି ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ପରୀକ୍ଷା ହେଲେ ଶ୍ରେଣୀ ଗୃହ ନଥିବାରୁ ଅନ୍ୟ ଛାତ୍ରଛାତ୍ରୀଙ୍କ କ୍ଲାସ ମଧ୍ୟ ଅଧିକାଂଶ ସମୟରେ ସସପେଣ୍ଡ ରହିଥାଏ। ଶ୍ରେଣୀ ଗୃହ ସମସ୍ୟା ଦୂର କରିବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନୂତନ ସ୍ନାତକୋତ୍ତର ଯୁଗ୍ମ ସୌଧ-୨ର ନିର୍ମାଣ କରାଯାଇଛି। ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ଉକ୍ତ ୬ ମହଲା ବିଶିଷ୍ଟ ବିଲ୍ଡିଂର ନିର୍ମାଣ କାର୍ଯ୍ୟ ୨୦୨୪ ମସିହାରେ ଶେଷ ହୋଇଛି; କିନ୍ତୁ ଏ ଯାଏ ସେଠାରେ ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ ହୋଇନାହିଁ। ଏହି ମହାବିଦ୍ୟାଳୟକୁ ରାଜ୍ୟର ଦୂରଦୁରାନ୍ତରୁ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ ପାଇଁ ଆସୁଥିବା ବେଳେ ଉକ୍ତ ସମସ୍ୟା ପାଇଁ ଧୀରେ ଧୀରେ ଏଠାରୁ ମୁହଁ ଫେରାଇବା ଆରମ୍ଭ କଲେଣି। ଯାହାକି ଆଗକୁ ମହାବିଦ୍ୟାଳୟର ସ୍ୱତନ୍ତ୍ର ପରିଚୟକୁ ନଷ୍ଟ କରିବାର ଆଶଙ୍କା ସୃଷ୍ଟି କରିଛି। ଏ ବାବଦରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଆଲବରଟିନା ତିର୍କୀଙ୍କୁ ପଚାରିବାରୁ ଶ୍ରେଣୀ ଗୃହ ଅଭାବ ସମସ୍ୟା ଥିବା ନେଇ ସ୍ୱୀକାର କରିଛନ୍ତି। ନୂତନ ବିଲ୍ଡିଂ ହସ୍ତାନ୍ତରରେ ବିଳମ୍ବ ହୋଇଥିବା ବେଳେ କିଛି ଦିନ ପୂର୍ବରୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ହୋଇଛି। ତେବେ ସେଠାରେ ଡେସ୍କ, ବେଞ୍ଚ, ଆଦି ସମେତ ଅନ୍ୟାନ୍ୟ ଆସବାବପତ୍ର ନାହିଁ। ତାହାକୁ ପ୍ରଦାନ କରିବାକୁ ଉଚ୍ଚଶିକ୍ଷା ବିଭାଗକୁ ପତ୍ର ଲେଖାଯାଇଛି। ସେନେଇ ଅନୁମତି ମିଳିଲେ ଖୁବଶୀଘ୍ର ଆସବାବ ପତ୍ର କିଣାଯାଇ ସେଠାରେ ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ ହେବ ବୋଲି କହିଛନ୍ତି।




## ଏମ୍‌ପିସି କଲେଜରେ ଆଲୋଚନାଚକ୍ର




ବାରିପଦା, ୩୦।୭ (ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ କଲେଜର ଦର୍ଶନଶାସ୍ତ୍ର ବିଭାଗ ଓ ଆଇସିପିଆର ନୂଆଦିଲ୍ଲୀ, ଆନୁକୂଲ୍ୟରେ ଏକ ଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଯୋଗ, ସ୍ୱାସ୍ଥ୍ୟ, ଆନନ୍ଦ ଓ ସଂହତି ଶୀର୍ଷକ ଆଲୋଚନାଚକ୍ର କଲେଜର ଅଧ୍ୟକ୍ଷା ଡ. ଆଲବର୍ଟିନା ତିର୍କୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଡ ତିର୍କୀ ନିଜ ବକ୍ତବ୍ୟରେ କହିଥିଲେ ଯେ ମନୁଷ୍ୟର ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗର ଆବଶ୍ୟକତା ରହିଛି। ଆମେ ପ୍ରତିଦିନ ଯୋଗାସନ ଓ ଯୋଗାଭ୍ୟାସ କରିବାଦ୍ୱାରା ମନ ପ୍ରଫୁଲ୍ଲିତ ଏବଂ ଶାନ୍ତ ରହିଥାଏ। ଆଲୋଚନାଚକ୍ରରେ ମୁଖ୍ୟ ବିଷୟ ବିଶାରଦ ଭବରେ ନୟାଗଡ଼ ସ୍ୱୟଂଶାସିତ କଲେଜର ଦର୍ଶନ ବିଭାଗର ମୁଖ୍ୟ ଡ. ପ୍ରମୋଦ କୁମାର ଦାସ ଜ୍ଞାନ ଯୋଗ, କର୍ମ ଯୋଗ ଏବଂ ଭକ୍ତି ଯୋଗ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଯୋଗ ଓ ପ୍ରାକୃତିକ ଚିକିତ୍ସା ବିଭାଗର ଅଧ୍ୟାପିକା ଡ଼ ସୁଜାତା ଜେନା ଦୈନନ୍ଦିନ ଜୀବନରେ ଯୋଗ ଶୀର୍ଷକ ପିପିଟି ମାଧ୍ୟମରେ ଉପସ୍ଥାପନ କରିଥିଲେ। ଦର୍ଶନ ବିଭାଗ ମୁଖ୍ୟ ଡ. ଦୀପକ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଗୌତମ ପରିଡ଼ା ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏକ ନାଟକ ପରିବେଷଣ କରାଯାଇଥିଲା। ଶେଷରେ ଦର୍ଶନ ବିଭାଗର ସହକାରୀ ପ୍ରଫେସର ଡ ନରେନ୍ଦ୍ର ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



### ଦରକଣ୍ଟିଆ ବାସନ୍ଦ ପରିବାର ଉପରେ ବଢୁଛି ନିର୍ଯ୍ୟାତନା

# ଜମିରେ ଚାଷ କରିବାକୁ ଦେଉନାହାନ୍ତି ଜିତୁ ମାଝୀ

ବାଙ୍ଗିରିପୋଷି, ୩୦।୭ (ସମିସ): ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦରକଣ୍ଟିଆ ଗ୍ରାମର ବାସନ୍ଦ ପରିବାରକୁ ମର୍ଯ୍ୟାଦା ସହିତ ବଞ୍ଚି ରହିବାର ମୌଳିକ ଅଧିକାର ଉପରେ ବାରମ୍ବାର ଆକ୍ରମଣ ସହିତ ନିର୍ଯ୍ୟାତନା, ମାନସିକ ଚାପ ଦିଆଯାଉଛି । ଏ ନେଇ ଉକ୍ତ ପରିବାର ପକ୍ଷରୁ ବହୁବାର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଆଜିଯାଏ ନ୍ୟାୟ କି ସୁରକ୍ଷା ମିଳିପାରିନାହିଁ । ଜିଲ୍ଲା ପ୍ରଶାସନ ଉକ୍ତ




**ପରିବାର ଥାନାର ଦ୍ୱାରସ୍ଥ**

ପରିବାର ପ୍ରତି ଅଣଦେଖା ଓ ଅବହେଳା କରାଯାଉଥିବାରୁ ତାଙ୍କ ପରିବାର ଉପରେ ଏହିପରି ଅମାନବୀୟ ଅନ୍ୟାୟ, ଅତ୍ୟାଚାର, ଶୋଷଣ ଚାଲିଛି ବୋଲି ଅଭିଯୋଗ କରାଯାଇଛି । ଅଭିଯୋଗରୁ ପ୍ରକାଶ ଯେ, ହଳ କରିବାକୁ ବଳଦ ନ ଥିବାରୁ ତାଙ୍କର ଚାଷଜମିକୁ ୨୭ ତାରିଖ ରବିବାର ଟ୍ରାକ୍ଟର ସାହାଯ୍ୟରେ ହଳ କରୁଥିଲେ । ଏହି ସମୟରେ ଦୋରକଣ୍ଟିଆ ଗ୍ରାମରେ ଆତଙ୍କ ସୃଷ୍ଟି କରୁଥିବା ବ୍ୟକ୍ତି ଜିତୁ ମାଝୀ ବାସନ୍ଦ ପରିବାରର ବିଲକୁ ଯାଇ ଟ୍ରାକ୍ଟରରେ ନିଆଁ ଲଗାଇ ଦେବାର ଧମକ ଦେବା ସହିତ ଟ୍ରାକ୍ଟର ଡ୍ରାଇଭରଙ୍କୁ ହଳ କରିବାକୁ ମନା କରିଥିଲା । ଫଳରେ ଚାଳକ ଜଣକ ଭୟଭୀତ ହୋଇ ନକରି ଟ୍ରାକ୍ଟର ନେଇ ପଳାଇଥିଲା ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି । ଫଳରେ ସେହି ଦିନଠାରୁ ତାଙ୍କ ଅଞ୍ଚଳର ସମସ୍ତ ଟ୍ରାକ୍ଟର ମାଲିକ ଜିତୁ ମାଝୀଙ୍କୁ ଡରି ହଳ କରିବାକୁ ମନା କରୁଛନ୍ତି । ତେଣୁ ଉକ୍ତ ପରିବାରଗୁଡିକ ଏବେ ଚିନ୍ତାରେ ରହିଛନ୍ତି । ତେବେ ଜିତୁ ମାଝୀଙ୍କ ନେତୃତ୍ୱରେ ହିଁ ଗତବର୍ଷ ମଧ୍ୟ ୫ ଏକର ଚାଷଜମିର ଫସଲ କାଟିବାକୁ ନ ଦେବା ଏବଂ ଶୁଦ୍ଧିକ୍ରିୟା କାର୍ଯ୍ୟ କରିବାକୁ ନ ଦେଇ ୫ ଲକ୍ଷ ୫୦ ହଜାର ଟଙ୍କା କ୍ଷତି କରାଇଥିଲେ । ହେଲେ ଏଯାଏ କ୍ଷତିପୂରଣ କିଛି ମିଳିନଥିବା ବେଳେ ଏବର୍ଷ ପୁଣି ଚଳିତ ଚାଷ କରିବାକୁ ଦେଉନାହିଁ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି । ତେଣୁ ଯଥାଶୀଘ୍ର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ୍ୟାୟ, ସୁରକ୍ଷା ଏବଂ ଅଧିକାର ପ୍ରଦାନ କରାଯିବାକୁ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ସୁନ୍ଦର ମୋହନ ମାଝୀ, ବିଜୟ ମାଝୀ, ରଘୁନାଥ ମାଝୀ, ସୁଦେବୀ ଟୁଡୁ ଉପସ୍ଥିତ ଥିଲେ ।

# ପିଇଓଙ୍କ ଧମକ ଭିଡିଓ ଭାଇରାଲ



କପ୍ତିପଦା, ୩୦।୭ (ସମିସ): ସୋସିଆଲ ମିଡିଆରେ ଭିଡିଓ ଭାଇରଲ । ଘରୁ ଉଠାଇ ନେବି, ମୋତେ ଚିହ୍ନି ନାହଁ, ମୁଁ କଣ ଚୁଡି ପିନ୍ଧି ଚାକିରି କରିଛି । ଏଭଳି କହି ଜଣେ ପିଇଓ ସମସ୍ତଙ୍କ ସାମ୍ନାରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ବାସିନ୍ଦାଙ୍କୁ ଖୋଲାଖୋଲି ଦେଉଛନ୍ତି ଧମକ; ଯାହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି । ଏହି ସରକାରୀ ବାବୁ ଜଣକ ହେଲେ କପ୍ତିପଦା ବ୍ଲକ ମାଙ୍କଡ଼ପଡ଼ା ପଞ୍ଚାୟତର ପିଇଓ ପ୍ରଶାନ୍ତ ପଟ୍ଟନାୟକ । ସେ ଗତମାସ ବିକାଶ ବାହାନ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଦାୟିତ୍ୱରେ ଥିଲେ । ବିକାଶ ବାହାନ ରଥ ଉଦଘାଟନ ଦିନ ମାଙ୍କଡ଼ପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହି ଘଟଣା ଘଟିଥିଲା । ଅଚାନକ ନୋଡାଲ ଅଫିସର ଦାୟିତ୍ୱରେ ଥିବା ପିଇଓ ପ୍ରଶାନ୍ତ ପଟ୍ଟନାୟକ ଜଣେ ଆଦିବାସୀ ବ୍ୟକ୍ତିଙ୍କୁ ଏଭଳି ଅସମ୍ମାନ କରିଥିଲେ । ଏହା ସହିତ ଖୋଲାଖୋଲି ଧମକ ଦେଉଥିବା ଭିଡିଓ ବିଭିନ୍ନ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି । ଏ ସମ୍ପର୍କରେ ସରପଞ୍ଚଙ୍କୁ ଯୋଗାଯୋଗ କରିବାରୁ ସେହି ବ୍ୟକ୍ତି ଜଣକ ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ କରାଇ ଦେବନି କହିବା ସହିତ ସ୍ୱୟଂ ସହାୟିକା ଗୋଷ୍ଠୀର ମା'ମାନଙ୍କୁ ଗାଳିଗୁଲଜ କରୁଥିଲା । ତାଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ସେ ପିଇଓଙ୍କୁ ଗାଳିଗୁଲଜ କରୁଥିଲା; ଯାହାକୁ ନେଇ ପିଇଓ ଉଚ୍ଚକଣ୍ଠରେ ତାଙ୍କୁ ବାରଣ କରିବାକୁ ଚେଷ୍ଟା କରିଥିଲେ । ପରେ ସେ ଲୋକ ନିଜର ଭୁଲ ବୁଝିପାରି କ୍ଷମା ମାଗିଥିଲେ ବୋଲି କହିଥିଲେ ।

## ଅନ୍ତର୍ଜାତୀୟ ବ୍ୟାଘ୍ର ସଂରକ୍ଷଣ ଦିବସ ପାଳିତ

ମହୁଲଡିହା, ୩୦।୭ (ସମିସ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ଓ ସାତକୋଶିଆ ବନାଞ୍ଚଳରେ ଅନ୍ତର୍ଜାତୀୟ ବ୍ୟାଘ୍ର ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି । ଠାକୁରମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତଥା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ସାତକୋଶିଆ ଆଶ୍ରମ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ଟୁଡୁଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ବ୍ୟାଘ୍ର ସଂରକ୍ଷଣ ପାଇଁ ସଚେତନତା ଜରୁରୀ ବୋଲି ମତ ରଖିଥିଲେ । ପରିବେଶ ସନ୍ତୁଳନ, ଜଙ୍ଗଲ ଜୀବ ମଧ୍ୟରେ ଭାରସାମ୍ୟ ରକ୍ଷା ପାଇଁ ବାଘକୁ ବଞ୍ଚାଇ ରଖିବା ଅତ୍ୟନ୍ତ ଅପରିହାର୍ଯ୍ୟ କହିଥିଲେ । ସାମ୍ପ୍ରତିକ ସ୍ଥିତିରେ ବାଘ ବଂଶହ୍ରାସ ଚିନ୍ତାର କାରଣ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ସୁକାନ୍ତ ସାହୁ, ବନରକ୍ଷୀ ପ୍ରମୋଦ କୁମାର ମହାନ୍ତ, ଗାୟତ୍ରୀ ମହାନ୍ତ ପ୍ରମୁଖ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରେଷ୍ଠ ୨୦ ଜଣଙ୍କୁ ବନବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା ।

## ପ୍ରଶାନ୍ତ ବେହେରା କପ୍ତିପଦା ବ୍ଲକ ବିଜେଡି ସଭାପତି



କପ୍ତିପଦା, ୩୦।୭ (ସମିସ): ବିଜୁ ଜନତାଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ମୟୂରଭଞ୍ଜ ସାଂଗଠନିକ ଜିଲ୍ଲା -୧ କପ୍ତିପଦା ବ୍ଲକ ବିଜୁ ଜନତାଦଳର ନୂତନ ସଭାପତି ଭାବେ ପ୍ରଶାନ୍ତ କୁମାର ବେହେରାଙ୍କୁ ନିଯୁକ୍ତି କରାଯାଇଛି । ଏ ନେଇ ବିଜୁ ଜନତାଦଳର ନିର୍ବାଚନ ଅଧିକାରୀ ଅନନ୍ତ କୁମାର ଦାସ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ଉଦଳା ନିର୍ବାଚନ ମଣ୍ଡଳୀରୁ ପ୍ରଶାନ୍ତ କୁମାର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ସେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ଉଦଳା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଉଦଳା ନିର୍ବାଚନ ମଣ୍ଡଳୀର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ନୂତନ ଡିଏଫଓଙ୍କ କାର୍ଯ୍ୟରେ ଯୋଗଦାନ




କରଞ୍ଜିଆ, ୩୦।୭ (ସମିସ): କରଞ୍ଜିଆରେ ନୂତନ ଡିଏଫଓଭାବେ ବୈଦ୍ୟନାଥ ମାଝୀ ମଙ୍ଗଳବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି । ସେ ଡିଏଫ୍ଓ ପ୍ରଶାନ୍ତ କୁମାର ପଟେଲଙ୍କଠାରୁ ଦାୟିତ୍ୱ ନେଇଛନ୍ତି । ଶ୍ରୀ ପଟେଲ ପୁଷ୍ପଗୁଚ୍ଛ ଦେଇ ନୂତନ ଶ୍ରୀ ମାଝୀଙ୍କୁ ସ୍ୱାଗତ କରିଥିଲେ । ପରେ କରଞ୍ଜିଆ ବନଖଣ୍ଡର ସମସ୍ତ ରେଞ୍ଜ ଅଧିକାରୀ ଓ ଦୁଇ ଏସିଏଫ୍ ମଧ୍ୟ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସୂଚନଯୋଗ୍ୟ ଯେ, ଶ୍ରୀ ମାଝୀ ପୂର୍ବରୁ କରଞ୍ଜିଆ ବନଖଣ୍ଡ ଦୁଧିଆଣି ରେଞ୍ଜ ଅଧିକାରୀ ଭାବେ ସୂଚାରୁ ଭାବେ କାର୍ଯ୍ୟ ତୁଲାଇଥିଲେ । ପରେ ସେ କରଞ୍ଜିଆ ବନଖଣ୍ଡର ଏସିଏଫ୍ ଭାବେ କାର୍ଯ୍ୟ କରିଥିଲେ । ସେଠାରୁ ପଦୋନ୍ନତି ପାଇ ରାଉରକେଲାରେ ଡିଏଫ୍ଓ ଭାବେ ଯୋଗ ଦେଇଥିଲେ ।

### ସମସ୍ୟାରେ ବାସିଙ୍ଗୀ ଉଚ୍ଚ ବିଦ୍ୟାଳୟ

# ୬ ଶିକ୍ଷକ ପଦ ଖାଲି; ଶିକ୍ଷାଦାନ ବିପର୍ଯ୍ୟସ୍ତ

ରାଇରଙ୍ଗପୁର/ବହଳଦା, ୩୦।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ବାସିଙ୍ଗି ପଞ୍ଚାୟତରେ ୧୯୭୯ ମସିହାରେ ସ୍ଥାପିତ ହୋଇଛି ବାସିଙ୍ଗି ଉଚ୍ଚବିଦ୍ୟାଳୟ । ହେଲେ ଏହି ବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ଦେଇ ଗତିକରୁଛି । ବିଦ୍ୟାଳୟରେ ୧୧୦ ଶଯ୍ୟା ବିଶିଷ୍ଟ ବାଳିକା ଛାତ୍ରାବାସ ରହିଛି । ଏହି ବିଦ୍ୟାଳୟରେ ନବମ ଓ ଦଶମ ଦୁଇଟି ଶ୍ରେଣୀ ଅଛି; କିନ୍ତୁ କେବଳ ଜଣେ ସଂସ୍କୃତ ଶିକ୍ଷୟିତ୍ରୀ, ଜଣେ କ୍ରୀଡା ଶିକ୍ଷକ ଏବଂ ଜଣେ ପିଅନରେ ଚାଲିଛି ଏହି ବିଦ୍ୟାଳୟ । ଏବେ ଏହି ସ୍କୁଲରେ କଳା ବିଭାଗର ୩ ଜଣ, ବିଜ୍ଞାନ ଓ ଗଣିତରେ ଦୁଇଜଣ ଏବଂ ହିନ୍ଦୀର ଜଣେ, କିରାଣୀ ଏବଂ ୨ ଜଣ ପିଅନ ଅବସର ନେଲେଣି । ବର୍ତ୍ତମାନ ନବମ ଶ୍ରେଣୀରେ ୪୦ ଏବଂ ଦଶମରେ ୬୮ ଛାତ୍ରଛାତ୍ରୀ ପଢୁଛନ୍ତି । ସମ୍ପ୍ରତି ଏବେ ବିଦ୍ୟାଳୟରେ ୬ ଜଣ ଶିକ୍ଷକଙ୍କ ସମେତ ଜଣେ କିରାଣି ଏବଂ ଦୁଇଟି ପିଅନ ପଦ ଖାଲି ରହିଛି । ଫଳରେ ପାଠପଢ଼ାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀ । ଶିକ୍ଷକ ଅଭାବ ଯୋଗୁଁ ବହୁ ଅଭିଭାବକ ଅନ୍ୟ ସ୍କୁଲରେ ନାମ ଲେଖାଇବାକୁ ବାଧ ହେଉଛନ୍ତି । ଜଣେ ସଂସ୍କୃତ ଶିକ୍ଷୟିତ୍ରୀ ଓ କ୍ରୀଡ଼ା ଶିକ୍ଷକ ଦ୍ୱାରା ଏହି ସ୍କୁଲ ଚାଲିଥିବାରୁ ପିଲାଙ୍କ ଭବିଷ୍ୟତ ନେଇ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି । ଛାତ୍ରାବାସରେ ରହୁଥିବା ୧୦୦ ବାଳିକାଙ୍କ ରହିବା, ଖାଇବା ଆଦି ଠିକ୍‌ଭାବେ ହୋଇପାରୁନାହିଁ ।



ପିଲାମାନେ ୬ଟି ମୂଳ ବିଷୟ ପଢ଼ିବାରୁ ବଞ୍ଚିତ ହେଉଛନ୍ତି । ତେଣୁ ତୁରନ୍ତ ଏହି ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦ ପୂରଣ କରିବାକୁ ଗ୍ରାମବାସୀ, ଅଭିଭାବକ ଏବଂ ଛାତ୍ରଛାତ୍ରୀ ଦାବି କରିଛନ୍ତି ।

## ଉପନିବନ୍ଧକ କାର୍ଯ୍ୟାଳୟରେ ଅଧିକାରୀ ଶୂନ




କପ୍ତିପଦା, ୩୦।୭ (ସମିସ): କପ୍ତିପଦା ବ୍ଲକ ଉପନିବନ୍ଧକ କାର୍ଯ୍ୟାଳୟର ନିଜସ୍ୱ ଗୃହ ନ ଥିବାବେଳେ କେହି ଅଧିକାରୀ ବି ନାହାନ୍ତି । ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି କାର୍ଯ୍ୟାଳୟ ୨୦୨୩ରେ ଆରମ୍ଭ ହୋଇଥିଲା । ଇତିମଧ୍ୟରେ ୨ ବର୍ଷ ବିତିଯାଇଥିଲେ ହେଁ କୌଣସି ପରିବର୍ତ୍ତନ ହୋଇନାହିଁ । ଏଠାରେ ଅଧିକାରୀ ନ ଥିବାରୁ ତହସିଲଦାର ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ଏପରିକି ଏହି କାର୍ଯ୍ୟାଳୟଟି ବିପଦ ସଂକୁଳ ଅବସ୍ଥାରେ ରହିଛି । କାଗଜପତ୍ର ରଖିବାକୁ ସୁବିଧା ନ ଥିବାରୁ ବର୍ଷା ପାଣିରେ ଭିଜୁଛି । କାନ୍ଥରୁ ପ୍ଲାଷ୍ଟର ଖସୁଥିବା ବେଳେ ଛାତର ରଡ଼ ମଧ୍ୟ ଦେଖାଯାଉଛି । ଏ ନେଇ ତହସିଲଦାର ଆଶିଷ କୁମାର ମହାପାତ୍ରଙ୍କୁ ପଚାରିବାରୁ ଏହା ଏକ ଉପକେନ୍ଦ୍ର । ଏଠାରେ ଜଣେ ଅଧିକାରୀ ହିଁ ଦୁଇଟି ଦାୟିତ୍ୱ ନେବାର ବ୍ୟବସ୍ଥା ରହିଛି । ଏହା ଲୋକଙ୍କ ସୁବିଧା ପାଇଁ କରାଯାଇଛି; ମାତ୍ର ଏହାର ମୁଖ୍ୟାଳୟ ଉଦଳାରେ ରହିଛି । ତହସିଲ ପରିସରରେ ଏହା କାର୍ଯ୍ୟକାରୀ ହେବାର ନିୟମ ମଧ୍ୟ ରହିଛି । ଏହି ଅଫିସ ପାଇଁ ଏକ ସ୍ଥାୟୀ କାର୍ଯ୍ୟାଳୟ ଗୃହର ଆବଶ୍ୟକତା ରହିଛି । ଏ ନେଇ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି ।

## ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କୁ 'ଅଟଳ ଧର୍ମରତ୍ନ ସମ୍ମାନ'

ବାରିପଦା, ୩୦।୭ (ସମିସ): ସଦଭାବନା ସମିତିର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମାନବ ଧର୍ମର ପ୍ରବର୍ତ୍ତକ ତଥା ସର୍ବଧର୍ମ ସମନ୍ୱୟ ଦିଗରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ବୁଗୁଡ଼େଇଙ୍କୁ 'ଅଟଳ ଧର୍ମରତ୍ନ ସମ୍ମାନ'ରେ ଭୂଷିତ କରିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଏବଂ କାରଗିଲ ବିଜୟ ଦିବସ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ରାଜ୍ୟର ୩ ଜଣ ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ମାନିତ କରିଛନ୍ତି ।



ଶ୍ରୀ ବୁଗୁଡେଇ ଜିଲ୍ଲାର ବିଭିନ୍ନ ସମସ୍ୟା ସବୁକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ମୟୂରଭଞ୍ଜ ସିଟିଜେନ୍ ଫୋରମ୍ ପ୍ରତିଷ୍ଠା ମଧ୍ୟ କରିଥିଲେ । ତେଣୁ ଏହି ଅବସରରେ ଫୋରମର ମୁଖ୍ୟ ପୃଷ୍ଠପୋଷକ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ସଭାପତି ମହାରାଣୀ ରଶ୍ମୀ ରଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ପାଦକ ବିଭୁଦତ୍ତ ଦାସ ପ୍ରମୁଖ ଶ୍ରୀ ବୁଗୁଡେଇଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।


## ସଫଳତାର ଶୀର୍ଷରେ ଇନୋଭେଟିଭ୍ କ୍ଲାସେସ୍
## B.Ed ପିଲାଙ୍କ ପାଇଁ ଏକ ଭରସାଯୋଗ୍ୟ ଅନୁଷ୍ଠାନ

ଏକ ସୁସ୍ଥ ସମାଜର ମେରୁଦଣ୍ଡ ହେଉଛି ଶିକ୍ଷା। କିନ୍ତୁ ସ୍ୱାର୍ଥ ଲୋଭୀ ସମାଜରେ ଶିକ୍ଷା ପ୍ରଦାନକାରୀ ବ୍ୟକ୍ତି ବିଶେଷକୁ ପ୍ରସ୍ତୁତ କରିବା ଏକ ପ୍ରତିଯୋଗିତାମୂଳକ ଆହ୍ୱାନ। ଏହି ଆହ୍ୱାନକୁ ସ୍ୱୀକାର କରି ଶିକ୍ଷାବିତ୍ ତରୁଣ କୁମାର ପଣ୍ଡା Innovative Classes ନାମରେ ୧୬ବର୍ଷ ପୂର୍ବେ ଖୋଲିଥିଲେ B.Ed. ଶିକ୍ଷା ପ୍ରଦାନ କରିବା ନିମନ୍ତେ ଶିକ୍ଷାନୁଷ୍ଠାନ। ନିଜ ସାଥୀମାନଙ୍କ ସହଯୋଗରେ ଉତ୍ତର ଓଡ଼ିଶାରେ ସର୍ବ ପୁରାତନ ଶିକ୍ଷା ନିର୍ମାଣ ଅନୁଷ୍ଠାନ ଆଜିଭଳି ସାମ୍ପ୍ରତିକ ଶିକ୍ଷା କ୍ଷେତ୍ରରେ ତା'ର ଲୋକପ୍ରିୟତା ଏବଂ ସଫଳତା ନିଶ୍ଚିତ ରୂପେ ଏକ ଦୃଷ୍ଟାନ୍ତମୂଳକ ଅଭିସୂଚନା। ଦୀର୍ଘ ୧୬ବର୍ଷ ସେବା ଯୋଗାଇ ଆସୁଥିବା ଏହି ଶିକ୍ଷାନୁଷ୍ଠାରୁ ପ୍ରାୟତଃ ୧୨ ରୁ ୧୪ ହଜାର ଶିକ୍ଷାର୍ଥୀ B.Ed. ଶିକ୍ଷାରେ ଉତ୍ତୀର୍ଣ୍ଣ ଲାଭ କରିଥିବା ବେଳେ ୬ ରୁ ୭ ହଜାର ଶିକ୍ଷକ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କୋଣ ଅନୁକୋଣରେ ଭିନ୍ନ ଭିନ୍ନ ସରକାରୀ ବିଦ୍ୟାଳୟରେ ନିଯୁକ୍ତି ହୋଇ ସେବାରତ ଥିବା ବେଳେ, ଅଧିକାଂଶ ବିଦ୍ୟାର୍ଥୀ ଏବେ ସମ୍ଭାବ୍ୟ ପରିସ୍ଥିତିରେ ଅଛନ୍ତି।

- ବିଏଡ୍ କୋର୍ସ ପାଇଁ ଭରସାଯୋଗ୍ୟ ଶିକ୍ଷାନୁଷ୍ଠାନ - ଇନୋଭେଟିଭ କ୍ଲାସେସ୍
- ଉତ୍ତର ଓଡ଼ିଶାର ସର୍ବପୁରାତନ ଶିକ୍ଷା ଅନୁଷ୍ଠାନ।
- ୧୨,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ।
- ୬,୦୦୦ ରୁ ଅଧିକ ବିଦ୍ୟାର୍ଥୀ ସରକାରୀ ଶିକ୍ଷକ ଭାବେ ସେବାରତ।

ଛତୁ ଫୁଟିଲା ଭଳି B.Ed. ଶିକ୍ଷାନୁଷ୍ଠାନ ଗୁଡ଼ିକ ବ୍ୟବସାୟ ଏବଂ ପ୍ରତିଯୋଗିତା ମୂଳକ ଚିନ୍ତନ ଯୋଗୁ ଅନେକ ଅଭାବୀ ବିଦ୍ୟାର୍ଥୀ ଠକାମୀରେ ଶିକାର ହୋଇ ନିଜ କ୍ୟାରିୟର ରୁ ହାତ ଧୋଇ ବସିଛନ୍ତି। କେବଳ ନିଜର ଲୋଭନୀୟ କୋର୍ଷ ଫି, ମିଠା କଥା ଏବଂ ସମ୍ପର୍କୀୟଙ୍କ ମାୟା ଜାଲରେ ନିଜକୁ ଆହୁତି ଦେଇ ସର୍ବଶାନ୍ତ ହେବା ବ୍ୟତୀତ ଆଉ କିଛି ନୁହେଁ।

ସରକାରୀ ବିଦ୍ୟାଳୟମାନଙ୍କରେ ଶିକ୍ଷକ ଅଭାବକୁ ଦୂର କରିବା ନିମନ୍ତେ ବିଗତ ସରକାର ଏବଂ ବର୍ତ୍ତମାନ ସରକାର ବେଶ ତତ୍ପରତା ପ୍ରକାଶ କରୁଛନ୍ତି। ସେଥିପାଇଁ ନାନାଦି ପ୍ରକାରର ସରକାରଙ୍କ ଦ୍ୱାରା ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଉଅଛି। ତେବେ ପ୍ରଶ୍ନ ଉଠୁଛି ଏହି ଖାଲି ପଦବୀକୁ ପୂରଣ କରିବା ନିମନ୍ତେ ଶିକ୍ଷିତ ଯୁବକ ଯୁବତୀମାନେ କେଉଁ ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବେ? ରେଗୁଲାର ବି.ଏଡ୍ ଏକ ଘରୋଇ ଶିକ୍ଷାନୁଷ୍ଠାନ ଦ୍ୱାରା କରିବା ସମ୍ଭବ କି? ପରୀକ୍ଷା କେଉଁ ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ ଏବଂ କେଉଁଠାରେ ଦେବାକୁ ହେବ? ଯଦି ଓଡ଼ିଶା ବାହାରେ ତେବେ ଯିବା ଆସିବାର ସୁବିଧା, ଖର୍ଚ୍ଚ ଏବଂ ତତ୍ତ୍ୱାବଧାନର ଦାୟିତ୍ୱ କିଏ ନେବ? ଏମିତି ଅନେକ ପ୍ରଶ୍ନ ମନରେ ଉଙ୍କିମାରେ। ଏକ ଭରସା ଯୋଗ୍ୟ, ଲୋକପ୍ରିୟ ପୁରାତନ ବି.ଏଡ୍ ଶିକ୍ଷା ଯୋଗାଇ ଅସୁଥିବା ଶିକ୍ଷାନୁଷ୍ଠାନ Innovative Classes ର ଚେୟାରମ୍ୟାନ ତରୁଣ ପଣ୍ଡାଙ୍କ ସହ ଏହିଭଳି ସମସ୍ତ ପ୍ରଶ୍ନ ଉତ୍ତର ଗୁଡ଼ିକୁ ଆଲୋଚନା କରି ନିମ୍ନମତେ ଉଲ୍ଲେଖ କରିଲୁ:-

**ପ୍ରଶ୍ନ:- ଖାଲି ପଦବୀ ପୂରଣ ନିମନ୍ତେ କେଉଁ ଶିକ୍ଷାନୁଷ୍ଠାନରୁ ଶିକ୍ଷିତ ଯୁବକ ଯୁବତୀମାନେ ଶିକ୍ଷା ଗ୍ରହଣ କରିବେ?**

ଉତ୍ତର:- ସର୍ବ ପୁରାତନ ଏବଂ ଅଧିକ ପାସ୍ ହାର ଥିବା ଶିକ୍ଷାନୁଷ୍ଠାନ, ତା' ସହିତ ସୁରକ୍ଷା ଦୃଷ୍ଟିରୁ ମଜବୁତ୍ ଥିବା ଅନୁଷ୍ଠାନ ରୁ ଶିକ୍ଷା ଗ୍ରହଣ ଉଚିତ୍ ହେବ। ସେହି ଦୃଷ୍ଟି କୋଣରୁ ବିଶ୍ୱାସଯୋଗ୍ୟ ଅନୁଷ୍ଠାନ ହେଉଛି Innovative Classes.

**ପ୍ରଶ୍ନ:- ରେଗୁଲାର ବି.ଏଡ୍ ଏକ ଘରୋଇ ଶିକ୍ଷାନୁଷ୍ଠାନରେ କରିବା ସମ୍ଭବ କି?**

ଉତ୍ତର:- ନିଶ୍ଚିତ! ଆଜକୁ ଆମ ଶିକ୍ଷାନୁଷ୍ଠାରୁ ପ୍ରାୟତଃ ୬ ହଜାରରୁ ଅଧିକ ସରକାରୀ ବିଦ୍ୟାଳୟମାନଙ୍କରେ ସେବାରତ ଅଛନ୍ତି। ଏହାଠୁଁ ଅଧିକ ଦୃଷ୍ଟାନ୍ତ ଆଉ କ'ଣ ହୋଇପାରେ।

**ପ୍ରଶ୍ନ:- କୋର୍ସ ଫି କେତେ ଦେବାକୁ ପଡ଼ିବ?**

ଉତ୍ତର:- ଏହି ପ୍ରଶ୍ନର ଉତ୍ତର ହିଁ ପିଲାମାନଙ୍କର କ୍ୟାରିୟର ତିଆରି କରିବା ଚ୍ୟାଲେଞ୍ଜ ହୋଇ ପଡ଼େ। ସେଥିପାଇଁ ଠକାମୀରେ ଶିକାର ହୋଇ ନିଜ ଅର୍ଥ ଏବଂ ସମୟ ନଷ୍ଟ କରିଥାନ୍ତି। ଏହା ନିର୍ଭର କରେ ପିଲା କେଉଁ ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ କଲେଜରେ ପରୀକ୍ଷା ଦେଉଛି। କାରଣ ବିଶ୍ୱବିଦ୍ୟାଳୟ ଅନୁଯାୟୀ କୋର୍ସ ଫିରେ ଭିନ୍ନତା ରହିଥାଏ। ତଥାପି Innovative Classes ସର୍ବବର୍ଗୀୟ ପିଲାଙ୍କୁ ସୁହାଇଲା ଭଳି କୋର୍ସ ଫି ଡିମାଣ୍ଡ କରିଥାଏ। ଯେଉଁଥିରେ ଠକ ସଂସ୍ଥା ଭଳି କୌଣସି ହିଡେନ୍ ଚାର୍ଜ ଲଗାଇ ନଥାଏ।

**ପ୍ରଶ୍ନ:- Admission କେଉଁ ବିଶ୍ୱବିଦ୍ୟାଳୟରେ ହେବାକୁ ପଡ଼ିବ?**

ଉତ୍ତର:- ବର୍ତ୍ତମାନ ବିଶେଷତଃ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟ, ଆନ୍ଧ୍ରା କେଶରୀ ଏବଂ ଯୋଗୀ ବେମାନା ବିଶ୍ୱବିଦ୍ୟାଳୟରେ Admission ଉପଯୋଗୀ ହୋଇ ପାରୁଛି।

**ପ୍ରଶ୍ନ:- ଏ ସମସ୍ତ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ନା ଓଡ଼ିଶା ବାହାରେ?**

ଉତ୍ତର:- ଓଡ଼ିଶାର ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶରେ।

**ପ୍ରଶ୍ନ:- ଏହା ଆମ ଓଡ଼ିଶାର କେଉଁ କେଉଁ ବିଶ୍ୱବିଦ୍ୟାଳୟ ସହିତ ଇକ୍ୟୁଇଭେଲେଣ୍ଟ ଅଛି?**

ଉତ୍ତର:- ଉତ୍କଳ ବିଶ୍ୱବିଦ୍ୟାଳୟ ସହିତ ଅଛି।

**ପ୍ରଶ୍ନ:- ତେବେ ପରୀକ୍ଷା ଓଡ଼ିଶା ବାହାରେ ଦେବାକୁ ହେବ। ସେଥିପାଇଁ ଯିବା ଆସିବାର ସୁବିଧା, ଖର୍ଚ୍ଚ ଏବଂ ସୁରକ୍ଷା ବ୍ୟବସ୍ଥା କ'ଣ?**

ଉତ୍ତର:- ସେଥିପାଇଁ ଚିନ୍ତା କରିବାରେ କୌଣସି କାରଣ ନାହିଁ। ଆଜକୁ ୧୬ ବର୍ଷ ହେବ ନୀରବଚ୍ଛିନ୍ନ ଭାବେ ସେବା ଯୋଗାଇ ଆସୁଛି ଏବଂ ଆମ୍ଭ ବ୍ୟବସ୍ଥାକୁ ଅନେକ ଶିକ୍ଷାନୁଷ୍ଠାନ ଅନୁକରଣ କରି ନିଜର ଅନୁଷ୍ଠାନକୁ ଚଳାଇ ଆସୁଛନ୍ତି। ବିଶେଷକରି ଶିକ୍ଷକତା କରିବା ପାଇଁ ମହିଳା ମାନେ (ବିବାହିତା ଏବଂ ଅବିବାହିତା) ଅଧିକ ଆଗ୍ରହ ପ୍ରକାଶ କରିଥାନ୍ତି। ସେଥିପାଇଁ ଆମ୍ଭେ ଟ୍ରେନ ଏବଂ ବସ୍ ର ବ୍ୟବସ୍ଥା କରିଥାଉ। ଅନେକାଂଶରେ ପିଲାମାନେ ବସ୍‌ରେ ଗଲେ ବାନ୍ତି ଏବଂ ନିଜକୁ ଅସଜ୍ଜିତ ମନେ କରନ୍ତି। ସେଥିପାଇଁ ଆମ୍ଭେ ବସ୍‌ରେ ଆବଶ୍ୟକତାରୁ ଅଧିକ ସିଟ୍ Provide କରିଥାଉ ଅର୍ଥାତ୍ ୬୨ଟି ସିଟ୍ ବିଶିଷ୍ଟ ବସ୍‌ରେ ୪୫ ଜଣଙ୍କୁ ଦେଇଥାଉ। ଯେଉଁଥିରେ ମୁକ୍ତଭାବରେ ଚଳପ୍ରଚଳ କରିବା ସହଜ ହୋଇଥାଏ। ଆନ୍ଧ୍ର ପ୍ରଦେଶରେ ଖାଦ୍ୟ ଆମ୍ଭ ଓଡ଼ିଶା ପିଲାଙ୍କୁ ଅରୁଚିକର ହୋଉଥିବା କାରଣରୁ ଆମ୍ଭେ ଓଡ଼ିଆ ରୋଷେଇୟା କୁ ନେଇ ଓଡ଼ିଆ ଖାଦ୍ୟ ପରସି ଥାଉ। ସେଠାରେ ରହିବା ପାଇଁ ହୋଟେଲ, ପାନ୍ଥଶାଳା, ଗେଷ୍ଟ ହାଉସ ଆଦି ବୁକ୍ କରାଯାଏ। ଯେଉଁଥିରେ ସଭିଙ୍କୁ ଖଟ ସହିତ ଗଦି ମଧ୍ୟ ଉପଲବ୍ଧ କରାଇଥାଉ। ବ୍ୟକ୍ତିଗତ ଭାବେ ଏହା ହେଉଥିବା ଖର୍ଚ୍ଚ ଠୁ ୨୦ ରୁ ୩୦ ପ୍ରତିଶତ କମ ଅର୍ଥ ରାଶି ଆମ୍ଭେ ନେଇଥାଉ। ବିଶେଷ କରି ସମସ୍ତ ବର୍ଗର ପିଲାମାନଙ୍କୁ ସୁହାଉଥିବା ଭଳି ଅର୍ଥ ରାଶି ନିଆଯାଏ। ପିଲାମାନଙ୍କର ଦେଖା ଶୁଣା ଏବଂ ତଦାରଖ କରିବା ପାଇଁ ଅତିରିକ୍ତ ସେବକମାନଙ୍କୁ ମଧ୍ୟ ସାଙ୍ଗରେ ନିଆଯାଏ।

**ପ୍ରଶ୍ନ:- Admission କରିବା ପରେ କ୍ଲାସ୍‌ର କ'ଣ ସୁବିଧା ଅଛି?**

ଉତ୍ତର:- Online ଏବଂ Offline କ୍ଲାସର ବନ୍ଦୋବସ୍ତ ଅଛି। ପିଲା ଯେମିତି Suitable ହେବେ ସେମିତି କ୍ଲାସ କରିପାରିବେ। ସମସ୍ତ Study Material ମଧ୍ୟ ପିଲାକୁ ଯୋଗାଇ ଦିଆଯାଏ।

**ପ୍ରଶ୍ନ:- ପିଲାମାନଙ୍କର ପଢ଼ିବା ସମୟରେ ପାଠ ପଢ଼େଇବାର ଅଭିଜ୍ଞତାକୁ ବୃଦ୍ଧି କରିବା ନିମନ୍ତେ ସେମିତି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ଅଛି କି?**

ଉତ୍ତର:- ବର୍ତ୍ତମାନ ସୁଦ୍ଧା ସେମିତି ବ୍ୟବସ୍ଥା ପ୍ରାୟତଃ କୌଣସି ଅନୁଷ୍ଠାନରେ ନାହିଁ। କିନ୍ତୁ Innovative Classes ତା'ର ନିଜ Innovative Residential School ରେ ପିଲାମନଙ୍କୁ ପାଠ ପଢ଼େଇ ନିଜ ଜିଜ୍ଞାସାକୁ ଶାନ୍ତ କରିବାର ସୁଯୋଗ ଓ ସୁବିଧା ଦେଇଥାଏ। ଏହା କେବଳ ବାଲେଶ୍ୱର ଶାଖାରେ ଉପଲବ୍ଧ।

**ପ୍ରଶ୍ନ:- ଏହା ଓଡ଼ିଶାରେ କେଉଁ କେଉଁ ଜିଲ୍ଲାରେ ଅବସ୍ଥାପିତ?**

ଉତ୍ତର:- Innovative Classes ଏବଂ The Creator ନାମରେ ଉତ୍ତର ଓଡ଼ିଶାର ସମସ୍ତ ଜିଲ୍ଲାମାନଙ୍କରେ ସଦର ମହକୁମାରେ ଅବସ୍ଥିତ। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ବ୍ୟତୀତ ଅନ୍ୟ ଜିଲ୍ଲାମାନଙ୍କରେ ଯେପରି ସମ୍ବଲପୁର, ଅନୁଗୁଳ, କେନ୍ଦ୍ରପଡ଼ା ଇତ୍ୟାଦି ସାରା ଓଡ଼ିଶାରେ ଏହାର Branches ଅଛି।

**ପ୍ରଶ୍ନ:- କୋର୍ସ ଫି କ'ଣ ଏକା ସଙ୍ଗରେ ପୈଠ କରିବାକୁ ପଡ଼ିବ?**

ଉତ୍ତର:- ଆଦୌ ନୁହେଁ। ଯଦି ସମସ୍ତ ଅର୍ଥରାଶି ଜଣେ ଏକା ସାଙ୍ଗରେ ଦେବାକୁ ସମର୍ଥ ନୁହେଁ, ପ୍ରତି ସେମିଷ୍ଟାରରେ ମଧ୍ୟ ଦେଇପାରିବେ।

**ଯୋଗାଯୋଗ ପାଇଁ ଏହି ନଂ.ରେ କଥା ହୁଅନ୍ତୁ ୯୪୩୮୩୨୨୭୩୬**

ADVT


### ବିଦ୍ୟୁତ ସେବାରୁ ଧନୁସାହିର ୫୫ ପରିବାର ବଞ୍ଚିତ

# ଅଗଷ୍ଟ ୫ରେ ଗ୍ରାମବାସୀଙ୍କ ଅନଶନ ଚେତାବନୀ

ଶରତ, ୩୦।୭ (ସମିସ): ସ୍ୱାଧୀନତା ପରେ ବି ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତ ଧପଡ଼ା ରାଜସ୍ୱ ଗ୍ରାମର ଧନୁସାହି ବାସିନ୍ଦା ମୌଳିକ ସେବାରୁ ବଞ୍ଚିତ ହୋଇଛନ୍ତି । ଏହି ସାହିବାସୀଙ୍କୁ ଆଜିଯାଏ ବିଦ୍ୟୁତ ସେବା ମିଳିପାରିନାହିଁ । ଫଳରେ ଲୋକେ ବିଭିନ୍ନ ସମସ୍ୟା ଦେଇ ଗତିକରୁଛନ୍ତି । ଏହି ଗ୍ରାମରେ ବିଦ୍ୟୁତ ସେବା ନ ଥିବାରୁ ପିଲାମାନେ ରାତିରେ ପାଠ ପଢ଼ି ପାରୁନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ନେଇ ଗ୍ରାମବାସୀ ବହୁବାର ଜନଶୁଣାରି ଶିବିର ଏବଂ ଉଦଳା ଉପଖଣ୍ଡ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି; କିନ୍ତୁ ଫଳ ଶୂନ । କେବଳ ପ୍ରଶାସନ ଗ୍ରାମବାସୀ ମିଛ ପ୍ରତିଶ୍ରୁତି ଦେଇ ଭୂଆଁ ବୁଲାଉଛି । ତେଣୁ ଗ୍ରାମବାସୀ ବିଦ୍ୟୁତ ସଂଯୋଗ ଦାବିରେ ଅଗଷ୍ଟ ୫ ତାରିଖରେ ବାରିପଦାରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ । ତେଣୁ ମଙ୍ଗଳବାର ଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସମାଜସେବୀ ନବୀନ ମୁଣ୍ଡୁରୀ, ସାନ ବଳରାମ ଜାରିକା, ବିର୍ସା ମୁଣ୍ଡୁରୀ, ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରିମିଲ ସିଂ ଗୋଇପାଇ, ମାନସିଂ ଜାରିକା ପ୍ରମୁଖ ବହୁ ଗ୍ରାମବାସୀ ବୈଠକରେ ଉପସ୍ଥିତ ରହି ଧାରଣା ଦେବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ସୂଚନା ଥାଉ କି, ଏହି ଗ୍ରାମଟି କପ୍ତିପଦା ବ୍ଲକର ସମ୍ପୂର୍ଣ୍ଣ ଆଦିବାସୀ ବହୁଳ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତ ଅଧୀନରେ ରହିଛି । ଏହି ଗାଁର ଲୋକେ ଆଜି ମଧ୍ୟ ଶିକ୍ଷା, ସାମାଜିକ ଏବଂ ବିକାଶଠାରୁ ବହୁ ଦୂରରେ ରହିଛନ୍ତି । ଗାଁରେ ବିଜୁଳି ନ ଥିବାରୁ ରାତିରେ ବହୁ ଲୋକ ସାପ କାମୁଡାରେ ମୃତ୍ୟୁ ବରଣ କରିଥିବା ନଜିର ରହିଛି । ବିଦ୍ୟୁତ ସେବା ଭଳି ମୌଳିକ ଆବଶ୍ୟକତା ଗ୍ରାମକୁ ପହଞ୍ଚି ପାରି ନ ଥିବାରୁ ମୋବାଇଲ ଚାର୍ଜ କରିବା ନିମନ୍ତେ ଟଙ୍କା ଦେଇ କପ୍ତିପଦା ଏବଂ ନୂଆସାହି ବଜାରରେ ମୋବାଇଲ ଚାର୍ଜ କରନ୍ତୁ ବୋଲି କୋହଭରା କଣ୍ଠରେ ଗ୍ରାମବାସୀ ପ୍ରକାଶ କରିଛନ୍ତି ।



# ସମ୍ପାଦକୀୟ



ବନବିଭାଗର ଦୃଷ୍ଟିରେ ଜଙ୍ଗଲ ହେଉଛି କାଠ, ଲାଖ ଓ ବୈଦେଶିକ ମୁଦ୍ରା; ଜଣେ ବନବାସୀର ଦୃଷ୍ଟିରେ ଜଙ୍ଗଲର ଅର୍ଥ - ମାଟି, ପାଣି ଓ ସ୍ୱଚ୍ଛ ବାୟୁ।
-ସୁନ୍ଦରଲାଲ ବହୁଗୁଣା

ସକାଳ
THE SAKALA

## ଆମେରିକାର ଟିକସ କଷଣ

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମା ପାଇଁ ଧାର୍ଯ୍ୟ ସମୟ ଆଉ ଗୋଟିଏ ଦିନ ପରେ ଅତିକ୍ରମ କରିବ। କିନ୍ତୁ ଏହାପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ଅସଲ ଚେହେରା ଦୁନିଆକୁ ଦେଖାଇଛନ୍ତି। ଭାରତ ଆମେରିକାର ବନ୍ଧୁ ହୋଇଥିଲେ ମଧ୍ୟ ରୁଷରୁ ଇନ୍ଧନ ଓ ପ୍ରତିରକ୍ଷା ଉପକରଣ କିଣୁଥିବାରୁ ଭାରତର ଉତ୍ପାଦ ଉପରେ ୨୫% ଆମଦାନୀ ଶୁଳ୍କ ସହିତ ଅତିରିକ୍ତ 'ରୁଷ୍-ଜୋରିମାନା' ଲାଗୁ କରାଯିବ ବୋଲି ଘୋଷଣା କରିଛନ୍ତି। ଏହି ଜୋରିମାନା ପରିମାଣ କେତେ ହେବ ତାହା ଏବେ ସ୍ପଷ୍ଟ ହୋଇ ନଥିଲେ ମଧ୍ୟ ୧୦୦% ଟପିପାରେ ବୋଲି ସୂଚନା ମିଳିଛି। ରୁଷ୍‌କୁ ଅର୍ଥନୈତିକ ଏକଘରିକିଆ କରିବା ଲକ୍ଷ୍ୟରେ ଆମେରିକା ବଦ୍ଧ ପରିକର। ଅପରପକ୍ଷରେ ରୁଷ୍ ଭାରତର ପୁରୁଣା ଓ ବିଶ୍ୱସ୍ତ ବନ୍ଧୁ ହୋଇଥିବାରୁ ଆମେରିକାର କଟକଣା ଧମକ ସତ୍ତ୍ୱେ ଭାରତ ସେହି ଦେଶ ସହିତ ବାଣିଜ୍ୟ ସମ୍ପର୍କ ତୁଟାଇ ନାହିଁ କି ଆଗକୁ ମଧ୍ୟ ସେ ସମ୍ଭାବନା ନାହିଁ। ତେଣୁ ଏବେ ଭାରତ ଟ୍ରମ୍ପଙ୍କ ରୋଷର ଶିକାର ହେବା ସ୍ୱାଭାବିକ।

ଏ କଥା ସତ ଯେ ଆମ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ ଭାରତ ସିଦ୍ଧାନ୍ତ ବା ନିଷ୍ପତ୍ତିର ନିକଟବର୍ତ୍ତୀ ହୋଇଥିବା ଦାବି କରିଛନ୍ତି। ତେବେ ପରିସ୍ଥିତି ଉପରେ ଦୃଷ୍ଟି ରଖିଥିବା ବିଶେଷଜ୍ଞ ମତରେ ଏବେ ମଧ୍ୟ ଅନିଶ୍ଚିତତା ଜାରି ରହିଛି। ଚୂଡ଼ାନ୍ତ ରାଜିନାମା ପୂର୍ବରୁ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟିକ କାରବାର ସମ୍ଭାବନା ଉଣା। ଭାରତ-ବ୍ରିଟେନ ମଧ୍ୟରେ ବାଣିଜ୍ୟ ରାଜିନାମା ପରେ ସ୍ଥିତିରେ ପରିବର୍ତ୍ତନ ଘଟିଛି। ୟୁରୋପୀୟ ରାଷ୍ଟ୍ରସଂଘ ସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଭାରତ ସହ ବାଣିଜ୍ୟିକ ସଂପର୍କ ରକ୍ଷା ନେଇ ତତ୍ପରତା ପ୍ରକାଶ କରୁଥିବା ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ଭାରତ ଅତିରିକ୍ତ ସମୟ ଦେଇ ଆମେରିକା ସହ ଆଲୋଚନାକୁ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହେବା ସକାଶେ ସ୍ୱତନ୍ତ୍ର ଆଗ୍ରହ ପ୍ରକାଶ କରିଛି। କାରଣ ଆମେରିକା-ଭାରତର ବାଣିଜ୍ୟ ରାଜିନାମାର ପ୍ରଭାବ ଦେଶର ଅର୍ଥନୀତି ଓ ଷ୍ଟକବଜାର ଉପରେ ପଡୁଛି।

ଇତିମଧ୍ୟରେ ଟ୍ରମ୍ପ ଭାରତକୁ ବାଦଦେଇ ଅନ୍ୟ ବହୁରାଷ୍ଟ୍ର ସହ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିସାରଲେଣି। ସେମାନଙ୍କ ମଧ୍ୟରେ ଜାପାନ, ଭିଏତନାମ, ଇଣ୍ଡୋନେସିଆ ଓ ଫିଲିପାଇନ୍ସ ଅନ୍ୟତମ। ଏହାଛଡ଼ା ଅନ୍ୟ ୨୦ଟି ରାଷ୍ଟ୍ର ସହ ଖୁବ୍ ଶୀଘ୍ର ବୁଝାମଣା ହେଉଥିବାର ସୂଚନା ମିଳିଛି। ସେହିଭଳି ଆମେରିକା ଓ ଚୀନ ମଧ୍ୟରେ ସ୍ୱାକ୍ଷରିତ ଟାରିଫ ଓ ରପ୍ତାନି ନିୟନ୍ତ୍ରଣ ରାଜିନାମାର ମିଆଦ ଅଗଷ୍ଟ ୧୨ ତାରିଖରେ ଶେଷ ହେଉଛି। ଯେତେଦୂର ମନେ ହୁଏ ପୁଣି ତାହାର ସମୟସୀମା ବଢ଼ିବ। ଦୁଇ ରାଷ୍ଟ୍ରର ପ୍ରତିନିଧିଙ୍କ ମଧ୍ୟରେ ଷ୍ଟକ୍‌ହୋମ୍ ଓ ସ୍ୱିଡେନରେ ବୁଝାମଣା ପ୍ରକ୍ରିୟା ଏଥିମଧ୍ୟରେ ଆରମ୍ଭ ହୋଇଯାଇଛି। ଆମେରିକା ଓ ଭାରତ ବାଣିଜ୍ୟ ରାଜିନାମା ବିଳମ୍ବିତ ହେବା ପଛରେ ଟ୍ରମ୍ପଙ୍କ କେତେକ ସର୍ତ୍ତ ଦାୟୀ। ତେଣୁ ଆଲୋଚନା ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଥିବାର ଗୋୟଲଙ୍କ ଦାବି ଆଶା ସଂଚାର କରୁଥିଲେ ମଧ୍ୟ ବହୁ ବିବାଦୀୟ ପ୍ରସଙ୍ଗ ନେଇ କୌଣସି ନିଷ୍ପତ୍ତି ହୋଇପାରିନାହିଁ। ଏଥିପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ ଟ୍ରମ୍ପଙ୍କ ବିବାଦୀୟ ଆଭିମୁଖ୍ୟ ଅନ୍ୟତମ। ଯେତେଦୂର ମନେହୁଏ ବାଣିଜ୍ୟ ରାଜିନାମା ସଂପର୍କରେ କିଛି ଆଶ୍ୱାସୂଚକ ମତାମତ ନେଇ ପରିସ୍ଥିତିକୁ ସହଜ ଓ ସାବଲୀନ କରିବାକୁ ପୀୟୁଷ ଗୋଏଲ ପ୍ରୟାସ କରୁଛନ୍ତି। କିନ୍ତୁ ଏହାପୂର୍ବରୁ ଟ୍ରମ୍ପ ଭାରତ ବିରୋଧରେ ଟିକସ ହାର ଘୋଷଣା କରି ପରୋକ୍ଷ ଚାପ ସୃଷ୍ଟି କରିଥିବା ଜଣାପଡୁଛି।

ଭାରତ-ଆମେରିକା ଦ୍ୱିପାକ୍ଷିକ ରାଜିନାମାରେ ମୁଖ୍ୟ ପ୍ରତିବନ୍ଧକ ହୋଇଛି କୃଷି ଓ ଦୁଗ୍ଧଜାତ ଦ୍ରବ୍ୟକୁ ନେଇ। ଆମେରିକା ଉଭୟ ସାମଗ୍ରୀର ବିପଣନ ସକାଶେ ଭାରତୀୟ ବଜାର ଉନ୍ମୁକ୍ତ କରିବାକୁ ଚାହୁଁଥିବା ବେଳେ ଆଭ୍ୟନ୍ତରୀଣ ବାଧ୍ୟବାଧକତା ଦୃଷ୍ଟିରୁ ଭାରତ ସାଲିସ କରିବା ଏତେ ସହଜ ନୁହେଁ। ଏମିତିରେ କୃଷକଙ୍କ ଏକାଧିକ ଦାବିକୁ ସରକାର ଗ୍ରହଣ କରୁନଥିବାରୁ ଏବେ ମଧ୍ୟ ଆନ୍ଦୋଳନ ଜାରି ରହିଛି। ସରକାର ଯଦି ଚାପର ପରବର୍ତ୍ତୀ ହୋଇ ବଜାର ସୁବିଧା ଆମେରିକାକୁ ଦିଅନ୍ତି ତେବେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ଭାରତୀୟଙ୍କ ଡାଟା ଗୋପନୀୟତା ଆଇନ ଓ ସଂରକ୍ଷିତ ଡିଜିଟାଲ୍ ମାର୍କେଟ୍‌ରେ ଆମେରିକୀୟ ବୈଷୟିକ ସଂସ୍ଥାଙ୍କ ଅନୁପ୍ରବେଶ ସୁବିଧା କ୍ଷେତ୍ରରେ ଥିବା କଟକଣା ପ୍ରତ୍ୟାହାର ଦାବି ଅନ୍ୟ ଏକ ପ୍ରସଙ୍ଗ। ଦେଶର ସାଂପ୍ରତିକ ରାଜନୈତିକ ଦୃଶ୍ୟପଟ ଯାହା, ସେଥିରେ ସରକାର 'ଆ ବଦଳ ମତେ ବିନ୍ଧ' ନୀତି ଅନୁସରଣ କରିବା ଏତେ ସହଜ ନୁହେଁ। ବିଳମ୍ବିତ ନିଷ୍ପତ୍ତିର ଏହି ଦିଗ ବେଶ ଚିନ୍ତା ଉଦ୍ରେକକାରୀ ହୋଇଥିଲେ ମଧ୍ୟ ମଧ୍ୟବର୍ତ୍ତୀକାଳୀନ ସୀମିତ ବାଣିଜ୍ୟ କାରବାର ପାଇଁ ଯେତେଦୂର ସମ୍ଭବ ପଥ ପରିଷ୍କାର ହେବ ବୋଲି ଗତ ୨୪ ତାରିଖରେ ବୈଦେଶିକ ମନ୍ତ୍ରଣାଳୟ ଦେଇଥିବା ସୂଚନାରୁ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ଇସ୍ପାତ, ଆଲୁମିନିୟମ ଓ କାର ରପ୍ତାନି ଉପରେ ଅତିରିକ୍ତ ଶୁଳ୍କ ଲାଗୁ ସକାଶେ ଟ୍ରମ୍ପ ଯେଉଁ ଘୋଷଣା କରିଥିଲେ ସେଥିରେ ହ୍ରାସ ଘଟାଇବାର ସମ୍ଭାବନା ରହିଛି। ତେବେ ତାହା ବିନିମୟରେ ଭାରତ ବଜାର ଦଖଲ କରିବାର ପ୍ରୟାସକୁ ଯେ ଆଖିବୁଜି ଦିଆଯିବ ଏକଥା ନୁହେଁ।

ପାରସ୍ପରିକ ସ୍ୱାର୍ଥ ରକ୍ଷା ଏବଂ ଭୂ-ରାଜନୈତିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଞ୍ଚଳିକ ସ୍ତରରେ ମୁଣ୍ଡ ଟେକୁଥିବା ଫୋରମକୁ ଭଲ ଆଖିରେ ଦେଖେନାହିଁ ଆମେରିକା। ଅନେକ କ୍ଷେତ୍ରରେ ଆମେରିକାର ଏକଛତ୍ରବାଦୀ ଆଭିମୁଖ୍ୟ ବିରୋଧରେ ମଧ୍ୟ ଏହି ଫୋରମ୍ ନିଷ୍ପତ୍ତି ଗ୍ରହଣ କରିଥାଏ। ହୋଇପାରେ ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ର ଆମେରିକା। ତେବେ ପରିବର୍ତ୍ତିତ ପରିସ୍ଥିତିରେ ନିଜର ସ୍ୱାର୍ଥରକ୍ଷା ପାଇଁ ଆଞ୍ଚଳିକ ଶକ୍ତିଙ୍କର ଯେଉଁ ଅଭ୍ୟୁଦୟ ଘଟୁଛି ତାହାକୁ କଠୋର କଟକଣା ପ୍ରୟୋଗ କରି ରୋକିବା ସମ୍ଭବ ନୁହେଁ। ବ୍ରିକ୍ସ ଓ ଏସ୍‌ସିଓରେ ଚୀନର ପ୍ରାଧାନ୍ୟ ଥିଲେ ମଧ୍ୟ ଭାରତ ଯେ ଅନ୍ୟତମ ଶକ୍ତି କେନ୍ଦ୍ର ତାହାକୁ ଅସ୍ୱୀକାର କରିହେବନି। ତେଣୁ ଏସବୁ ସଂଗଠନରେ ଭାରତ ଭୂମିକା ଓ ରୁଷରୁ ତୈଳ ଆମଦାନୀ ଭଳି ପ୍ରସଙ୍ଗ ଟ୍ରମ୍ପଙ୍କୁ କ୍ଷୁବ୍ଧ କରିଛି। ଟ୍ରମ୍ପ କ୍ଷମତାସୀନ ହେବା ପରେ ପରେ ଯେଉଁ ବାଣିଜ୍ୟ ଯୁଦ୍ଧ ଘୋଷଣା କରିଥିଲେ, ଆମେରିକାବାସୀଙ୍କ ସ୍ୱାର୍ଥ ଓ ନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ଏବେ ସେଥିରେ ସାଲିସ୍ କରିବାକୁ ବାଧ୍ୟ ହୋଇଛନ୍ତି।

ଭାରତର ବାଣିଜ୍ୟିକ ସ୍ୱାର୍ଥରକ୍ଷାର ଗୁରୁତ୍ୱ ଦୃଷ୍ଟିରୁ ଟ୍ରମ୍ପଙ୍କ ସହ ମଧ୍ୟ ସବୁକଥାରେ ସାଲିସ କରି ହେବନି। ଏକଥା ସତ ଯେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆଲୋଚନାକୁ ଆଗେଇ ନେଇ ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିବା ସହଜ ନୁହେଁ। ତେଣୁ ଭାରତକୁ ଏହି ରାଜିନାମା ପାଇଁ ଅଧିକ ସମୟ ଦେବାକୁ ପଡ଼ିବ।

# ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ଅନିଶ୍ଚିତ

ଡଃ ସ୍ୱାଧୀନ କୁମାର ଦାଶ

ରାଜଧାନୀର କର୍ମଜୀବୀ, ବ୍ୟବସାୟୀ ଓ ବିଦ୍ୟାର୍ଥୀଙ୍କ ସମେତ ଜନସାଧାରଣଙ୍କ ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ନିର୍ବାଚନ ଇସ୍ତାହାରରେ ଭୁବନେଶ୍ୱର ଓ କଟକ ମଧ୍ୟରେ ମେଟ୍ରୋ ରେଳ ପ୍ରକଳ୍ପର ପ୍ରତିଶ୍ରୁତି ଦେଇଥିଲେ। ନଭେମ୍ବର ୧୪, ୨୦୨୩ରେ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ମିଳିଥିଲା। ଦେଶର ଅଗ୍ରଣୀ ଦିଲ୍ଲୀ ମେଟ୍ରୋ ରେଳନିଗମ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହିତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା ମଧ୍ୟ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୨୪, ଜାନୁୟାରୀ ୧ତାରିଖରେ ହୋଇଥିଲା। ଏହା ଭୁବନେଶ୍ୱର ସମେତ ରାଜ୍ୟବାସୀଙ୍କୁ ଟ୍ରାଫିକ ସମସ୍ୟାରୁ ଆଶ୍ୱସ୍ତି ପାଇବାଇବାର ଆଶ୍ୱାସନା ପ୍ରଦାନ କରିଥିଲା। ଅଧୁନା ଶିଳାନ୍ୟାସର ପ୍ରାୟତଃ ୧୮ମାସ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପର ଅଗ୍ରଗତି ଦୂରେ ଥାଉ ଟେଣ୍ଡର ବାତିଲ୍ ହୋଇଥିବା ସୂଚନା ମିଳିଛି। ଏହା ଭିତରେ ଥିବା କାରଣ କ'ଣ? ତାହା ଆମ ପରି ସାଧାରଣ ଲୋକ କ'ଣ ବୁଝିପାରିବ? ସେସବୁ ଗହନ ଚାଷର ପାଠ।

ସୂଚନାଯୋଗ୍ୟ ଭାରତବର୍ଷରେ ଅଧୁନା ୧୬ଟି ସହରରେ ମେଟ୍ରୋରେଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ଜନସାଧାରଣ ସେବାରେ ଲାଗୁଛି। ସୂଚନାଯୋଗ୍ୟ, ଭାରତବର୍ଷରେ ସର୍ବପ୍ରଥମେ ୧୯୪୯-୫୦ ମଧ୍ୟରେ ଅଗ୍ରଣୀ ସହର କଲିକତାରେ ତତ୍‌କାଳୀନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟ ମେଟ୍ରୋରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ିଥିଲେ। ଏହାର ୨୩ ବର୍ଷ ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଭାରତୀୟ ଓ ବିଦେଶ ସଂସ୍ଥା ମିଳିତ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ୧୯୭୩ ମସିହାରେ କଲିକତାଠାରେ ଉକ୍ତ ମେଟ୍ରୋରେଳ ପ୍ରକଳ୍ପର ଡିପିଆର ପ୍ରସ୍ତୁତ ହୋଇ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ଅକ୍ଟୋବର ୨୪, ୧୯୮୪ ମସିହାରେ ଭାରତବର୍ଷରେ ସର୍ବପ୍ରଥମେ ମେଟ୍ରୋ ଟ୍ରେନ ଚଳାଚଳ କରି ଇତିହାସରେ ଏକ ନୂତନ ଯୁଗର ଆରମ୍ଭ ହେଲା। ଯଦିଓ ଏହାପରେ ଦିଲ୍ଲୀ, ବମ୍ବେ, ବାଙ୍ଗାଲୋର, ହାଇଦ୍ରାବାଦ, ଚେନ୍ନାଇ, ଅହମ୍ମଦାବାଦ, ନାଗପୁର, ପୁଣେ, ଜୟପୁର, କୋଚି, ଲକ୍ଷ୍ନୌ, କାନପୁର, ନୋଏଡା, ଗୁଡଗାଁଓ ଓ ମିରଟ ପରି ୧୬ଟି ସହରରେ ମେଟ୍ରୋ ରେଳ ଚଳାଚଳ କରି ଦେଶର ପ୍ରଗତିରେ ନିଜକୁ ସାମିଲ କରିପାରିଛନ୍ତି। ଭାରତରେ ଅଦ୍ୟାବଧି ୮୩୫ କିଲୋମିଟର ମେଟ୍ରୋ ରେଳ ମାର୍ଗ କାର୍ଯ୍ୟକ୍ଷମ ଅଛି। ଏହାର ସୁଦୂରପ୍ରସାରୀ ପ୍ରଭାବ ଅନେକାଂଶରେ ପରିଲକ୍ଷିତ ହେଉଛି। ଯାତାୟତ ଜନିତ ସମୟ ଅପଚୟ ହ୍ରାସ ପାଇ ଉକ୍ତ ସହରଗୁଡ଼ିକୁ ପୂର୍ବାପେକ୍ଷା ଅଧିକ ସମୃଦ୍ଧିଶାଳୀ କରାଯାଇପାରିଛି। ଏହି ସଫଳତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଓ କିଛି ରାଜ୍ୟମାନେ ମେଟ୍ରୋ ରେଳ ପ୍ରକଳ୍ପ କରିବାକୁ ଆଗ୍ରହ ପ୍ରକାଶ କରି ପ୍ରକଳ୍ପ ସମ୍ବଳିତ ଡିପିଆର ଏବଂ ପ୍ରଶାସନିକ ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

ଏହିକ୍ରମରେ ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରଠାରେ ୨୬ କି.ମି. ପ୍ରଶସ୍ତ ମେଟ୍ରୋ ରେଳ ଧାରଣା ସହ ୨୦ଟି ରହଣି ସ୍ଥାନ ନିର୍ମାଣ ପ୍ରସ୍ତାବ ରହିଥିଲା। ୬୨୬୫କୋଟି ଟଙ୍କା ବ୍ୟୟବରାଦ କରାଯାଇ ଟେଣ୍ଡର ମାଧ୍ୟମରେ ଏହାର ପ୍ରଥମ କାର୍ଯ୍ୟଭାର ଠିକା ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା। ଦେଶରେ ଯେତେସବୁ ମେଟ୍ରୋ ରେଳ ପ୍ରକଳ୍ପମାନ କରାଯାଇଛି, ଅଧିକାଂଶ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଭାଗିତାରେ କରାଯାଇଛି। କିନ୍ତୁ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ଦ୍ୱାରା ପ୍ରକଳ୍ପ ନିର୍ମାଣ ଜନିତ ଅର୍ଥ ବ୍ୟୟବରାଦ କେବଳ ରାଜ୍ୟ ସରକାର ବହନ କରି ସମସ୍ତ ଅର୍ଥରାଶିର ପ୍ରାବଧାନ ନିଜସ୍ୱ ରାଜ୍ୟ ବଜେଟ୍ ମଧ୍ୟରେ ରଖିଥିଲେ। ସରକାରଙ୍କ ଏହି ଫ୍ଲାଗସିପ୍ ଯୋଜନା ରାଜ୍ୟର ସ୍ୱାର୍ଥର ପ୍ରମୁଖତା ବହନ କରିବା ସହ ରାଜ୍ୟସରକାରଙ୍କ ଉଲ୍ଲେଖନୀୟ ସଫଳତା ବର୍ଣ୍ଣନାର ନୂତନ ଅଧ୍ୟାୟ ହେବା ନିଶ୍ଚିତ ଥିଲା।

କଟକ ଓ ଭୁବନେଶ୍ୱର ମଧ୍ୟରେ ମେଟ୍ରୋ ରେଳପ୍ରକଳ୍ପ ଉଭୟ ସହର ମଧ୍ୟରେ ଅନେକ ଦିଗରୁ ସଂପର୍କ ସ୍ଥାପନାରେ ସହାୟକ ହେବ, ଏଥିରେ କୌଣସି ଦ୍ୱିମତ ନାହିଁ। କିନ୍ତୁ ୨୦୨୪ରେ ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ଏହି ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠିଥିଲା। ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ନଗର ଉନ୍ନୟନ ମନ୍ତ୍ରୀ କହିଥିଲେ ଯେ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ଶେଷ ହେବାକୁ ଯେଉଁ ସମୟ ନିର୍ଦ୍ଧାରଣ କରାଯାଇଛି ସେହି ସମୟ ମଧ୍ୟରେ ପ୍ରକଳ୍ପ ସରିବା ଲାଗି ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ। ପୂର୍ବ ସରକାରରେ କରାଯାଇଥିବା କୌଣସି ଜନହିତକର କାର୍ଯ୍ୟକ୍ରମ ବନ୍ଦ କରାଯିବ ନାହିଁ ବୋଲି ମଧ୍ୟ ସେ କହିଥିଲେ। ପରେ ରାଜ୍ୟ ସରକାର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାପୂର୍ବକ ସହର ଭିତରେ ମେଟ୍ରୋ ଟ୍ରେନ ଲାଇନ୍ ନିର୍ମାଣ ହେଲେ ଯେପରି ଜନସାଧାରଣଙ୍କର କୌଣସି ସମସ୍ୟା ନହୁଏ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ପୂର୍ବକ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଆହ୍ୱାନକ୍ରମେ ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ, ଟିପିସିଓଡିଏଲ୍, ଗେଲ୍, ବିଏସ୍‌ଏନ୍‌ଏଲ୍, ୱାଟକୋ, କମିଶନରେଟ୍ ଟ୍ରାଫିକ ଅଧିକାରୀଙ୍କ ସହ ଅନ୍ୟାନ୍ୟ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଟିମ୍ ଡିପିଆର ଅନୁସରଣ ପୂର୍ବକ ସହର ଭିତର ଦେଇ ଯିବାକୁ ଥିବା ସାମ୍ଭାବ୍ୟ ମେଟ୍ରୋରେଳ ଗତିପଥ ବୁଲି ଦେଖିଥିଲେ। ଅଭିଜ୍ଞ ଯନ୍ତ୍ରୀମାନଙ୍କ ଦ୍ୱାରା ଉକ୍ତ ଗତିପଥର ପ୍ରତ୍ୟେକ ୧୦୦ମି. ଅନ୍ତରରେ ମାଟିସ୍ତରରୁ ୪୦ମିଟର ଖୋଳାଯାଇ ମାଟିର ମାନ ଓ ଦୃଢ଼ତାକୁ ପରୀକ୍ଷା କରି ରିପୋର୍ଟ ପ୍ରସ୍ତୁତ ହୋଇଥିଲା। ଏସବୁ ପରେ ପୂର୍ତ୍ତ ବିଭାଗୀୟ ମନ୍ତ୍ରୀଙ୍କ ବିବୃତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲା ଭଳି ଥିଲା। ତାଙ୍କ ମନ୍ତବ୍ୟ ଦୁଇଟି ଦିଗକୁ ଉପସ୍ଥାପିତ କରିଥିଲା। ପ୍ରଥମଟି ପୂର୍ବ ସରକାରଙ୍କ ନିଷ୍ପତ୍ତି ମୁତାବକ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ଏୟାରପୋର୍ଟ ଛକଠାରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ଥିବାବେଳେ ଏହା ପରିବର୍ତ୍ତନ କରାଯାଇ କଟକ ପର୍ଯ୍ୟନ୍ତ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଏବଂ ତତ୍ ସଂକ୍ରାନ୍ତୀୟ ଆଉ ଏକ ଡିପିଆର ପ୍ରସ୍ତୁତି ପାଇଁ ରାଜ୍ୟ ସରକାର ସଂପୃକ୍ତ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଲେ। ଦ୍ୱିତୀୟଟି ମେଟ୍ରୋ ପ୍ରକଳ୍ପଟି ମାଟି ଉପରେ ନ ଯାଇ କଲିକତା ପରି ମାଟିତଳେ ନିର୍ମାଣ କରାଯିବ ଏବଂ ୨୦ଟି ରହଣି ସ୍ଥାନ ସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହେଲା। କାର୍ଯ୍ୟର ତଦାରଖ ନିମନ୍ତେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମର ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ସମେତ ଗବେଷଣା ଓ ବିକାଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବାଣିଜ୍ୟ ଓ ପରିବହନ ଏବଂ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ସଚିବ, ପୂର୍ତ୍ତ ବଭାଗ ପ୍ରମୁଖ ସଚିବ, ଅର୍ଥ ବିଭାଗ ପ୍ରମୁଖ ସଚିବ, ରେଳ ସମନ୍ୱୟ ବାଣିଜ୍ୟ ଓ ପରିବହନ ବିଭାଗର ସଚିବଙ୍କୁ ଅବସ୍ଥାପିତ କରି ଏହି ପ୍ରକଳ୍ପ କାର୍ଯ୍ୟକାରିତା ପର୍ଯ୍ୟବେକ୍ଷଣ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ମେଟ୍ରୋ ରେଳ ପ୍ରକଳ୍ପ ସଂପର୍କିତ ଆନ୍ତଃ ମନ୍ତ୍ରୀସ୍ତରୀୟ ପ୍ରଥମ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଟେଣ୍ଡର ବାତିଲ୍ ହେବା ପରେ ସେ ସବୁ ଯୋଜନା ଶୀତଳଭଣ୍ଡାରକୁ ଚାଲିଯାଇଛି।

ଅଧୁନା ରାଜ୍ୟରେ ଅବସ୍ଥାପିତ ସରକାର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପ ଅଗ୍ରଗତି ଦିଗରେ କାର୍ଯ୍ୟକରିବା ଉଚିତ୍। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ଆନ୍ତରିକତାର ସହିତ ନେଇ କାର୍ଯ୍ୟକାରୀ କରାଗଲେ ରାଜ୍ୟର ସ୍ୱାର୍ଥ ସାଧନ ହେବା ସହ ଓଡ଼ିଶାର ପ୍ରଗତିରେ ନୂତନ ଅଧ୍ୟାୟ ଯୋଡ଼ି ରାଜ୍ୟକୁ ଆର୍ଥିକ ଦିଗରେ ଲାଭବାନ କରିବ। ପ୍ରକଳ୍ପର ଶ୍ରେୟକୁ ନେଇ ରାଜନୈତିକ ଅଭିସନ୍ଧି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କବର ନ ଦେଉ।

ଭୁବନେଶ୍ୱର, ମୋ: ୯୯୩୭୭୮୧୦୧୨

# ଶିକ୍ଷା ସାଧନ ଓ ବିଦ୍ୟାଳୟ କୋଠା

ରାଜୀବ କୁମାର ନାୟକ

ପିଲାମାନଙ୍କୁ ସ୍କୁଲ୍ ମନସ୍କ କରିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ତନ୍ମଧ୍ୟରୁ 'ବାଲା' (ବିଲିଡ଼ିଂ ଆଜ୍ ଲର୍ଣ୍ଣିଂ ଏଡ୍) ଯୋଜନା ଅନ୍ୟତମ। 'ବାଲା' ହେଉଛି ଏକ ଯୋଜନା, ଯେଉଁଠି ସଂପଦର ସଦୁପଯୋଗ ପୂର୍ବକ ବିଦ୍ୟାଳୟରେ ଥିବା ସ୍ଥାନ ଏବଂ କୋଠାକୁ ଅଭିନବ ଉପାୟରେ ଶିଶୁ ଅନୁକୂଳ ତଥା ପାଠପଯୋଗୀ କରି ଶୈକ୍ଷିକ ମୂଲ୍ୟ ବୃଦ୍ଧି କରିବା। ଏଥିରେ କାର୍ଯ୍ୟକଳାପ ଆଧାରିତ ଶିକ୍ଷା, ଶିଶୁ ଉପଯୋଗୀ, ସମାବେଶୀ ଶିକ୍ଷା ସାମିଲ ହେବ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଛାତ୍ରଛାତ୍ରୀଙ୍କୁ ପଠନ ନିମନ୍ତେ ଉତ୍ସାହିତ କରିବା ସହିତ ତାହା ଯେପରି ଉପଭୋଗ୍ୟ ହୋଇପାରିବ ସେଥିସକାଶେ ପରିବେଶ ସୃଷ୍ଟି କରିବା, ଛାତ୍ରଛାତ୍ରୀ ଯେପରି ବୁଝିବେ ଯେ ପ୍ରତ୍ୟେକେ ଜଣେ ଜଣେ ଲେଖକ ହୋଇ ପାରିବେ, ସେମାନେ ଯେମିତି ପ୍ରକୃତ ପଠନ କୌଶଳ ହାସଲ କରି ପାରିବେ ଏବଂ ସ୍ୱୟଂ ଶିକ୍ଷାର୍ଥୀ ହୋଇ ପାରିବେ, ଭିନ୍ନ ଭିନ୍ନ ରଚନା ଶୈଳୀ ସହିତ ପରିଚିତ ହୋଇ ପାରିବେ ଏବଂ ନିଜ ପାଇଁ କ'ଣ ପଢ଼ିବାକୁ ଉପଯୁକ୍ତ ସହଜରେ ଚୟନ କରିପାରିବେ, ବିବିଧ ବ୍ୟାପକ ଅଭିବ୍ୟକ୍ତି ଦିଗରେ ଉନ୍ମୁକ୍ତ ହୋଇପାରିବେ।

ମୁଖ୍ୟ କଥା ହେଲା ବିଦ୍ୟାଳୟକୁ ଏପରି ଭାବରେ ସୁସଜ୍ଜିତ କରାଯିବ, ଯେପରିକି ଏହାର ପ୍ରତ୍ୟେକ ଧୂଳିକଣାରେ କିଛି ନା କିଛି ଶିକ୍ଷଣୀୟ ଥିବ। ପ୍ରତ୍ୟେକ ବର୍ଗର ଛାତ୍ରଛାତ୍ରୀଙ୍କ ସକାଶେ ଏଭଳି ଅନୁକୂଳ ପରିବେଶ ସୃଷ୍ଟି କରାଯିବ, ଯାହା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆସିବା ନିମିତ୍ତ ଆକର୍ଷିତ କରୁଥିବ। ସତୁରୀ-ଅଶୀ ଦଶକରେ ପ୍ରଧାନଶିକ୍ଷକଙ୍କ ନେତୃତ୍ୱରେ ବିଦ୍ୟାଳୟର କାନ୍ଥବାଡ଼ରେ ବିଭିନ୍ନ ପ୍ରକାରର ନୀତିବାଣୀ, ଭାରତ, ଓଡ଼ିଶା ଓ ଜିଲ୍ଲାର ମାନଚିତ୍ର, ରାଜ୍ୟ ଓ ଦେଶର ବିଭିନ୍ନ ଦର୍ଶନୀୟ ସ୍ଥାନ, ଖାଦ୍ୟ ସାରଣୀ ଇତ୍ୟାଦିର ଚିତ୍ର ଓ ଲେଖା ବିଭିନ୍ନ ରଙ୍ଗ ଏବଂ ତୂଳୀ ସାହାଯ୍ୟରେ ଅଙ୍କା ଯାଉଥିଲା। ଅର୍ଥ ଅଭାବରୁ ଚିତ୍ରକର ସାହାଯ୍ୟ ନ ନେଇ ଶିକ୍ଷକଙ୍କ ମଧ୍ୟରୁ ଯାହା ଦେଇ ଚିତ୍ର ଭଲ ହେଉଥିବ ଏବଂ ଯାହାର ଅକ୍ଷର ଭଲ ହେଉଥିବ ତାଙ୍କ ମାଧ୍ୟମରେ ଏହିସବୁ ଜିନିଷ କରା ଯାଉଥିଲା। ଏବେ ଅର୍ଥର ଅଭାବ ସେତେ ମାତ୍ରାରେ ନାହିଁ। କିନ୍ତୁ ଅନେକ ବିଦ୍ୟାଳୟ ଆଜି ଶ୍ରୀହୀନ। ଏହାରି ଭିତରେ ୟୁନିସେଫ୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ 'ବାଲା' ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ଜିଲ୍ଲାରୁ ପ୍ରାୟ ଗୋଟିଏ କରି ବିଦ୍ୟାଳୟ ଚୟନ କରାଯାଉଛି।

ଓଡ଼ିଶାରେ 'ବାଲା' ଯୋଜନାରେ ସାମିଲ ହୋଇଥିବା ବିଦ୍ୟାଳୟଗୁଡ଼ିକ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାର କଇରାଝୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ପାଖାପାଖି ୫ ଏକର ପରିମିତ ଜାଗାରେ ଥିବା ବିଦ୍ୟାଳୟର ଫାଟକରେ ବିଦ୍ୟାଳୟର ନାମ ଭିନ୍ନ ଶ୍ରୀଗଣେଶ ଓ ସରସ୍ୱତୀଙ୍କ ଚିତ୍ର ସାଙ୍ଗକୁ ଫାଟକଠାରୁ ବିଦ୍ୟାଳୟର କୋଠା ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଗୋଲାକାର ସିମେଣ୍ଟ ଉପରେ ଉଭୟ ଓଡ଼ିଆ ଓ ଇଂରାଜୀ ବର୍ଣ୍ଣମାଳା, ଏକ ଶବ୍ଦ ଓ ତା'ର ଚିତ୍ର ରହିଛି। ମହାପୁରୁଷଙ୍କ ନାଁକୁ ନେଇ ଶ୍ରେଣୀ ଗୃହର ନାମକରଣ, ବିଦ୍ୟାଳୟ ପରିସରରେ ଥିବା ପ୍ରତ୍ୟେକ ବୃକ୍ଷର ଓଡ଼ିଆ, ଇଂରାଜୀ ଓ ଉଦ୍ଭିଦ ବିଜ୍ଞାନ ଅନୁଯାୟୀ ନାମ ଓଡ଼ିଆ ଅକ୍ଷରରେ ଏକ ଫଳକରେ ଲେଖି ଝୁଲାଯାଇଛି। କାନ୍ଥରେ ଚିତ୍ର ସହିତ 'ବାଲ୍ୟ ବିବାହକୁ ନା', 'ସେଭ୍ ଟ୍ରି' ଭଳି ବାର୍ତ୍ତାମାନ ରହିଛି। କମ୍ପ୍ୟୁଟର ହଲ ଆଗରେ କମ୍ପ୍ୟୁଟର ସଂପର୍କିତ ଅନେକ ସୂଚନା ଏବଂ କମ୍ପ୍ୟୁଟରର ବିଭିନ୍ନ ଅଂଶର ଚିତ୍ର, ପ୍ରତ୍ୟେକ ଶ୍ରେଣୀ ଗୃହରେ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଚିତ୍ର ଯେମିତି - ଟେନସ୍ ଚାର୍ଟ, କେଉଁ ଖାଦ୍ୟରୁ କେଉଁ ଭିଟାମିନ୍ ମିଳେ, ସୌର ପରିବାର ଇତ୍ୟାଦି ରହିଥିବା ବେଳେ ବାରଣ୍ଡାରେ ମହାପୁରୁଷଙ୍କ ଚିତ୍ର, ବିଭିନ୍ନ ଦର୍ଶନୀୟ ସ୍ଥାନ, ବିଭିନ୍ନ ମାନଚିତ୍ର ଇତ୍ୟାଦି ସହିତ ନୀତିବାଣୀ ଲେଖା ଯାଇଛି। ପ୍ରତ୍ୟେକ କାନ୍ଥତଳେ ଶାଢ଼ି ଧଡ଼ି ସଦୃଶ ଚିତ୍ର କରି ସାଧାରଣ ମଣିଷର ଜନ ଜୀବନର କଥା ପରିଦୃଷ୍ଟ ହୁଏ। ସ୍ଥାନେ ସ୍ଥାନେ ବିଭିନ୍ନ ଜୀବଜନ୍ତ ଆକୃତିର ଡଷ୍ଟବିନ ଥିବା ପରିଲକ୍ଷିତ ହୁଏ। ଛାତ୍ର, ଛାତ୍ରୀ ଓ ଭିନ୍ନକ୍ଷମଙ୍କ ସକାଶେ ଅଲଗା ପାଇଖାନା ଓ ର୍ୟାମ୍ପ ସହ ଆଗରେ ଚିତ୍ର ସହ ଲେଖା ଯାଇଛି ବାଳକ କି ବାଳିକା କି ଭିନ୍ନକ୍ଷମ। ଏହା ସହିତ 'ଜଳ ହିଁ ଜୀବନ' ଚିତ୍ର ସହ ଟନିଚକିଆ ଏକ ଚୌକିରେ ଜଣେ ଭିନ୍ନକ୍ଷମ ବସିଥାଇ ଲେଖାଯାଇଛି 'ଦୟା ନୁହେଁ ମୁଁ ସୁଯୋଗ ଚାହେଁ, ତୁମ ସାଥେ ସାଥେ ଯିବାକୁ ଚାହେଁ'। ଏତଦ୍‌ବ୍ୟତୀତ ଭିନ୍ନ ଭିନ୍ନ ଡଷ୍ଟବିନ କରାଯାଇ 'ମାଟିରେ ମିଶିବ' ଏବଂ 'ମାଟିରେ ମିଶିବ ନାହିଁ' ଲେଖା ଯାଇଥିବା ଦୃଷ୍ଟିଗୋଚର ହୁଏ। ପିଲାମାନଙ୍କୁ ଆକୃଷ୍ଟ କରିବା ସକାଶେ ଟ୍ରେନର ବଗି ଓ ପ୍ଲାଟଫର୍ମ ଭଳି ମଧ୍ୟ କରାଯାଇଛି ସାଇକେଲ ଷ୍ଟାଣ୍ଡ ନିକଟରେ, ଯାହାଦ୍ୱାରା ପିଲାମାନେ ଟ୍ରେନ, ପ୍ଲାଟଫର୍ମ ଇତ୍ୟାଦି ବିଷୟରେ ଜାଣିପାରିବେ। ସୁବର୍ଣ୍ଣପୁର ଜିଲ୍ଲାର ବିନିକା ନିକଟସ୍ଥ ଲକ୍ଷବଛପୁରଠାରେ ନିଜସ୍ୱ ଉଦ୍ୟମରେ ପ୍ରତିଷ୍ଠିତ ଏକ ଭିନ୍ନକ୍ଷମ ବିଦ୍ୟାଳୟରେ ମଧ୍ୟ ଏଭଳି ଅନେକ ଶିକ୍ଷଣୀୟ ଜିନିଷ ଦେଖିବାକୁ ମିଳେ।

ସୁବର୍ଣ୍ଣପୁର ଜିଲ୍ଲା ଏଠାରେ ଏକ ଉଦାହରଣ। 'ବାଲା' ଯୋଜନାରେ ସମଗ୍ର ଓଡ଼ିଶାରେ ବିଦ୍ୟାଳୟକୁ ଶିକ୍ଷଣୀୟ କରିବା ସକାଶେ ଅନେକ ପ୍ରଚେଷ୍ଟା ହୋଇଛି। ଅନେକ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ମଧ୍ୟ କମ୍ ବେଶୀ କରି ଏ ଦିଗରେ କାମ କରା ଯାଉଛି। ଅନେକ ଶ୍ରେଣୀଗୃହରେ ପରିୟଡିକ ଟେବୁଲଠୁ ଆରମ୍ଭ କରି ମାନବ ଶରୀରର ବିଭିନ୍ନ ଅଂଶ, ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ଉପକରଣ, ମାନଚିତ୍ର, ମହାପୁରୁଷଙ୍କ ଛବି ଇତ୍ୟାଦି କରା ଯାଉଛି। ଏହା ଛାତ୍ରଛାତ୍ରୀଙ୍କୁ ନିଶ୍ଚୟ ଅଭିଭୂତ କରୁଥିବ ଏବଂ ଶିକ୍ଷା ଅଭିମୁଖୀ କରାଉଥିବ। ଏହାବାଦ୍ ବିଭିନ୍ନ ସାମାଜିକ ସଂଗଠନ ଛାତ୍ରଛାତ୍ରୀଙ୍କୁ ପାଠ କେମିତି ସହଜ ଲାଗିବ ଭାବି ଅନେକ ପ୍ରକାରର ଜିନିଷ ପ୍ରସ୍ତୁତ କରୁଛନ୍ତି ଶିକ୍ଷଣୀୟ ଦ୍ରବ୍ୟ ମାଧ୍ୟମରେ ଶିକ୍ଷାଦାନ(ଟି.ଏଲ.ଏମ.)କୁ ଆଖି ଆଗରେ ରଖି।

ସରକାର ଏ ଦିଗରେ ଗୁରୁଦାୟିତ୍ୱ ଗ୍ରହଣ କରି ବିଭିନ୍ନ ପ୍ରକାର ବିଦ୍ୟାଳୟ ନ ଖୋଲି ସବୁ ବିଦ୍ୟାଳୟ ସମାନ ଭାବି ଏ ଦିଗରେ ଅର୍ଥ ବରାଦ କରିବାର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି। ତେଣୁ ଆମକୁ ଆହୁରି ଅନେକ ରାସ୍ତା ଅତିକ୍ରମ କରିବାର ଅଛି। ଆମେ ସେହିଦିନ ଖୁସି ପ୍ରକଟ କରିବା ଯେଉଁଦିନ ବିଦ୍ୟାଳୟର ଛୁଟି ସମୟର ଦୃଶ୍ୟ ଭଳି ବିଦ୍ୟାଳୟକୁ ଆସିବା ସମୟର ଦୃଶ୍ୟ ଦେଖାଯିବ। ଅର୍ଥାତ ପିଲାମାନେ ବିଦ୍ୟାଳୟକୁ ଆସିବାକୁ ଆଉ ଅମଙ୍ଗ ହେବେ ନାହିଁ, ବରଂ ବିଦ୍ୟାଳୟ ସମୟ ଆସିଲେ ସ୍ୱତଃ ବିଦ୍ୟାଳୟ ପ୍ରତି ଆକର୍ଷିତ ହେବେ।

ପଦରପଡ଼ା(ବୌଦ୍ଧ), ମୋ: ୯୪୩୭୫୭୧୮୩୧

# ବିଶ୍ୱ-ଦରଦୀ ମାନବବାଦୀ ଗୋପବନ୍ଧୁ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

**ସାହିତ୍ୟ ସରିତ୍**

ଗୋପବନ୍ଧୁଙ୍କୁ 'ଉତ୍କଳମଣି' ସମ୍ମାନରେ ବିଭୂଷିତ କରି ଓଡ଼ିଆ ଜାତି ଗୌରବାନ୍ୱିତ। ମାତ୍ର ତାଙ୍କ ସାହିତ୍ୟ ଏବଂ ଜୀବନରେ ମାନବିକ ସମ୍ବେଦନଶୀଳତାର ଯେଉଁ ଉଷ୍ମ ପ୍ରବାହ ଅନୁଭୂତ ହୁଏ ତାହା ସମସ୍ତ ଭୌଗୋଳିକ ସୀମାକୁ ଯେ ଅତିକ୍ରମ କରିଯିବାର ଅସୀମ ଶ୍ରଦ୍ଧାରେ ମହିମାନ୍ୱିତ -ଏହି ନିଗୂଢ଼ ସତ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଉନ୍ମୋଚିତ ହୋଇପାରିନାହିଁ। ଏ ପ୍ରୟାସ ଏବେ ମଧ୍ୟ ଜାରି ରହିଥିବା ଓଡ଼ିଆ ସାହିତ୍ୟ ପ୍ରତି ଶୁଭସଙ୍କେତ। ଗୋପବନ୍ଧୁଙ୍କ ହୃଦୟର ସୂକ୍ଷ୍ମତମ ଅଂଶଗୁଡ଼ିକ ସୁବିକଶିତ ହୋଇପାରିଥିବାରୁ ତାଙ୍କ କଣ୍ଠରେ ଭରିଯାଇଥିଲା ଅମାପ ମମତା, ନୟନଯୁଗଳ ହୋଇଯାଉଥିଲା ଅଶ୍ରୁସ୍ନାତ, କବିତା ଲେଖିବା ଆରମ୍ଭ କଲେ ତ୍ୟାଗପୂତ ଚରିତ୍ରମାନଙ୍କ ଭାବନାରେ ସେ ହୋଇଯାଉଥିଲେ ଭାବାବିଷ୍ଟ। ଗଦ୍ୟରଚନାରେ ବି ପ୍ରତିବିମ୍ବିତ ହେଉଥିଲା ତାଙ୍କ ସ୍ୱାଧୀନ, ସ୍ୱାଭିମାନ-ସମ୍ପନ୍ନ, ସମଦୁଃଖୀ ଅନ୍ତରଙ୍ଗ ଅନ୍ତଃସତ୍ତାଟି। ଧର୍ମପଦକୁ ସେ ଜୀବନ୍ୟାସ ଦେଲେ ସ୍ୱରଚିତ କାବ୍ୟରେ। ପ୍ରମାଣିତ କରିଦେଲେ ଯେ ସମ୍ପୂର୍ଣ୍ଣ ଭାବରେ ପ୍ରଜ୍ୱଳିତ ହୋଇ ଉଠିବାରେ ହିଁ ଜୀବନ-ଦୀପର ମହତ୍ତର ଉଦ୍ଦେଶ୍ୟ ହୋଇଯାଏ ସାଧିତ। କାବ୍ୟ କବିତା ଓ କବି-ଆତ୍ମା ସହ ସଂଯୁକ୍ତ ସାଧାରଣ ପାଠକ କଣ୍ଠରୁ ମଧ୍ୟ ତେଣୁ ଝରିଆସେ - 'ମାନବ ଜୀବନ ନୁହଇ କେବଳ ବର୍ଷ, ମାସ, ଦିନ ଦଣ୍ଡ / କର୍ମେ ଜିଏ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ।'

ଗୋପବନ୍ଧୁଙ୍କ ଜୀବନ କାଳ ମଧ୍ୟ ସଂକୁଚିତ। ମାତ୍ର ୫୨ ବର୍ଷ ବୟସରେ ସେ ଚିର ନିଦ୍ରା ବରଣ କରିନିଅନ୍ତି। ଅଥଚ ଏହି ସଂକ୍ଷିପ୍ତ ଜୀବନର ସୀମା ମଧ୍ୟରେ ସେ ଯେଉଁ ଅସୀମତା ଧାରଣ କରିଛନ୍ତି ସ୍ୱକୀୟ ଚେତନାରେ ଏବଂ ନିଜକୁ ବିତରିତ କରି ଦେଇଛନ୍ତି ନିର୍ବିଚାର ଭାବରେ, ତାହା ହିଁ ଯେ ଅନନ୍ୟ ଓ ଅତୁଳନୀୟ। କୌଣସି ସ୍ୱାଧୀନ କବିର ଆତ୍ମା ଓ ମୁକ୍ତିଅଭିମୁଖୀ ସଂଗ୍ରାମୀ ମନକୁ ବନ୍ଦୀ କରି ରଖିବା ପାଇଁ କ'ଣ ଏ ପୃଥିବୀରେ ନିର୍ମିତ ହୋଇପାରିଛି ନା ହୋଇପାରେ କୌଣସି କାରାଗୃହ? ଗୋପବନ୍ଧୁଙ୍କ ଶରୀରଟି ହଜାରୀବାଗ ଜେଲରେ ବନ୍ଦୀ ହୋଇ ରହିଥିବା ବେଳେ ବି ତାଙ୍କ ଆତ୍ମିକ ଆକୁଳତା ପ୍ରଦକ୍ଷିଣ କରୁଥିଲା ସମଗ୍ର ଓଡ଼ିଶାକୁ। ସେପରି ପ୍ରାଣବନ୍ତ ଉଦବିଗ୍ନତା କ'ଣ କୌଣସି ନିର୍ଦ୍ଦିଷ୍ଟ ସୀମାରେ ରହିପାରେ ଆବଦ୍ଧ? ତାହା ତ ପବନର ଢେଉରେ ଭାସିଯାଇପାରେ ଦୂର-ଦୂରାନ୍ତର, ଦେଶ-ଦେଶାନ୍ତର। 'ବନ୍ଦୀର ଆତ୍ମକଥା', 'କାରାକବିତା'ର ପ୍ରାଣପ୍ରାଚୁର୍ଯ୍ୟ ଗର୍ଭିତ ପଦଗୁଡ଼ିକ ସେହି ବିପୁଳ ଶକ୍ତି ଓ ଆନ୍ତରିକତାରେ ହୋଇ ଉଠିଛନ୍ତି ଅନ୍ତଃସ୍ପର୍ଶୀ ଆଉ ପ୍ରଭାବଦୀପ୍ତ। 'ସମାଜ' ଓ 'ସତ୍ୟବାଦୀ' ମାଧ୍ୟମରେ ପୁରପଲ୍ଲୀରେ ସେ ସୃଷ୍ଟି କରିଦେଇ ପାରିଛନ୍ତି ଅହିଂସାର ମନ୍ତ୍ର। ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ସମ୍ପ୍ରସାରିତ କରିଦେଇଛନ୍ତି ସର୍ବତ୍ର।

ଜଣେ ମଣିଷର ହୃଦୟ ପ୍ରତିମୁହୂର୍ତ୍ତରେ ହୋଇପାରେ କିପରି ଆବେଗ-ସ୍ପନ୍ଦିତ, ନବ ନବ ଚିନ୍ତନରେ ଆଲୋଡ଼ିତ, ମଣିଷର ଦୁଃଖ ଓ ଦୁର୍ଭାଗ୍ୟରେ ବିଗଳିତ; ତାହାର ମହତ୍ତର ଉଦାହରଣ ଗୋପବନ୍ଧୁ ଦାସ। ତାଙ୍କୁ ପଣ୍ଡିତ ଭାବରେ ମଧ୍ୟ ବିଭୂଷିତ କରାଯାଇଛି। କିନ୍ତୁ ପାଣ୍ଡିତ୍ୟଠାରୁ ଯାହା ସହସ୍ର ଗୁଣରେ ଗରୀୟାନ ସେଇ ଅକୃତ୍ରିମ ଶ୍ରଦ୍ଧା, ନିଷ୍କପଟ ହୃଦୟର ଭାବାବେଗ ବହନ କରି ସେ ନିକଟତର ହୋଇଛନ୍ତି ମଣିଷର। ସତ୍ୟବାଦୀ ବନ ବିଦ୍ୟାଳୟ ନିର୍ମାଣ କଲେ ସେ ମଣିଷ ଗଢ଼ିବା ସକାଶେ। ତାହା ତ ତାଙ୍କର ଏକ ଶ୍ରେଷ୍ଠ ମହାକାବ୍ୟ। ପୁଣି ଯେତେବେଳେ ଭାରତୀୟ ଜାତୀୟତାବୋଧ ତାଙ୍କ ଅନ୍ତରକୁ କରିଛି ବ୍ୟାକୁଳ ନିଜକୁ ଝାସ ଦେଇଛନ୍ତି ସ୍ୱଦେଶ ପ୍ରେମର ମହାସ୍ରୋତରେ।

ବନ ବିଦ୍ୟାଳୟରେ ଛାତ୍ରମାନଙ୍କୁ ସମ୍ବୋଧନ କରି ଯାହା ସେ ଉଚ୍ଚାରଣ କରୁଥିଲେ ତାହାକୁ ମହାକାଳ ମଳିନ କରିଦେଇ ପାରିନାହିଁ। ତାଙ୍କ ବକ୍ତବ୍ୟ ଓଡ଼ିଆ ସାହିତ୍ୟର ଉଚ୍ଚାଙ୍ଗ ଗଦ୍ୟକୃତି ଭାବରେ ଗୃହୀତ। ଭାଷା ହୋଇପାରେ କେତେ ସରଳ, କେତେ ଭାବଉଦ୍ରେକକାରୀ, ସଂଚରଣକ୍ଷମ ତାହା ତାଙ୍କ ରଚନାବଳୀରୁ ଯେ କେହି ହୃଦୟଙ୍ଗମ କରିପାରିବେ ଅନାୟାସରେ। ଓଡ଼ିଶାର ସୁପ୍ରସିଦ୍ଧ ଗାଥାକବି ରାଧାମୋହନ ଗଡ଼ନାୟକ 'ବିଶ୍ୱଜୀବନ ପଥେ' କବିତା ରଚନା କରି ପ୍ରମାଣିତ କରିଦେଇଛନ୍ତି ଯେ, ଗୋପବନ୍ଧୁ ଯଥାର୍ଥରେ ହେଉଛନ୍ତି ବିଶ୍ୱବାଦୀ ଓ ବିଶ୍ୱଦରଦୀ। ସେ ପ୍ରଥମେ ଜଣେ ଉଚ୍ଚକୋଟୀର ମଣିଷ। ତା'ପରେ କବି। ତାଙ୍କ କାବ୍ୟ, କବିତା, ଗଦ୍ୟସୃଷ୍ଟି ସର୍ବତ୍ର ଯେଉଁ ପ୍ରାଣ-ତରଙ୍ଗ ପରିବ୍ୟାପ୍ତ ହୋଇ ରହିଛି ଆମର ସାମାନ୍ୟ ଶ୍ରଦ୍ଧାର ସ୍ପର୍ଶ ଲାଭ କଲେ ତାହାର ଅସାମାନ୍ୟ ଆଲୋକ ନିଶ୍ଚୟ ଆମକୁ ଆବୃତ୍ତ କରି ରଖିବ ବାତାବରଣ ଯେତେ ପ୍ରତିକୂଳ ହୋଇ ରହିଥିଲେ ମଧ୍ୟ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅପାରଗତା ଲୁଚାଇବା ପାଇଁ ଅପଚେଷ୍ଟା: ବିଜେଡି

## ସରକାରଙ୍କ ଉପରେ ଆସ୍ଥା ହରାଇଲେଣି କି ରାଜ୍ୟ ବିଜେପି ଯୁବ ଓ ମହିଳା ମୋର୍ଚ୍ଚା

**ଭୁବନେଶ୍ୱର,୩୦।୭ (ସମିସ):** ବିଜେପି ରାଜ୍ୟ ମହିଳା ଶାଖା ଦ୍ୱାରା ବୁଧବାର ରାଜରାସ୍ତାରେ କରାଯାଇଥିବା ପ୍ରତିବାଦ କାର୍ଯ୍ୟକ୍ରମ ଉପରେ ଆଜି କଡ଼ା ପ୍ରତିକ୍ରିୟା ଦେଇଛି ବିଜେଡି। ବିଜେପି ସରକାର ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ଓ ଏହି ବିଫଳତାକୁ ଲୁଚାଇବାକୁ ଗତ କାଲି ବିଜେପି ମହିଳା ଓ ଯୁବମୋର୍ଚ୍ଚା ନେତା ରାଜରାସ୍ତାକୁ ଓହ୍ଲାଇବା ଦୁର୍ଭାଗ୍ୟଜନକ ବୋଲି ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି।



ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଇପ୍ସିତା କହିଛନ୍ତି ରାଜ୍ୟରେ ଗତ ତେର ମାସର ବିଜେପି ଶାସନରେ ମହିଳା ଓ ଛାତ୍ରୀଙ୍କ ବିରୋଧରେ ଅପରାଧ ବୃଦ୍ଧି ଘଟିବା ଯୋଗୁ ରାଜ୍ୟବାସୀ ଅତିଷ୍ଠ ହୋଇ ପଡିଛନ୍ତି। ବିଜେପି ଯୁବ ଓ ମହିଳା ମୋର୍ଚ୍ଚା ଏହି ପ୍ରତିବାଦ କାର୍ଯ୍ୟକ୍ରମ ମାଧ୍ୟମରେ, ବିରୋଧୀ ଦଳକୁ ଟାର୍ଗେଟ କରିବାକୁ ଅପଚେଷ୍ଟା କରୁଛନ୍ତି। ମାତ୍ର ଯେତେବେଳେ ବିଜେପି କର୍ମକର୍ତ୍ତା ମାନେ ଦୁଷ୍କର୍ମ ଅଭିଯୋଗରେ ଜେଲ ଯାଉଛନ୍ତି, ସେତେବେଳେ ସେମାନେ ମୁହଁ ଚୁପ ରଖୁଛନ୍ତି କାହିଁକି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି। ସାଢ଼େ ଚାରି କୋଟି ଓଡ଼ିଆଙ୍କ ହୃଦୟର ନେତା ନବୀନ ପଟ୍ଟନାୟକଙ୍କ ବୟସକୁ ନେଇ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଯେଉଁ ମନ୍ତବ୍ୟ ଦେଇଛନ୍ତି ତାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ଯେଉଁ ଦଳର ସଭାପତିଙ୍କୁ ୨୦୦୮ ମସିହାରେ ଓଡ଼ିଶା ନିବାସରେ ଗୋଟିଏ ରୁମରେ ତାଲା ପକାଇ ଅଟକାଯାଇଥିଲା, ସେହି ଦଳର ଯୁବ ସଭାପତି ନବୀନ ବାବୁଙ୍କୁ ପ୍ରଶ୍ନ ପଚାରିବା କେତେ ଦୂର ଯୁକ୍ତିଯୁକ୍ତ ? ବିଜେପି ଯୁବ ମୋର୍ଚ୍ଚାର ସଭାପତି ଶିଷ୍ଟାଚାର ଓ ଶାଳୀନତା ଭୁଲି ମନ୍ତବ୍ୟ ଦେଇ ଅନ୍ୟ ଛାତ୍ର ସଂଗଠନକୁ କ୍ୟାମ୍ପସ ଯିବାରେ ବାରଣ କରିବା ବେଳେ ଭୁଲି ଯାଉଛନ୍ତି ଯେ ରାଜ୍ୟର ସର୍ବାଧିକ କଲେଜ କ୍ୟାମ୍ପସର ନିର୍ବାଚିତ କର୍ମକର୍ତ୍ତା ବିଜୁ ଛାତ୍ର ଜନତା ଦଳ ସହ ସଂପୃକ୍ତ । ଏଫଏମ କଲେଜ ଛାତ୍ରୀ ସୌମ୍ୟଶ୍ରୀର ଆତ୍ମଦାହ ଘଟଣାରେ ଦୀର୍ଘ ୬ ମାସ କାଳ ସେ ନ୍ୟାୟ ପାଇବା ପାଇଁ ସଙ୍ଘର୍ଷ କରିଥିଲେ। ବିଜେପିର ଛାତ୍ର ସଂଗଠନ ଏବିଭିପିର ଜଣେ ସଦସ୍ୟ ହୋଇଥିବା ସତ୍ତ୍ୱେ, ସୌମ୍ୟାଶ୍ରୀଙ୍କୁ ରାଜ୍ୟ ସରକାର ନ୍ୟାୟ ଦେବା ପାଇଁ ବିଫଳ ହୋଇଥିଲେ, ଯେଉଁଥିପାଇଁ ଏଭଳି ଅଭାବନୀୟ କାଣ୍ଡ ଘଟିଲା। ରାଜ୍ୟ ବିଜେପି ସରକାର ନ୍ୟାୟ ଦେବାରେ ବିଫଳ ହୋଇଥିବା ବେଳେ ଅନ୍ୟକୁ ଅଙ୍ଗୁଳି ଦେଖାଇବାର ଅଧିକାର ବିଜେପି ନେତାମାନେ ହରାଇଛନ୍ତି। ଏହାଛଡା, ଗତ ତେର ମାସରେ ରାଜ୍ୟରେ ୧୮,୦୦୦ରୁ ଉର୍ଦ୍ଧ୍ୱ ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି। ରାଜ୍ୟରେ ପ୍ରତିଦିନ ୧୫ଟି ଦୁଷ୍କର୍ମ ହେଉଛି ବୋଲି ରିପୋର୍ଟ ପ୍ରକାଶ ପାଇଛି। ରାଜ୍ୟରେ ଛାତ୍ରୀ, ନାବାଳିକା ଓ ମହିଳା ମାନେ ଅସୁରକ୍ଷିତ ବୋଲି ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ମହିଳା ଦୁଷ୍କର୍ମ ଓ ଗଣଦୁଷ୍କର୍ମର ଶିକାର ହେଉଥିଲା ବେଳେ ରାଜରାସ୍ତାରେ ଚିତ୍କାର କରୁଥିବା ବିଜେପି ନେତାମାନେ ମୁହଁରେ ତୁଣ୍ଡି ବାନ୍ଧି ବସି ରହୁଛନ୍ତି କାହିଁକି ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଥିଲେ।

### ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଦକ୍ଷତା ବିକାଶ କର୍ମଶାଳା

# ଅଗଷ୍ଟ ୧ରୁ 'ଆସ ଯିବା ଅଙ୍ଗନବାଡ଼ି' ଅଭିଯାନ

**ଭୁବନେଶ୍ୱର,୩୦।୭ (ସମିସ):** ତୃଣମୂଳସ୍ତରରେ ସିଡିପିଓମାନଙ୍କ ଦକ୍ଷତା ହିଁ ଆମର ଶକ୍ତି। ବିକଶିତ ଓଡ଼ିଶା ୨୦୩୬ରେ ଓଡ଼ିଶାକୁ ଏକ ଅପପୁଷ୍ଟି ମୁକ୍ତ ରାଜ୍ୟରେ ପରିଣିତ କରିବା ଲକ୍ଷ୍ୟ ପୂରଣ ଦିଗରେ ଶିଶୁ ପ୍ରକଳ୍ପ ଅଧିକାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମତବ୍ୟକ୍ତ କରିଛନ୍ତି।

ବୁଧବାର ଲୋକସେବା ଭବନ ସମ୍ମେଳନ କକ୍ଷରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ମାନଙ୍କ ନିମନ୍ତେ ଆୟୋଜିତ ଏକଦିବସୀୟ ଦକ୍ଷତା ବିକାଶ କର୍ମଶାଳାକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ରାଜ୍ୟରେ ମହିଳା ନେତୃତ୍ୱାଧୀନ ବିକାଶକୁ ତ୍ୱରାନିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଅଙ୍ଗନବାଡ଼ିର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ପାଇଁ ଇନ୍‌ଫ୍ରା ଆପ୍-'ୱସମ'(ଅଙ୍ଗନବାଡି ୱେଲଫେୟର ଆଣ୍ଡ ସର୍ଭିସ ଓଭରସାଇଟ୍ ମନିଟରିଙ୍ଗ ଏଭ୍ରିହୋୟାର)କୁ ଲୋକାର୍ପଣ କରି ଶ୍ରୀମତୀ ପରିଡ଼ା ଅଙ୍ଗନବାଡି ପରିସରରେ ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଏହାସହ ଆସନ୍ତା ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉପଲକ୍ଷେ 'ଆସ ଯିବା ଅଙ୍ଗନବାଡି' ଅଭିଯାନର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନରେ ରାଜ୍ୟବାସୀମାନେ ଅଙ୍ଗନବାଡି କେନ୍ଦ୍ରକୁ ପରିଦର୍ଶନ କରି ଅଙ୍ଗନବାଡିର ଭିତ୍ତିଭୂମି, ସ୍ୱଚ୍ଛତା ଓ କାର୍ଯ୍ୟଶୈଳୀ ଉପରେ ନିଜର ମତାମତ ରଖିବେ। ସେହି ମତାମତକୁ ଦୃଷ୍ଟିରେ ରଖି ଅଙ୍ଗନବାଡିର କାର୍ଯ୍ୟାନ୍ୱୟନ ନିର୍ଦ୍ଧାରିତ କରାଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟକର୍ତ୍ତାଙ୍କ ତାଲିମ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ କୋପରେସନ ଆଣ୍ଡ ଚାଇଲ୍ଡ ଡେଭଲପମେଣ୍ଟ (ଏନ୍‌ଆଇପିସିସିଡି) ମଧ୍ୟରେ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି। ଏହା ଓଡ଼ିଶାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏବଂ କର୍ମଚାରୀଙ୍କ ନିୟମିତ ତାଲିମ, ଦକ୍ଷତା ଓ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେବ। ଏଥିରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲାସ୍ତରୀୟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଓଡ଼ିଶାର ୨ ବରିଷ୍ଠ ଆଇପିଏସ୍ ଡିଜି କିମ୍ବା ସମକକ୍ଷ ପଦବୀ ପାଇଁ କେନ୍ଦ୍ରୀୟ ତାଲିକାଭୁକ୍ତ

ଭୁବନେଶ୍ୱର,୩୦।୭ (ସମିସ): ରାଜ୍ୟ ପୁଲିସ ପ୍ରଶାସନରେ କାର୍ଯ୍ୟ କରୁଥିବା ଦୁଇ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ମହାନିର୍ଦ୍ଦେଶକ (ଡିଜି) କିମ୍ବା ସମକକ୍ଷ ପଦବୀ ପାଇଁ କେନ୍ଦ୍ରୀୟ ତାଲିକାଭୁକ୍ତ କରାଯାଇଛି। ୧୯୯୩ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଏବଂ ବର୍ତ୍ତମାନ ଗୁଇନ୍ଦା ନିର୍ଦ୍ଦେଶକ ଆର୍‌ପି କୋଚେ ଏବଂ ୧୯୯୪ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଏବଂ ବର୍ତ୍ତମାନ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱାଙ୍କୁ ଏହି ପଦବୀ ପାଇଁ ସ୍ୱୀକୃତି ମିଳିଛି। ଏନେଇ କେନ୍ଦ୍ର କ୍ୟାବିନେଟର ନିଯୁକ୍ତି ବ୍ୟାପାର କମିଟି ଅନୁମୋଦନ ଦେଇଥିବା ଜଣାପଡ଼ିଛି।

## ଅବଶିଷ୍ଟାଂଶ

### ଅଧା ବିଶ୍ୱ...

ଶକ୍ତିଶାଳୀ ଭୂକଂପରେ ରୁଷଠାରୁ ଆରମ୍ଭ କରି ଜାପାନ ମଧ୍ୟ ଥରି ଉଠିଛି। ଏହାପ୍ରଭାବରେ ସମଗ୍ର ପ୍ରଶାନ୍ତ ମହାସାଗର ଅଞ୍ଚଳରେ ସୁନାମୀ ଆଲର୍ଟ ଜାରି କରାଯାଇଥିଲା। ସୁନାମୀର ପ୍ରଭାବ ଆମେରିକାର କାଲିଫର୍ଣ୍ଣିଆ ସହର ଉପକୂଳରେ ମଧ୍ୟ ଦେଖିବାକୁ ମିଳିଛି।

ରୁଷ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ରୁଷ ଉପକୂଳ କାମଚାଟକାରେ ୩ରୁ ୪ ମିଟର ଉଚ୍ଚର ଜୁଆର ଆସିଥିଲା। ରୁଷ ପୂର୍ବ ଉପକୂଳର ଏକ ବନ୍ଦର ସହରରେ ସୁନାମୀ ଯୋଗୁଁ ସମୁଦ୍ର ପାଣି ପଶି ବନ୍ୟା ପରିସ୍ଥିତି ସୃଷ୍ଟି କରିଛି। ସହରରେ ୨ ହଜାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ରୁଷର ସେଭେରୋ-କୁରିସ୍କ ଅଞ୍ଚଳ ମଧ୍ୟ ସୁନାମୀ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ତେବେ କ୍ଷୟକ୍ଷତି ପରିମାଣ ସଂପର୍କରେ କିଛି ସୂଚନା ଦିଆଯାଇ ନାହିଁ। ରୁଷ ଟିଭିରେ ପ୍ରସାରିତ ରିପୋର୍ଟ ଅନୁଯାୟୀ ଏହି ବନ୍ଦର ସହରର ଅନେକ କୋଠା ଭୁଶୁଡ଼ି ପଡ଼ିବା ସହିତ ସମୁଦ୍ର ଜୁଆରରେ ଭାସି ଯାଇଛି। ତେବେ ଏଥିରେ ମୃତାହତଙ୍କ ସଂଖ୍ୟା ଦିଆଯାଇ ନାହିଁ। ଭୂମିକମ୍ପ ପରେ ଜାପାନ, ଆମେରିକା, ଅଲଶସ୍କା, ଚିଲି, ନ୍ୟୁଜିଲାଣ୍ଡ ଓ ହୱାଇରେ ସୁନାମୀ ଆଲର୍ଟ ଜାରି କରାଯାଇଛି। ଏହି ଅଞ୍ଚଳରେ ଉପକୂଳବର୍ତ୍ତୀ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଆ।।ମେରିକାର କାଲିଫର୍ଣ୍ଣିଆ ଏବଂ ଓରେଗନ୍ ଉପକୂଳରେ ସୁନାମୀ ସତର୍କତା ରହିଛି। ଏଠାରେ ଦୁଇରୁ ତିନି ମିଟର ପର୍ଯ୍ୟନ୍ତ ସମୁଦ୍ର ଜୁଆର ମାଡ଼ି ଆସିବାର ସମ୍ଭାବନା ରହିଛି। ସମୁଦ୍ରକୂଳକୁ ନଯିବା ଲାଗି ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ବିଶେଷକରି ତଳିଆ ଅଞ୍ଚଳରେ ସମୁଦ୍ର ଜୁଆର ମାଡ଼ିଆସିପାରେ ବୋଲି କୁହାଯାଉଛି। ଇତିମଧ୍ୟରେ ରୁଷ ଉପକୂଳରୁ ସୁନାମୀ ସତର୍କତା ହଟାଇ ଦିଆଯାଇଥିବା ବେଳେ ଆମେରିକା,କଲମ୍ବିଆ, ଜାପାନ, ନ୍ୟୁଜିଲାଣ୍ଡ, ଫ୍ରାନ୍ସ ଓ ଚିଲିରେ ସୁନାମୀ ଆଲର୍ଟ ବଳବତ୍ତର ରହିଛି। ଲକ୍ଷାଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ଯିବାଲାଗି ପରାମର୍ଶ ଦିଆଯାଇଛି।

### ୯୭ ମିନିଟ୍‌ରେ...

ମିଶାଇ ଏହି ଉପଗ୍ରହର ନାମ ନିସାର ରଖାଯାଇଛି। ନାସା- ଇସ୍ରୋ ସିନ୍ଥେଟିକ ଆପେରଚର ରାଡାର (ନିସାର) ଉପଗ୍ରହର ସ୍ୱତନ୍ତ୍ର କ୍ଷମତା ରହିଛି। ଏହି ଉପଗ୍ରହ ଘଞ୍ଚ ଜଙ୍ଗଲ୍ ଓ ଅନ୍ଧାରରେ ମଧ୍ୟ ଦେଖିପାରିବ। ଓଏହା ୯୭ ମିନିଟ୍‌ରେ ପୃଥିବୀର ପରିକ୍ରମଣ କରିବ। ଏହା ୯୮.୪ ଡିଗ୍ରୀ ନଇଁ କରି ରହିବ। ଲଞ୍ଚ୍ ହେବାର ୧୮ ମିନିଟ୍ ପରେ ନିସାର କକ୍ଷପଥରେ ଅବସ୍ଥାପିତ ହୋଇଛି।

ନିସାର ୭୪୭ କିମି ଉପରେ ପୋଲର ଅର୍ବିଟ୍‌ରେ ପୃଥିବୀ ଚାରିପେଟ ଘୂରିବ। ଅର୍ଥାତ୍ ନିସାର ଧ୍ରୁବତାରା ଅର୍ଥାତ ନର୍ଥପୋଲ ଦେଇ ପରିକ୍ରମା କରିବ। ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିବ। ୧୨ ଦିନରେ ନିସାର ପୃଥିବୀକୁ ୧, ୧୭୩ ଥର ପରିକ୍ରମା କରିବ। ଏହା ପୃଥିବୀ ପୃଷ୍ଠର ପ୍ରତି ଇଞ୍ଚର ଜମିକୁ ମ୍ୟାପ କରିପାରିବ। ଘନ ବାଦଲ, ଘଞ୍ଚ ଜଙ୍ଗଲ, ଧୂଆଁ ଏପରିକ ଘନ ଅନ୍ଧାରରେ ମଧ୍ୟ ନିସାର ଦେଖିପାରିବ। ପୃଥିବୀ ହେବାକୁ ଥିବା ସବୁଠାରୁ ଛୋଟ ପରବର୍ତ୍ତନକୁ ମଧ୍ୟ ନିସାର ରେକର୍ଡ କରିପାରିବ। ଭୂମି ଓ ବରଫର ପରିବର୍ତ୍ତନ ଓ ଜଙ୍ଗଲ, ଚାଷଜମି ଏବ ପ୍ରାକୃତିକ ସ୍ଥାନକୁ ଏହା ମିନିଟରେ ଚିହ୍ନଟ କରିବ। ଏହା ଦ୍ୱାରା ପରିବେଶ କିପରି ରହିଛି ତାହା ଜାଣିବାକୁ ପ୍ରୟାସ କରିବ। ସେହିପରି ସମୁଦ୍ର ଲହଡି ଓ ଏହାର ପରିବର୍ତ୍ତନ ସମେତ ସାମୁଦ୍ରିକ ପରିବେଶକୁ ଏହା ଟ୍ରାକ କରିବ। ଏହା ପୃଥିବୀର ହାଇ କ୍ୱାଲିଟି ଫଟୋ ଉଠାଇପାରିବ।

### ଭାରତ ଉପରେ...

ବିଭିନ୍ନ ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇଥିଲେ। ସେତେବେଳେ ଭାରତ ଉପରେ୨୬ ପ୍ରତିଶତ ଶୁଳ୍କ ଲଗାଇଥିଲେ ଟ୍ରମ୍ପ। ଏହାର କିଛି ସମୟ ପରେ ତାହାକୁ ଶୁଳ୍କକୁ ସ୍ଥଗିତ ରଖାଯାଇଥିଲା। ତେବେ ବଡ଼ କଥା ହେଉଛି, ଟ୍ରମ୍ପ ଯେପରି ଅନ୍ୟ ଦେଶଗୁଡ଼ିକ ପାଇଁ ନୂଆ ଟାରିଫର ଆନୁଷ୍ଠାନିକ ପତ୍ର ଜାରି କରୁଛନ୍ତି, ସେମିତି ଭାରତ ପାଇଁ ଏ ପର୍ଯ୍ୟନ୍ତ ଜାରି କରିନାହାନ୍ତି। କିନ୍ତୁ ଯଦି ଆମେରିକା ସହିତ କୌଣସି ବାଣିଜ୍ୟ ଚୁକ୍ତି ନହେଲା ତେବେ ହୁଏତ ଟ୍ରମ୍ପ ଭାରତକୁ ବି ନୋଟିସ୍ ଜାରି କରିପାରନ୍ତି।

### କ୍ଷୟକ୍ଷତି ରିପୋର୍ଟ...

ଏବଂ ଯାଜପୁର ଜିଲ୍ଲାର ଯାଜପୁର ଓ ଦଶରଥପୁର ବ୍ଲକ୍ ପ୍ରଭାବିତ ହୋଇଛି। ବନ୍ୟାଦ୍ୱାରା ପ୍ରାୟ ୩୦ ହଜାର ଲୋକ ପ୍ରଭାବିତ ହୋଇଥିବା ବେଳେ ୫୮୬୯ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ବିଭିନ୍ନ ନଦୀରେ ଜଳସ୍ତର କମୁଛି। ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ଓ ଜଳକା ଆଦି ନଦୀରେ ପାଣି କମିବାରେ ଲାଗିଛି। ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। ତେବେ ଏବେ ବି ବିଭିନ୍ନ ତଳିଆ ଅଞ୍ଚଳରେ ପାଣି ରହିଛି। ଏହି ଅଞ୍ଚଳରୁ ସମ୍ପୂର୍ଣ୍ଣ ପାଣି ଛାଡ଼ିବା ପାଇଁ ଆହୁରି ଦୁଇ ଦିନ ସମୟ ଲାଗିପାରେ। କେନ୍ଦୁଝର ଏବଂ ଅନ୍ୟ କିଛି ଜିଲ୍ଲାରେ ବନ୍ୟା ହୋଇଥିଲେ ମଧ୍ୟ ଏହାର ବିଶେଷ ପ୍ରଭାବ ନାହିଁ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ଶୁଖିଲା ଖାଦ୍ୟ ଏବଂ ଆବଶ୍ୟକସ୍ଥଳେ ଗରମ ରନ୍ଧାଖାଦ୍ୟ ଦିଆଯାଉଛି। ଏଥିପାଇଁ ବାଲେଶ୍ୱରରେ ୧୬ଟି, ଭଦ୍ରକରେ ୧୦ଟି ଓ ଯାଜପୁରରେ ୩ଟି ଫ୍ରି କିଚେନ୍‌ର ବ୍ୟବସ୍ଥା କରାଯାଇଛି। ସମୁଦାୟ ପ୍ରାୟ ୧୦ ହଜାର ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି ଏବଂ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହଛନ୍ତି।

ବନ୍ୟା ଅଞ୍ଚଳର କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ, କ୍ଷୟକ୍ଷତିର ତୁରନ୍ତ ଆକଳନ କରି ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ ସହାୟତା ଯୋଗାଇ ଦିଆଯିବ। ଘର ଭଙ୍ଗା ଏବଂ ଗୋ-ସମ୍ପଦର କ୍ଷୟକ୍ଷତି ରିପୋର୍ଟ ମଗାଯିବା ସହିତ ଯେଉଁ ଗାଁ ଗୁଡ଼ିକରେ ରାସ୍ତା ଖରାପ ହୋଇଯାଇଛି, ସେଗୁଡିକ ତୁରନ୍ତ ମରାମତି କରି ଯୋଗାଯୋଗ ବ୍ୟବସ୍ଥା ପୁନଃସ୍ଥାପିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ପଶୁଖାଦ୍ୟ ଯୋଗାଇ ଦେବା ପାଇଁ ପରାମର୍ଶ ଦିଆଯାଇଛି। 'ଜିରୋ କାଜୁଆଲିଟି' ଉପରେ ଗୁରୁତ୍ୱଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲାରେ ୧୭ଟି ଓଡ୍ରାଫ୍ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଭଦ୍ରକ ଜିଲ୍ଲାରେ ଗୋଟିଏ ଏନ୍‌ଡିଆର୍‌ଏଫ୍, ଗୋଟିଏ ଓଡ୍ରାଫ୍ ଓ ୧୩ଟି ଅଗ୍ନିଶମ ସେବା ଟିମ୍, ଯାଜପୁର ଜିଲ୍ଲାରେ ଗୋଟିଏ ଓଡ୍ରାଫ ଓ ୧୪ଟି ଅଗ୍ନିଶମ ସେବା ଟିମ୍ ମୁତୟନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ବନ୍ୟା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ଦେଖାଦିଏ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶେଷକରି ଡାଇରିଆ ଓ ଅନ୍ୟାନ୍ୟ ଜଳବାହିତ ରୋଗର ନିୟନ୍ତ୍ରଣ ପାଇଁ ଜଳ ଉତ୍ସଗୁଡିକର ବିଶୋଧନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାକୁ ଜାରି ରଖିବା ପାଇଁ ସ୍ଥାନୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପରିସ୍ଥିତିରେ ଯେପରି ଡାଇରିଆ ରୋଗର ପ୍ରଭାବ ଦେଖା ନ ଯିବ, ସେଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଅନେକ ସ୍ଥାନରେ ସାପ କାମୁଡ଼ା ପରି ଘଟଣା ଘଟେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଥିପାଇଁ ବ୍ୟାପକ ପରିମାଣରେ ଆଣ୍ଟିଭେନମ୍ ଓ ଅନ୍ୟାନ୍ୟ ଆବଶ୍ୟକ ଔଷଧ ମହଜୁଦ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ବଦଳି ଉପରେ...

ଗତ ମେ୧୩ ତାରିଖରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଦିଆଯାଇଥିଲା। ବଦଳି ସୁପାରିସ ଜିଲ୍ଲାସ୍ତରୀୟ ବଦଳି କମିଟି(ଡିଏଲଟିସି)କୁ ମେ୧୫ରୁ ଜୁନ୧୫ ମଧ୍ୟରେ ପଠାଯିବା ପରେ କମିଟି କାର୍ଯ୍ୟକାରୀ କରିବ ବୋଲି ଉଲ୍ଲେଖ ଥିଲା। ଆବେଦନକାରୀ କଳହାଣ୍ଡି ଜିଲ୍ଲାର ଶିକ୍ଷକଙ୍କୁ ମଧ୍ୟ ଅନୁରୁପ ଭାବ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ସୁପାରିସ କ୍ରମେ ବଦଳି କରାଯାଇଥିଲା। ଏପରିକି ଆବେଦନକାରୀଙ୍କୁ ୧୦୦କିଲୋମିଟର ଦୂରକୁ ବଦଳି ପାଇଁ ଆଦେଶ ଜାରି ହୋଇଥିଲା। ଏଭଳି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବଦଳି ନିଷ୍ପତ୍ତି ପାଇଁ କୌଣସି କ୍ଷମତା କିମ୍ବା ଯଥାର୍ଥତା ନ ଥିବା ବେଳେ ବଦଳି ଆଦେଶକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଚାରି ସପ୍ତାହ ପରେ ହେବ ବୋଲି ଅଦାଲତ ଧାର୍ଯ୍ୟ କରିଛନ୍ତି।

### ୪ ଶିକ୍ଷକ ସମେତ...

ଟଙ୍କା ଆଦାୟ କରିଥିବା ବେଳେ ଏହି ରାକେଟ ବିଭିନ୍ନ ଜିଲ୍ଲାକୁ ଲମ୍ବିଛି। ଅଭିଯୁକ୍ତଙ୍କଠାରୁ ବିଭିନ୍ନ ଦସ୍ତାବିଜ, ମୋବାଇଲ୍ ଫୋନ୍ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ ଓ ଲିକ୍ ହୋଇଥିବା ପ୍ରଶ୍ନପତ୍ର ଜବତ କରିଛି କ୍ରାଇମବ୍ରାଞ୍ଚ। ସମସ୍ତଙ୍କୁ କଟକର ଜେଏମଏଫସି-୩ ଅଦାଲତ ଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କ ଲିଙ୍କ୍ ଖୋଜିବା ଏବଂ ଏହି ମାମଲାରେ ସେମାନଙ୍କ ସମ୍ପୃକ୍ତି ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି।

ଅଭିଯୁକ୍ତ ଜିତନ୍ ମହାରଣା କଟକସ୍ଥିତ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ଭାବରେ କାର୍ଯ୍ୟ କରୁଛନ୍ତି, ଯିଏ ବେଆଇନ ଭାବରେ କୌଶଳକ୍ରମେ ବୋର୍ଡ ଉପସଭାପତିଙ୍କ ଲାପଟପରୁ ପରୀକ୍ଷା ପୂର୍ବରୁ ପେନଡ୍ରାଇଭରେ ପ୍ରଶ୍ନପତ୍ର ହାସଲ କରିଥିଲେ। ପରେ ସେ ଏହି ପ୍ରଶ୍ନପତ୍ରକୁ ରାଜ୍ୟ କ୍ୟାଡର ଶିକ୍ଷକ ସଂଘର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଜୟ ମିଶ୍ର ଏବଂ କୋରାପୁଟ ଜିଲ୍ଲାର ପୂର୍ବତନ କ୍ୟାଡର ଶିକ୍ଷକ ସଂଘର ସଭାପତି ସନାତନ ବିଷୋଇଙ୍କୁ ପ୍ରଦାନ କରିଥିଲେ। ସେମାନେ ଗତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାରେ ବିଫଳ ହୋଇଥିବା ଶିକ୍ଷକଙ୍କୁ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଦାନ ପାଇଁ ପ୍ରଲୋଭିତ କରିଥିଲେ। କିଛି ଦଲାଲ ତଥା ଅଭିଯୁକ୍ତ ରାମଜୀ ପ୍ରସାଦ ଗୁପ୍ତା, ଅଜୟ ସାହୁ ଏବଂ ଜୟନ୍ତ ରାଉତଙ୍କୁ ଏହି ପ୍ରଶ୍ନପତ୍ର ସେମାନେ ବିକ୍ରି କରିଥିଲେ ବୋଲି ପଚରାଉଚୁରା ପରେ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି। ଏପରିକି ଏଥିପାଇଁ ଉଭୟ ନଗଦ ଓ ଅନଲାଇନ ଟଙ୍କା କାରବାର ହୋଇଥିଲା। ପ୍ରଶ୍ନପତ୍ର ଲିକ ଘଟଣାର ମାଷ୍ଟରମାଇଣ୍ଡ ଜିତନର ଆକାଉଣ୍ଟକୁ ଫୋନ-ପେ ଜରିଆରେ ୨ଲକ୍ଷ ୫୦ହଜାର ଟଙ୍କା ସ୍ଥାନାନ୍ତର ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ବୁଧବାର କ୍ରାଇମବ୍ରାଞ୍ଚ କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କୁ ପରବର୍ତ୍ତୀ ସମୟରେ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ ବୋଲି କୁହାଯାଇଛି। ଅଭିଯୁକ୍ତମାନେ ହେଲେ ମାଷ୍ଟରମାଇଣ୍ଡ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା କଛାପଡା ଅଞ୍ଚଳର ମୂଳବାସିନ୍ଦା ତଥା ବର୍ତ୍ତମାନ କଟକ ସଦର ଥାନା ଗୋପାଳପୁର ଦେହୁରିସାହି ରହୁଥିବା ଜିତନ ମହାରଣା। ଗିରଫ ହୋଇଥିବା ୪ ଜଣ ଶିକ୍ଷକ ହେଲେ ରାୟଗଡା ଜିଲ୍ଲା ଆମ୍ବୋଦଲା ଥାନା କୋମାସାହି ନିବାସୀ ବିଜୟ ମିଶ୍ର (୫୩), କୋରାପୁଟ ଜିଲ୍ଲା କୁନ୍ଦ୍ରା ସାଗରଗୁଡାର ସନାତନ ବିଷୋୟୀ (୫୧), ଗଞ୍ଜାମ ବୈଦନାଥପୁର ଥାନା ଲିଙ୍ଗିପାଲି କେଶବନଗର ଅଞ୍ଚଳର ଅଜୟ ସାହୁ (୪୩) ଓ ବାଲେଶ୍ୱର ରୁପସା ଥାନା ଜୁକାନନ୍ଦି ଅଞ୍ଚଳର ଜୟନ୍ତ ରାଉତ (୪୪)। ଅନ୍ୟ ଜଣେ ଅଭିଯୁକ୍ତ ହେଉଛି ଦଲାଲ ବାଦାମବାଡି ଥାନା ନାରାୟଣ ଲେନର ରାମଜୀ ପ୍ରସାଦ ଗୁପ୍ତା (୫୧)।

### ଆରଆଇ ଅମିନ...

ଅସୁବିଧାର ସମ୍ମୁଖୀନ ହୋଇଥାନ୍ତେ ବୋଲି ମଧ୍ୟ ସେ କହିଛନ୍ତି। ଏହାପରେ ୧୪ ଦିନ ଭିତରେ ସାନି ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ କରବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ମଧ୍ୟ ମେନ୍ ପରୀକ୍ଷାକୁ ବାତିଲ୍ କରାଯାଇଥିବାନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ପରୀକ୍ଷା ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

ସାରା ରାଜ୍ୟରେ ମେନ୍ ପରୀକ୍ଷା ଆଉ ମାତ୍ର ୨ଦିନ ପରେ ଅର୍ଥାତ୍ ଅଗଷ୍ଟ ୧ତାରିଖରୁ ଆରମ୍ଭ ହୋଇଥାନ୍ତା। ଆଡ୍‌ମିଟ୍ କାର୍ଡ ଜାରି ହେବା ସହ ପରୀକ୍ଷା ଦେବାକୁ ପିଲାମାନେ ମାନସିକ ସ୍ତରରେ ପ୍ରସ୍ତୁତ ହେଉଥିଲେ। ହେଲେ ପରୀକ୍ଷା ବାତିଲ୍ ହେବା ଆଶାୟୀଙ୍କୁ ପୁଣିଥରେ ନିରାଶ କରିଛି। ଅପରପକ୍ଷରେ ପ୍ରିଲିମ୍‌ନାରୀ ଓ ମେନ୍ ପରୀକ୍ଷା ବଦଳରେ ଗୋଟିଏ ପରୀକ୍ଷା କରି ୫ଗୁଣା ପିଲାଙ୍କୁ ଦକ୍ଷତା ପରୀକ୍ଷା (ସ୍କିଲ୍ ଟେଷ୍ଟ) ପାଇଁ ଚୟନ କରିବାକୁ ପରୀକ୍ଷାର୍ଥୀମାନେ ଦାବି କରିଛନ୍ତି। ପୂର୍ବରୁ ଏପରି ବ୍ୟବସ୍ଥା ଥିଲା ଏବଂ ଏହାଦ୍ୱାରା ଖୁବ୍ ଶୀଘ୍ର ନିଯୁକ୍ତି ପ୍ରକ୍ରିୟା ସରିପାରିବ ବୋଲି ପରୀକ୍ଷାର୍ଥୀ ସୁନୀଲ୍ କୁମାର ମିଶ୍ର କହିଛନ୍ତି। ସେହିପରି ମୂଳରୁ ପରୀକ୍ଷା ବାତିଲ୍ କରିବା ଦାବିରେ ଆନ୍ଦୋଳନ କରୁଥିବା ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ ଆବାହକ ବିଭୂତି ଭୂଷଣ କହିଛନ୍ତି ଯେ, ପରୀକ୍ଷାରେ ଅନିୟମିତତା ହୋଇଥିବା ସରକାର ମଧ୍ୟ ସ୍ୱୀକାର କରିଥିଲ। ତେଣୁ ସେତେବେଳେ ପରୀକ୍ଷାକୁ ବତିଲ୍ କରିଥିଲେ ପୁନଃ ପରୀକ୍ଷା ସହ ନିଯୁକ୍ତି ମଧ୍ୟ ପାଇ ସାରିଥାନ୍ତେ ପରୀକ୍ଷାର୍ଥୀ। ଆଶାୟୀଙ୍କ ଦାବିକୁ ବିଚାର ନକରି ପଦକ୍ଷେପ ନେବାଦ୍ୱାରା ରାଜ୍ୟର ଲକ୍ଷଲକ୍ଷ ମେଧାବୀ ମାନସିକ ଯନ୍ତ୍ରଣା ପାଉଥିବା ସେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଏହି ପରୀକ୍ଷା ଆରମ୍ଭରୁ ବିବାଦୀୟ ହୋଇଥିଲା। କମ୍ପ୍ୟୁଟର ସେଣ୍ଟରରେ ମାଉସ୍ ଆପେଆପେ ଚାଲିବା, ସବୁଠି ପରୀକ୍ଷା ସରିବା ପରେ କିଛି ପରୀକ୍ଷା କେନ୍ଦ୍ରରେ ଆରମ୍ଭ ହେବା, ପରୀକ୍ଷା କେନ୍ଦ୍ରରୁ ନକଲି ମାଲିକ ଗିରଫ ହେବା, କଳା ତାଲିକାଭୁକ୍ତ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବା ଘଟଣା ଅନ୍‌ଲାଇନ୍ ପରୀକ୍ଷାର ବିଶ୍ୱସନୀୟତା ପ୍ରତି ସନ୍ଦେହ ବଢ଼ାଇଥିଲା। ରାଜ୍ୟସାରା ଆନ୍ଦୋଳନ ତୀବ୍ର ହେବାପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମୁଖ୍ୟ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା।


**AFFIDAVIT**

By virtue of an affidavit No.2844, Dtd.28.07.2025 sworn before the Executive Magistrate, Bhogarai I, Jyotshnarani Mohanty, W/o. Nimai Charan Mohanty, At Chowki, Po. Kumbharmuli, Ps. Bhogarai, Dist. Balasore, Odisha, declare that unfortunately my daughter name spelling as Kruti Gagruti Mohanty instead of correct spelling Kruti Jagruti Mohanty in her Adhar card vide no. 622064060225. Henceforth, she will be known as **Kruti Jagruti Mohanty** for all purposes.

**AFFIDAVIT**

ମୁଁ ପୁଷ୍ପଲତା ସାହୁ, ବୟସ (୧୯), ପିତା/ ସହଦେବ ସାହୁ, ଗ୍ରାମ-ଅଲିନଗର, ଥାନା -ଧାମନଗର, ଜିଲ୍ଲା-ଭଦ୍ରକ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛିକି ମୋର ନାମ ଏଲ୍‌ଆଇସି ବଣ୍ଡରେ ପୁଷ୍ପାଞ୍ଜଳି ସାହୁ ଉଲ୍ଲେଖ ଥାଇ ଏଲ୍‌ଆଇସି ପଲିସର ବଣ୍ଡ ନଂ-୫୮୬୫୩୪୬୨୬ ରେ ମୋର ନାମ ପୁଷ୍ପଲତାସାହୁ ପରିବର୍ତ୍ତେ ପୁଷ୍ପାଞ୍ଜଳି ସାହୁ ବୋଲି ଉଲ୍ଲେଖ ଅଛି, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଆଫିଡେଭିଟ ନଂ- ୭୨୪ ତା- ୨୮/୧/୨୦୨୫ ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ର ପୁଷ୍ପଲତା ସାହୁ ନାମରେ ପରିଚିତ କଲି, ଯାହା ଆବଶ୍ୟକ ସ୍ଥଳେ କାର୍ଯ୍ୟରେ ଆସିବ। (ପୁଷ୍ପଲତା ସାହୁ ଏବଂ ପୁଷ୍ପାଞ୍ଜଳି ସାହୁ ଜଣେଅଟନ୍ତି)

ସ୍ୱା/-ପୁଷ୍ପଲତା ସାହୁ

**AFFIDAVIT**

By virtue of an affidavit Sl. No. 557, dtd. 10.07.2025 before the Notary, Bhubaneswar, I Papunu Naik Resident of At-Ranapalli, Po-Merikoti, Ps-Badagada, Dist-Ganjam, Pin-761109,Odisha I have changed my name from Papun Naik to Papunu Naik for all purposes.

**Sd/- Papunu Naik**

**AFFIDAVIT**

By virtue of an affidavit before the Executive Magistrate, Dharakote, Ganjam on dtd.18.07.2025 , I am Smt. Rina Guru, D/o - Bijaya Swain , residing at Jahada ,P.S Dharakote, Dist- Ganjam-761107 hereby declare that my actual name is Rina Guru, D/o- Bijay Swain mentioned in Adhaar card and in my voter card my name is mentioned as Rina Guru, W/o- Prafulla Guru but in my son's BSE 10th certificate my name is mentioned as Runa Guru. That **Rina Guru and Runa Guru** is same and one person. It is for all purpose.

**AFFIDAVIT**

By virtue of an affidavit No-5091 before the Magistrate, Chandbali, dtd- 18/07/2025. I, Rajib Lochan Barik, Age-39years, S/O- Ranka Barik, Vill- Nayahat, PO-Gopalpur, PS- Chandbali, Dist- Bhadrak, Odisha, declare that I have changed my daughter's name from **Pratiasa Barik to Adyasha Barik**, Henceforth, she will be known as **ADYASHA BARIK** for all purpose.

**AFFIDAVIT**

By virtue of an affidavit Sl. No. 605, dtd. 28.07.2025 before the Notary, Bhubaneswar,I Sashirekha Behera Resident of At-Sankarpur,Po-Arunodaya Market,Ps-Badambadi, Dist-Cuttack,Pin-753012,Odisha I have changed my name from Sashi Behera to Saahirekha Behera for all purposes.

**Sd/- Sashirekha Behera**

**AFFIDAVIT**

I, Vinod Kumar Vishvakarma, aged about 43 years, S/o- Rajdev Vishwakarma, resident of Plot No. N4/298 F, Nayapalli, IRC Village, Bhubaneswar, Dist- Khordha, PIN-751015 Odisha declared by this affidavit No. 610, dtd-28/07/2025 that now onwards I shall be known as **VINOD RAJDEV VISHWAKARMA** for all future purposes.

**AFFIDAVIT**

By virtue of an affidavit before Executive Magistrate, Umerkote, bearing affidavit no.5067 dtd.24.07. 2025, I Chandni Sen, W/o- Arun Sen rsident of Vill: Dargaguda, U.V.4, Po.- Chikalpadar, Ps.- Umerkote, Dist.- Nabarangpur, Odisha state that, before my marriage my name has been mentioned as **Chandni Byapari** in my UCO Bank Passbook as per my father's surname. After marriage my name has been mentioned as **Chandni Sen** in my Aadhaar & PAN card as per my husband's surname. I want to rectify my name in my UCO Bank passbook from **Chandni Byapari** to **Chandni Sen**.

**AFFIDAVIT**

By virtue of an affidavit sworn before The Notary Public, Padampur, on dated-27/07/2025. I, **Malati Pathy,** W/o- Late Nabin Kishor Pathy, permanent & current resident of At- Darlipali, Po- Bharsuja, Ps- Loisingha, Dist- Balangir, PIN- 767061, Odisha declare that I have changed my name from **Manati Pathy** (old name) To **Malati Pathy** (new name). Henceforth, I shall be known as **Malati Pathy** (new name) for all future purposes.

**Malati Pathy**

**AFFIDAVIT**

I, Devi Prasad Rath, aged about 52 years, S/o- Late Gobinda Chandra Rath, resident of Plot No. 35/12, Unit-4, Madhusudan Nagar, Bhubaneswar, Dist-Khordha, PIN-751001 Odisha declared by this affidavit No. 612, dtd-30/07/2025 that now onwards I shall be known as **DEBI PRASAD RATH** for all future purposes.

**CHANGE OF NAME**

By virtue of an affidavit before Executive Magistrate, Nabarangpur, bearing affidavit no/901 dtd.29.07.2025, I Narasingh Bhatra, S/o- Late Achyut Bhatra resident of Vill./Po.- Sindhigaon, Ps./Dist.- Nabarangpur, Odisha, Pin-764063 state that, I have changed my minor son's name from **Rupash Bhatra** (Old Name) to **Manash Bhatra** (New Name). Hereafter he will be known as **Manash Bhatra** (New Name) for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 29/07/2025. I, **Hira Mahalinga** (new name) formerly called as **Hira Chandra Mahalinga** (old name), Son of Pandaru Mahalinga, Permanent resident of AT/PO- Ghunsar, PS- Saintala, Dist- Balangir, (Odisha), PIN- 767032, now residing at the same place affirm that I have changed my name from **Hira Chandra Mahalinga** (old name) to **Hira Mahalinga** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Hira Mahalinga** (new name).

**Hira Mahalinga**

**Gour Mohan Sathua Higher Secondary School**
**Kostha, Mayurbhanj**
**No. 877 / Date. 30.07.2025**

**ADVERTISEMENT FOR GUEST FACULTY**

WALK-IN-INTERVIEW for selection of Guest Faculties for Pol. Science, Computer Teacher & Physical Education (sports) will be conducted for the Session 2025-26 on **Dtd. 01.08.2025 at 11 A.M.** Essential Qualification PG in Concerned subject with 50% Marks (Except Computer Teacher & Physical Education) No TA / DA is admissible.

**Sd/- Principal**
**G.M.S.H.S.School, Kostha, Mayurbhanj**

**R. S. MAHAVIDYALAYA**
**ODAGAON, DIST- NAYAGARH**

**WALK-IN-INTERVIEW**

Candidates securing 55% marks or above at the P.G. level may appear the interview for the post of Lecturer in Logic & Philosophy on Guest Basis to be conducted at **11.30 AM on dt. 07/08/2025** in the Office of the Sub-Collector, Nayagarh with supporting documents and biodata.

**Sd/-Principal-Cum-Secretary**
**R.S. Mahavidyalaya, Odagaon**

# ନେଟ୍‌ୱର୍କ, ସର୍ଭର୍ ସମସ୍ୟାରେ ଘାଣ୍ଟି ହେଉଛନ୍ତି ଚାଷୀ

ହାଟଡ଼ିହୀ,୩୦।୭ (ସମିସ)

ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣରେ ଅଡୁଆ ହେଉଛି ସରକାରୀ ନିୟମ। କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍‌ରେ ପଞ୍ଜୀକରଣ କାର୍ଯ୍ୟ ଆଗେଇ ପାରୁନି। ୧୦ ଦିନରେ ବିଭିନ୍ନ ସମବାୟ ସମିତିରେ ମାତ୍ର ୭ ପ୍ରତିଶତ ଚାଷୀ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ସେହିପରି ନେଟୱର୍କ ଓ ସର୍ଭରରେ ସମସ୍ୟା ଯୋଗୁଁ ସମବାୟ ସମିତିଗୁଡ଼ିକରେ ଦିନକୁ ମାତ୍ର ୫-୬ଜଣ ଚାଷୀଙ୍କ ଆଧାରର ଇ-କେୱାଇସି, ଚାଷୀଙ୍କ ଆଖି ସ୍କାନ୍, ଭାଗ ଚାଷୀମାନେ ନାମ ପଞ୍ଜୀକରଣ କରିଥିବା ବେଳେ ଜମି ମାଲିକଙ୍କୁ ସାଙ୍ଗରେ ଆଣିବାକୁ ନିୟମ କରାଯାଇଛି।

ଖରିଫ ଧାନ ସଂଗ୍ରହ ନିମନ୍ତେ ସମସ୍ତ ସମବାୟ ସମିତିରେ ଚାଷୀ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଜୁଲାଇ ୧୯ରୁ ଅଗଷ୍ଟ ୮ପର୍ଯ୍ୟନ୍ତ ଫର୍ମ ବଣ୍ଟନ, ଅଗଷ୍ଟ ୨୦ ମଧ୍ୟରେ ନାମ ପଞ୍ଜୀକରଣ କରିବାପାଇଁ ନିର୍ଦ୍ଦେଶ ରହିଛି। ପଞ୍ଜୀକରଣ ପାଇଁ ଉତ୍ତରାଧିକାରୀ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି। ସେହିପରି ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ଲିଙ୍କ୍,

**● ୧୦ ଦିନରେ ୭ ପ୍ରତିଶତ ଚାଷୀ ପଞ୍ଜିକୃତ**
**● ଅଡୁଆ କରୁଛି ଧାର୍ଯ୍ୟ ସରକାରୀ ନିୟମ**

ବ୍ୟାଙ୍କଖାତା, ବହୁ ଚାଷୀଙ୍କ ନିଜ ନାମରେ ଚାଷଜମି ନାହିଁ। ବାପ, ଜେଜେବାପାଙ୍କ ମୃତ୍ୟୁ ଘଟିଥିବାରୁ ଉତ୍ତରାଧିକାରୀ ପ୍ରମାଣପତ୍ରର ଆବଶ୍ୟକତା ରହୁଛି। ପ୍ରମାଣପତ୍ର କରିବାପାଇଁ ବହୁ ସମୟ ଲାଗୁଥିବା ଚାଷୀମାନେ କହିଛନ୍ତି। ବଂଶାବଳୀ ରିପୋର୍ଟ ପାଇବାକୁ ଚାଷୀମାନେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି। ରିପୋର୍ଟ ପାଇବା ପାଇଁ ଚାଷୀଙ୍କୁ ତିନି ଚାରିଥର କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଛି। ଜମି ମାଲିକମାନେ ବାହାରେ ରହୁଥିବାରୁ ଭାଗ ଚାଷୀମାନେ ନାମ ପଞ୍ଜୀକରଣ ବେଳେ ସେମାନଙ୍କୁ ସାଙ୍ଗରେ ଆଣିପାରୁ ନାହାନ୍ତି।

ହାଟଡ଼ିହୀ ବ୍ଲକ୍ ଡ଼ଅଁର ସମବାୟ ସମିତିରେ ଗତବର୍ଷ ୨୩୪୧ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ମାତ୍ର ୭୩ ଜଣ ପଞ୍ଜୀକରଣ କରିଛନ୍ତି। ସେହିପରି ମରେିଗାଁରେ ୧୫୫୦ଜଣ ଚାଷୀଙ୍କ ମଧ୍ୟରୁ ୮୦ଜଣ, ସମଣାରେ ୧୭୦୦ ଚାଷୀଙ୍କ ମଧ୍ୟରୁ ୭୧ଜଣ, ସଡ଼ାରେ ୧୭୫୦ଜଣ ଚାଷୀଙ୍କ ମଧ୍ୟରୁ ୧୯୫ ପଞ୍ଜିକୃତ ହୋଇଛନ୍ତି। ସୋସୋ ସମବାୟ ସମିତିରେ ୧୦୩୧ଜଣ ଚାଷୀଙ୍କ ମଧ୍ୟରୁ ୬୨, ବଡ଼ରମ୍ପାସ ସମିତିରେ ହଜାରେ ଚାଷୀଙ୍କ ମଧ୍ୟରୁ ୧୮୦, ବାଙ୍ଗୋର ସମିତିରେ ୯୦୦ ଚାଷୀଙ୍କ ମଧ୍ୟରୁ ୩୦, ପଞ୍ଚୁଗୋଛିଆରେ ୮୫୦ଜଣ ଚାଷୀଙ୍କ ମଧ୍ୟରୁ ୫୦ଜଣ, ଓରାଳିରେ ୫୦୦ ଚାଷୀଙ୍କ ମଧ୍ୟରୁ ୪୦ଜଣ, ସୁଲଣ ସମବାୟ ସମିତିରେ ୩୦୦ଚାଷୀଙ୍କ ମଧ୍ୟରୁ ମାତ୍ର ୩୦ଜଣ ପଞ୍ଜୀକରଣ କରିଛନ୍ତି। ଏ ସମ୍ପର୍କରେ ଡ଼ଅଁର ସମବାୟ ସମିତି ସମ୍ପାଦକ ଉମାକାନ୍ତ ନାୟକ କହିଛନ୍ତି, ନେଟୱର୍କ ଓ ସର୍ଭର ସମସ୍ୟା ଯୋଗୁଁ ଅପରାହ୍ନ ପର୍ଯ୍ୟନ୍ତ କାମ ହୋଇପାରୁନି। କାଁଭାଁ କିଛି ଚାଷୀଙ୍କ ପଞ୍ଜୀକରଣ ହୋଇପାରୁଛି। ଧାର୍ଯ୍ୟ ସମୟରେ ଏତେ ସଂଖ୍ୟା ଚାଷୀଙ୍କ ନାମ ପଞ୍ଜୀକରଣ କରିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ସେହିପରି ଚାଷୀ ପଞ୍ଜୀକରଣ ପାଇଁ ଚଳିତବର୍ଷ ସରକାର ଅନେକଗୁଡ଼ିଏ ନିୟମ କରିଛନ୍ତି। ଫଳରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ନିୟମକୁ କୋହଳ କରିବା ସହ ଚାଷୀ ପଞ୍ଜୀକରଣ ଅବଧି ବଢ଼ାଇବାକୁ ସୋସୋ ସମବାୟ ସମିତି ସମ୍ପାଦକ ସୁରେନ୍ଦ୍ର କୁମାର ପତି ଓ ମରିଗାଁ ସମବାୟ ସମିତି ସମ୍ପାଦକ ଶରତ କୁମାର ସେଠୀ ପ୍ରକାଶ କରିଛନ୍ତି।

## ସ୍ୱଧର୍ମକୁ ଫେରିଲେ ଆଦିବାସୀ ପରିବାର

ରାମଚନ୍ଦ୍ରପୁର, ୩୦।୭(ସମିସ): ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡା ପଞ୍ଚାୟତ ନାନୀକାବାହାଳି ଆଦିବାସୀ ବସ୍ତିରେ ଅନ୍ୟ ଧର୍ମ ଗ୍ରହଣ କରିଥିବା ଦୁଇ ପରିବାର ସ୍ୱଧର୍ମକୁ ଫେରିଛନ୍ତି। ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ରଙ୍କ ମାର୍ଗଦର୍ଶନରେ ବ୍ଲକ ଧର୍ମ ଜାଗରଣ ସହ ପ୍ରଭାରୀ ଶରତଚନ୍ଦ୍ର ସ୍ୱାଇଁ, ଜିଲ୍ଲା ହିନ୍ଦୁ ସଂସ୍କୃତି ସଂଯୋଜକ ପ୍ରଶାନ୍ତ ଚକ୍ର, ସମାଜସେବୀ ଅଞ୍ଜନ ବେହେରା, ପଦ୍ମଲୋଚନ ଜେନା ସମେତ ଅନେକ ହିନ୍ଦୁ ସାଙ୍ଗଠନିକ କର୍ମକର୍ତ୍ତା ନାନୀକାବାହାଳି ଆଦିବାସୀ ବସ୍ତିରେ ପହଞ୍ଚି ଆଲୋଚନା କରିଥିଲେ। ବିଗତ ଦିନରେ ବିଭିନ୍ନ ପ୍ରଲୋଭନର ତଥା ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ମୂଳହିନ୍ଦୁଧର୍ମଛାଡ଼ିଅନ୍ୟଧର୍ମକୁଆପଣାଇଥିଲେବୋଲିସେମାନେସ୍ୱୀକାରକରିଥିଲେ। ଆଗାମୀ ଦିନରେ ସପରିବାର ହିନ୍ଦୁ ରୀତିନୀତିରେ ରହିବାକୁ ସଂକଳ୍ପିତ ହୋଇଥିଲେ।

## ଗୋହିରା ଛକରେ ଦୁର୍ଘଟଣା; ୭ ଆହତ



ଆନନ୍ଦପୁର, ୩୦।୭(ସମିସ): ୨୦ ନଂ ଜାତୀୟ ରାଜପଥ ଗୋହିରାଠାରେ ଏକ ଅଟୋର ପଛ ପଟୁ ସ୍କର୍ପିଓ ଗାଡି ଧକ୍କା ଦେବାରୁ ୭ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ବେଳେ ୪ ଜଣ ଗୁରୁତର ଥିବା ସୂଚନା ମିଳିଛି। ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନସ୍ଥ କଣ୍ଟିଗାଁ ମଠସାହିର ରମେଶଚନ୍ଦ୍ର ବେହେରାଙ୍କ ପରିବାର ବୁଧବାର ସକାଳୁ ଘଟଗାଁ ମା'ତାରିଣୀଙ୍କ ଦର୍ଶନ ଅଭିମୁଖେ ଯାଉଥିଲେ। ଘସିପୁରା ଥାନା ଗୋହିରା ନିକଟରେ ଏକ ସ୍କର୍ପିଓ ଗାଡି ଅଟୋର ପଛପଟୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। ଅଟୋରେ ବସିଥିବା ସାତ ଜଣଙ୍କୁ ସ୍ଥାନୀୟ ଲୋକ ଓ ପୁଲିସ ସାହାଯ୍ୟରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଭଣ୍ଡାରିଡିହା ପଞ୍ଚାୟତ ସଭାକକ୍ଷ ଉଦ୍‌ଘାଟିତ



ଆନନ୍ଦପୁର, ୩୦।୭ ସମିସ): ଉପଖଣ୍ଡ ଅନ୍ତର୍ଗତ ଭଣ୍ଡାରିଡିହା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ନୂତନ ସଭାଗୃହ ଓ ତାଲିମକେନ୍ଦ୍ର ଉଦଘାଟିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ ସାହୁଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ବିଧାୟକ ବଦ୍ରିନାରାୟଣ ପାତ୍ର ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡ଼ିଓ ବିନିତା ବିଜୟିନୀ, ଜିଲ୍ଲା ପରିଷଦ ସଦସ୍ୟା ମଧୁସ୍ମିତା ଦାସ, ଭଣ୍ଡାରିଡିହା ପଞ୍ଚାୟତ ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ, ସମିତିସଭ୍ୟା ସୁବାସିନୀ ପ୍ରିୟଦର୍ଶିନୀ ରାଉତ, ବିପିସି ଗୁରୁପଦ ପାଲ୍ ଯୋଗ ଦେଇଥିଲେ।

## ଆନନ୍ଦପୁରରେ ନୂତନ ଜେଏମ୍‌ଏଫ୍‌ସିଙ୍କ ଯୋଗଦାନ



ଆନନ୍ଦପୁର, ୩୦।୭(ସମିସ): ଆନନ୍ଦପୁର ଅଦାଲତରେ ନୂତନ ଭାବେ ଯୋଗଦେଇଥିବା ପ୍ରଥମଶ୍ରେଣୀ ନ୍ୟାୟିକ ବିଚାରପତି (ଜେଏମ୍‌ଏଫ୍‌ସି) ଭାବେ ସୁଶ୍ରୀ ଯଶସ୍ୱିନୀ ମହାପାତ୍ର ଯୋଗଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ଆନନ୍ଦପୁର ଓକିଲ ସଂଘ ସଭାଗୃହରେ ସଂଘର ସଭାପତି ଦୟାନିଧି ଦାଶଙ୍କ ସଭାପତିତ୍ୱରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବରେ ଆନନ୍ଦପୁର ଅଦାଲତର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ବରିଷ୍ଠ ଦେୱାନୀ ଅଦାଲତର ବିଚାରପତି ଦେବଦତ୍ତ ଦାସ ମହାପାତ୍ର ଯୋଗଦେଇ ବାର ଓ ବେଞ୍ଚ୍ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ବିଭାଗ ଦେୱାନୀ ଅଦାଲତର ବିଚାରପତି ଗୌରବ ପୁରୋହିତ ଏବଂ ଉପଖଣ୍ଡ ନ୍ୟାୟିକ ବିଚାରପତି ଗୌରୀଶଙ୍କର ପଣ୍ଡା ଯୋଗ ଦେଇଥିଲେ। ସମ୍ପାଦକ ଭଗବାନ ମଲ୍ଲିକ ବିବରଣୀ ପାଠ କରିଥିଲେ। ଉପସଭାପତି ଅତୁଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ଅଶୋକ ରାଉଳ, ବରିଷ୍ଠ ଅଧିବକ୍ତା ଚିତ୍ତରଞ୍ଜନ ଦାଶ, ଭୁବନାନନ୍ଦ ଦାଶ, ମହେନ୍ଦ୍ର ମହାପାତ୍ର, ନୋଟାରୀ ରାମଚନ୍ଦ୍ର ପାତ୍ର, ବ୍ରଜବନ୍ଧୁ ସାହୁ, ମନୋଜ ମିଶ୍ର, ଗୋପାଳ ମିଶ୍ର, ତୁଳସୀଦାସ ଗୋଲାମ ଦେବତା, ସଞ୍ଜୟ ମିଶ୍ର, ଅମର ମହାପାତ୍ର, ବାଇଧର ସେଠୀ, କିଶୋର ଚକ୍ର, ସୁବାସ ବିଶ୍ୱାଳ, ପ୍ରତାପ କର, ଉମେଶ ମହାନ୍ତି, ଭାଗୀରଥି ଦାଶ, ମନୋରଞ୍ଜନ ପାଣିଗ୍ରାହୀ, ହେମନ୍ତ ମଲ୍ଲିକ, ଭୁବନେଶ୍ୱର ଯେନା, ଶିବଶଙ୍କର ସାହୁ, ଅମୀୟ ଜେନା, ମନୋଜ ତ୍ରୀପାଠୀ, ମାନସ ସାହୁ, ଶିଶିର ସେଠୀ ପ୍ରମୁଖ ଶତାଧିକ ଆଇନଜୀବୀ ଯୋଗ ଦେଇଥିଲେ।

## କ୍ଷେତ୍ରମୋହନ ବିଦ୍ୟାପୀଠରେ ସମ୍ବର୍ଦ୍ଧନା ଉତ୍ସବ



ଆନନ୍ଦପୁର, ୩୦।୭(ସମିସ): ଶାଳପଡା ସ୍ଥିତ କ୍ଷେତ୍ରମୋହନ ବିଦ୍ୟାପୀଠର ସଂସ୍କୃତ ଶିକ୍ଷକ ଶ୍ରୀବତ୍ସ ଦାଶ, ଖେଳ ଶିକ୍ଷକ ସୁଧାଂଶୁ ଶେଖର ପଣ୍ଡା, ଚତୁର୍ଥକର୍ମଚାରୀ ଲକ୍ଷ୍ମଣ ଦାଶଙ୍କ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ନୃତ୍ୟଗୁରୁ ଜିତୁ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ଜଗବନ୍ଧୁ ପତି। ମୁଖ୍ୟଅତିଥି ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟବକ୍ତା ଝାଡେଶ୍ୱର ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ ଘଡେଇ, ଏବିଇଓ ହେମେନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓଷ୍ଟା ଉପଦେଷ୍ଟା ଶାନ୍ତନୁ ମିଶ୍ର, ବିଦ୍ୟାଳୟର ପୃଷ୍ଠପୋଷାକ ନିର୍ମଳଚନ୍ଦ୍ର ମିଶ୍ର, ଗ୍ରାମବାସୀ ଚିନ୍ତାମଣି ମିଶ୍ର, ପରିଚାଳନା ସମିତିର ଅଧିକାରୀ ଚିତ୍ତରଞ୍ଜନ ଦାଶ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କାଳୀପଦ ମିଶ୍ର ଧନ୍ୟବାଦ ଦେଇଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ହାଟଡ଼ିହୀ,୩୦।୭ (ସମିସ): ଅବସର ନେଇଛନ୍ତି ଗୋପାଳଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଞ୍ଚୁଗୋଛିଆର ପ୍ରଧାନଶିକ୍ଷୟିତ୍ରୀ ମୀନା ସାମଲ। ଏଥିପାଇଁ ଆଜି ମୁଗୁପୁରବାର ପାଟଣା କୋଳାହଳମୟ ହୋଇଉଠିଥିଲା। ଶହଶହ ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀ, ଗ୍ରାମବାସୀ ନୀଳାପୁର ଗ୍ରାମରୁ ଏକ ବିରାଟ ପଟୁଆରରେ ବାଜା ବଜାଇ ବାଣ ଫୁଟାଇ ସ୍କୁଲ ନିକଟକୁ ପାଛୋଟି ନେଇଥିଲେ। ସୁଲଣ ସ୍କୁଲର ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅବସର ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ହାଟଡ଼ିହୀ ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଳେଇ, ମୁଖ୍ୟବକ୍ତା ଭାବେ ଏବିଇଓ ପ୍ରମୋଦ ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ହାଟଡ଼ିହୀ ବ୍ଲକର ବିଡ଼ିଓ ରଞ୍ଜନ ପରିଡ଼ା, ସମ୍ମାନିତଅତିଥି ଭାବେ ପଞ୍ଚୁଗୋଛିଆ ପଞ୍ଚାୟତର ସରପଞ୍ଚ ଦିନେଶ ସେଠୀ, ପ୍ରାଥମିକ ଶିକ୍ଷକସଂଘ ସଭାପତି ଶ୍ରୀକାନ୍ତ ବିଶ୍ୱାଳ, ଶିକ୍ଷକ ସଂଘର ରାଜ୍ୟ ସଂଯୋଜକ ଶ୍ରୀକାନ୍ତ ପଟ୍ଟନାୟକ, ଶିକ୍ଷାବିତ୍ ନାରାୟଣଚନ୍ଦ୍ର ଲେଙ୍କା, ଏସଏମସି ସଭାପତି ଅଲେଖ ଦଳେଇ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୀନା ସାମଲଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ପରେ ତାଙ୍କୁ ପୂରାତନ ଛାତ୍ରଛାତ୍ରୀ ଓ ସ୍କୁଲ ତତଫରୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଏହି ସ୍କୁଲରେ ୧୧ବର୍ଷ କାଳ ଶିକ୍ଷକତା କରିଥିବା ସହକାରୀ ଶିକ୍ଷକ ସନାତନ ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବନମାଳି ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରଘୁନାଥ ନାୟକ, ସତ୍ୟବ୍ରତ ସାହୁ, ସ୍ୱର୍ଣ୍ଣମୟୀ ଓଝା, ଇତିଶ୍ରୀ ବାରିକ, ହୀରାମଣି ସାହୁ, ଅନୁସୟା କୁଣ୍ଡୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରାତନ ଛାତ୍ର ଅଭିରାମ ନାୟକ, ବିଦ୍ୟାଧର ବରାଳ, ଅଲେଖ ଦଳେଇ, ଦୁଷ୍ମନ୍ତ ମଲ୍ଲିକ, ସୁଧାଂଶୁ ନାୟକ, ସ୍ୱାଧୀନ ଓଝା, ନିରଞ୍ଜନ ଦ୍ୱିବେଦୀ, ଅରୁପାନନ୍ଦ ସେଠୀ, ଅଭୟ ଓଝା, ପଙ୍କଜ ଦଳେଇ, ନନ୍ଦକିଶୋର ଶତପଥୀ ସହଯୋଗ କରିଥିଲେ।

## ଡିଏନ୍ ହାଇସ୍କୁଲକୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଉନ୍ନିତ ଦାବି

ରାମଚନ୍ଦ୍ରପୁର,୩୦।୭ (ସମିସ)




ଘସିପୁରା ବ୍ଲକର ସର୍ବପୁରାତନ ଦରିଦ୍ର ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟକୁ ବର୍ତ୍ତମାନ ସମ୍ପ୍ରସାରଣ କରି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବାକୁ ଦାବି ହେଉଛି। ୧୯୫୫ରୁ ପ୍ରତିଷ୍ଠିତ ଏହି ବିଦ୍ୟଳୟ ସ୍ମାର୍ଟ ସ୍କୁଲର ରୂପାନ୍ତରଣ ହୋଇଥିବା ବେଳେ ଏବେ ନବମ ଓ ଦଶମ ଶ୍ରେଣୀରେ ୧୨୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି। ବିଗତ ବର୍ଷରେ ତିନି ଜଣ ଛାତ୍ର ମାଟ୍ରିକ ପରୀକ୍ଷାରେ ରାଜ୍ୟ ସ୍ତରରେ ପ୍ରଥମ ୧୦ ଜଣ ମଧ୍ୟରେ ରହି ନିଜର ସ୍ଥିତି ଜାହିର କରି ପାରିଛନ୍ତି। କ୍ରୀଡ଼ା ଭିତ୍ତିଭୂମି ମଧ୍ୟ ସୁଦୃଢ଼ ରହିଛି। ଅନେକ ସମୟରେ ମାଟ୍ରିକ ପାସ ହେବା ପରେ ଯୁକ୍ତ ଦୁଇ ଶ୍ରେଣୀରେ ଅଧ୍ୟୟନ ପାଇଁ ଛାତ୍ରଛାତ୍ରୀ ଦୀର୍ଘ ୨୫ କିଲୋମିଟର ଦୂର ଆନନ୍ଦପୁର, ଶାଳପଡା ତଥା ସାଇଁକୁଳସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯାଇଥାନ୍ତି। ଏଥିପାଇଁ ଗ୍ରାମାଞ୍ଚଳର ଗରିବ ତଥା ଅନଗ୍ରସର ପରିବାରର ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ କ୍ଷେତ୍ରରେ ଛାତ୍ରଛାତ୍ରୀ ଛାତ୍ରାବାସ ତଥା ଘରଭଡ଼ା ନେଇ ରହି ପାଠ ପଢ଼ିବାରେ ଆର୍ଥିକ କ୍ଷତି ସହୁଥିବା ଦେଖିବାକୁ ମିଳୁଛି। ସରକାରଙ୍କ ପକ୍ଷରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତଦୁଇ) ଖୋଲିବାକୁ ସ୍ଥାନୀୟ ଜନସାଧାରଣ ତଥା ପୁରାତନ ଛାତ୍ର ସଂସଦ ପକ୍ଷରୁ ଅନେକ ଥର ଦାବି କରାଯାଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଅଳତି ସରପଞ୍ଚ ଇଂ ପ୍ରିୟବ୍ରତ ବରାଳ କହିଛନ୍ତି ଯେ ଏହି ବିଦ୍ୟାଳୟରେ ଆବଶ୍ୟକ ଅନୁଯାୟୀ ଭିତ୍ତିଭୂମି ଥିବା ସହ ଏଠାରେ ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଉତ୍ତମ ମାର୍କ ରଖି ଉତ୍ତୀର୍ଣ୍ଣ ହେଉଛନ୍ତି। ସେପଟେ ଦୀର୍ଘଦିନ ହେଲା ସଂସ୍କୃତ ଶିକ୍ଷକ, ଶାରୀରିକ ଶିକ୍ଷା ଶିକ୍ଷକ ସହ କିରାଣି ଏବଂ ଦୁଇ ପିଅନ ପଦ ଖାଲି ପଡିଛି। ମାତ୍ର ଜଣେ ପିଅନ ଦ୍ୱାରା ଅଫିସ କାର୍ଯ୍ୟ ଚାଲୁଛି। ବିଦ୍ୟାଳୟଟି ସମ୍ପ୍ରସାରଣ ହୋଇପାରିଲେ ଏସବୁ ସମସ୍ୟା ଦୂର ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ସାର ଗୋଦାମରେ କୃଷି ବିଭାଗର ଚଢ଼ଉ



ଚମ୍ପୁଆ,୩୦।୭ (ସମିସ): ଚଳିତ ଖରିଫ ଋତୁରେ ଚମ୍ପୁଆ ବ୍ଲକର ୨୨୧୬୫ ହେକ୍ଟର ଚାଷ ଜମିରେ ଚାଷ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ଚାଷରେ ବ୍ୟବହୃତ ସାର କଳା ବଜାରର ସମ୍ଭାବନା ରହିଛି। ଏହି ସମ୍ଭାବନାକୁ ଏଡାଇବା ତଥା ସାର କଳାବଜାର ରୋକିବା ପାଇଁ ଚମ୍ପୁଆ କୃଷି ଜିଲ୍ଲା ଅଧିକାରୀ ସତ୍ୟବାନ ସୋରେନଙ୍କ ତତ୍ତ୍ୱାବଧାନରେ ସହକାରୀ କୃଷି ଅଧିକାରୀ ରମାମଣି ସାହୁ, ବ୍ଲକ କୃଷି ଅଧିକାରୀ ସାରଦା ହାଂସଦା ପ୍ରମୁଖ ଗତ ମଙ୍ଗଳବାର ସନ୍ଧ୍ୟାରେ ଚମ୍ପୁଆ, ଜଡିପଦା, ବାଙ୍କ ଆଦି ସ୍ଥାନରେ ଥିବା ଲାଇସେନ୍ସପ୍ରାପ୍ତ ସାର ଗୋଦାମ ଉପରେ ଚଢଉ କରି ଗଚ୍ଛିତ ସାରର ପରିମାଣ ଓ ବିକ୍ରି ସମ୍ବନ୍ଧୀୟ ଦର ବିଷୟରେ ପଚାରି ବୁଝିଥିଲେ। ଜଡିପଦାସ୍ଥିତ ଲାଇସେନ୍ସପ୍ରାପ୍ତ ସାର ଦୋକାନୀ ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ସାର ବିକ୍ରି କରୁଥିବା ବେଳେ ଏଥିରୁ ନିବୃତ୍ତ ରହି ନିର୍ଦ୍ଧାରିତ ଦରରେ ସାର ବିକ୍ରି କରିବାକୁ ତାଗିଦ କରିଥିଲେ। ବର୍ତ୍ତମାନ ଧାନ ତଳି ରୁଆ ସରିଥିବା ବେଳେ ଚାଷି ନିଜ ଜମିରେ ୟୁରିଆ ଓ ଡିଏପି ସାର ବ୍ୟବହାର କରୁଛି। ଆଗାମୀ ଦିନରେ ଚମ୍ପୁଆ କୃଷି ବିଭାଗ ଅଧୀନରେ ଥିବା ବିଭିନ୍ନ ସାର ଗୋଦାମ ଉପରେ ଏହି ଚଢଉ ଜାରି ରହିବ ବୋଲି ଜିଲ୍ଲା କୃଷି ଅଧିକାରୀ ସତ୍ୟବାନ ସୋରେନ ସୂଚନା ଦେଇଛନ୍ତି।

## କର୍କଟ ରୋଗାକ୍ରାନ୍ତଙ୍କ ମୃତ୍ୟୁ



ବେଲବାହାଳି, ୩୦।୭ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ତଥା ଚାଷୀ ଶ୍ୟାମ ସାହୁ(୬୧)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ପ୍ରଥମେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। ପରେ ସ୍ୱାସ୍ଥ୍ୟରେ ସୁଧାର ନଆସିବାରୁ ଘରେ ରହି ଚିକିତ୍ସା ହେଉଥିଲେ। ମଙ୍ଗଳବାର ସନ୍ଧ୍ୟା ସମୟରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ତଳେ ପଡିଯାଇଥିଲେ। ସେଠାରେ ତାଙ୍କର ଦେହାନ୍ତ ହୋଇଛି। ସ୍ୱର୍ଗତ ଶ୍ୟାମ ସାହୁ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିୟୋଜିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଭାଇପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ବନ୍ଧୁବାନ୍ଧବ, ପ୍ରିୟଜନ ଓ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମସ୍ଥିତ କୁଶେଇ ନଦୀକୂଳରେ ଅନ୍ତିମ ସତ୍କାର କରାଯାଇଛି।

## ଯୌତୁକ ପାଇଁ ମାଡ଼ମାରି ଘରେ ଦେଲେ ତାଲା



ଆନନ୍ଦପୁର, ୩୦।୭ ସମିସ): ଭଲପାଇ ବିବାହ କରିବାର ତିନିବର୍ଷ ପରେ ଯୌତୁକ ପାଇଁ ସ୍ତ୍ରୀକୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବାସହ ମାଡମାରି ଘରେ ପୁରାଇ ତାଲା ପକାଇଦେବା ଘଟଣା ଆନନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ପଡୋଶୀଙ୍କ ଠାରୁ ଖବର ପାଇ ପରିବାର ଲୋକେ ଆହତ ଅବସ୍ଥାରେ ଉଦ୍ଧାର କରି ପୁଲିସର ଆଶ୍ରୟ ନେଇଥିବା ଜଣାଯାଇଛି। ଆନନ୍ଦପୁର ଥାନା ଅନ୍ତର୍ଗତ ବାକ୍ସୀଡି ଗ୍ରାମର ଭଗବାନ ଜେନାଙ୍କ ଝିଅ ଗାୟତ୍ରୀ ଖଇରା ଥାନା ଅନ୍ତର୍ଗତ କୁପାରୀ ନିକଟସ୍ଥ କଦଳୀଗଡିଆ ଗ୍ରାମର ହାଡିବନ୍ଧୁ ମଲିକଙ୍କ ପୁଅ ଜୟନ୍ତଙ୍କୁ ବିବାହ କରିଥିଲେ। ଉଭୟଙ୍କ ସମ୍ପର୍କରୁ ଦୁଇଟି ପୁଅ ଜନ୍ମ ହୋଇଥିଲେ। କିଛିଦିନ ପରେ ଯୌତୁକ ପାଇଁ ଶାଶୂଘର ଲୋକେ ଝଗଡା କରିବା ସହିତ ସ୍ୱାମୀ ମାଡ ମାରିବାରୁ ଗାୟତ୍ରୀ ବାପ ଘରକୁ ପଳାଇ ଆସିଥିଲେ। ଏହି ଘଟଣାରେ ସ୍ୱାମୀ ବୁଝାସୁଝା କରି ନେଇଯିବା ପରେ ଅନ୍ୟତ୍ର ବିବାହ କରିବା ପାଇଁ ଜୀବନରୁ ମାରିଦେବା ପାଇଁ ଷଡଯନ୍ତ୍ର କରିଥିଲେ। ଗତ ୨୮ ତାରିଖରେ ସ୍ୱାମୀ ଓ ପରିବାର ଲୋକେ ନିସ୍ଥୁକ ମାଡ ମାରି ଘରେ ପୁରାଇ ତାଲା ଦେଇଥିଲେ। ଖବର ପାଇ ପରିବାର ଲୋକେ ଉଦ୍ଧାର କରିଥିଲେ। ଶଶୁର ଘର ଲୋକଙ୍କ ମାଡରେ ଗାୟତ୍ରୀ ଅଣ୍ଟା ଓ ଗୋଡରେ ଗୁରୁତର ଆଘାତ ହୋଇଥିବା ଜଣାଯାଇଛି। ଏଣୁ ପୁଲିସ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୀଡିତା ମହିଳା ନ୍ୟାୟ ଭିକ୍ଷା କରିଛନ୍ତି।

## ଠିକାଦାରଙ୍କ ମନମୁଖୀ | ବିଲ୍ ମିଳି ନଥିବାରୁ ତାଲା ପକାଇଛନ୍ତି ଠିକାଦାର



ବେଲବାହାଳି,୩୦।୭ (ସମିସ): ଆନନ୍ଦପୁର ବ୍ଲକ ହରିଡାପାଳ ପଞ୍ଚାୟତ ଅନ୍ତର୍ଗତ ଟୋଲଙ୍କପଡା ଜୟମଙ୍ଗଳା ଆଞ୍ଚଳିକ ଉଚ୍ଚବିଦ୍ୟାଳୟରେ ଚାଲୁଥିବା ରୂପାନ୍ତରଣ କାମ ଦୀର୍ଘ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇ ନଥିବାରୁ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ ନିର୍ମାଣ କାମ ଅଧପନ୍ତରିଆ ରହିଥିବା ବେଳେ ବିଜ୍ଞାନ ପରୀକ୍ଷଣ କେନ୍ଦ୍ର ଘର ଓ ଅନ୍ୟାନ୍ୟ ଘର ସହିତ ନୂତନ ଭାବରେ ନିର୍ମିତ ହୋଇଥିବା ଛାତ୍ରଛାତ୍ରୀଙ୍କର ତିନିଟି ଶୌଚାଳୟକୁ ବନ୍ଦ କରି ରଖାଯାଇଛି। ଫଳରେ ଛାତ୍ରମାନେ ଶୌଚାଳୟ ଯିବା ପାଇଁ ଗେଟେ ବାହାରକୁ ଯିବାକୁ ପଡୁଥିବା ନେଇ ବିଦ୍ୟାଳୟର ଶିକ୍ଷକ ପ୍ରକାଶ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଯଦି କୌଣସି ସମସ୍ୟା ଘଟେ ତାହେଲେ ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠୁଛି। ଠିକାଦାରଙ୍କ ମନମୁଖୀ ଏବଂ ପ୍ରଶାସନର ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ଅଧପନ୍ତରିଆ ଭାବେ ପଡି ରହିଛି। ବିଦ୍ୟାଳୟର ଭିତ୍ତିଭୂମି ସଜାଡିବା ପାଇଁ ୫-ଟି କାର୍ଯ୍ୟକ୍ରମରେ ୫୦ ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା। ବିଦ୍ୟାଳୟର ଚତୁଃପାର୍ଶ୍ୱରେ ଭାଙ୍ଗି ଯାଇଥିବା ପାଚେରି ନିର୍ମାଣ ପାଇଁ ମଧ୍ୟ ଅନୁଦାନ ମିଳିଥିବା ବେଳେ ବିଦ୍ୟାଳୟର ପାଚେରିକୁ ଲାଗି ଜଣେ ବ୍ୟକ୍ତିଙ୍କ ଜମି ରହିଛି। ବିଦ୍ୟାଳୟ ପାଚେରି ନିର୍ମାଣ ହେଲେ ଜମିର କିଛି ପରିମାଣ ହରାଇବେ ବୋଲି ସଂପୃକ୍ତ ବ୍ୟକ୍ତିଜଣକ ଅଭିଯୋଗ କରିବା ସହ ଏହାକୁ ବିରୋଧ କରିଆସୁଛନ୍ତି। ଫଳରେ ପାଖାପାଖି ଦୁଇ ବର୍ଷ ହେବ ଏହାର କୌଣସି ସମାଧାନର ପନ୍ଥା ବାହାରି ପାରୁନାହିଁ। ବିଜ୍ଞାନ ପରୀକ୍ଷାଗାରଠାରୁ ଆରମ୍ଭ କରି ଶୌଚାଳୟ, ସଭାଗୃହ ପ୍ରଭୃତି କାମ ନିର୍ମାଣ ସରିଥିଲେ ମଧ୍ୟ ଠିକାଦାର ସେଗୁଡିକୁ ବିଦ୍ୟାଳୟକୁ ହସ୍ତାନ୍ତର କରୁ ନଥିବା ଜଣାପଡିଛି। ସେହିଭଳି ବିଦ୍ୟାଳୟ ପାଇଁ ଖେଳ ଶିକ୍ଷକ ନଥିବାରୁ ପିଲାମାନେ କ୍ରୀଡ଼ା ଶିକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପଦ ଦୀର୍ଘଦିନ ହେବ ଖାଲିପଡିଥିବା ବେଳେ ବିଦ୍ୟାଳୟ ପାଇଁ କିରାଣି, ପିଅନ ଓ ରାତି ଜଗୁଆଳିର ଅଭାବ ରହିଛି। ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ଜିଲ୍ଲାପାଳଙ୍କୁ ଗୁହାରି ଜଣାଇଛନ୍ତି ଅଞ୍ଚଳବାସୀ।

# ମହିଳାଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର; ସ୍ୱାମୀ ଅଟକ

ବାଲିବନ୍ଧ,୩୦।୭ (ସମିସ):



କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଭାଲୁକା ଗ୍ରାମ ସହିବଗରାସ୍ଥିତ ଏମତି ମେନେନ୍‌ଙ୍କ ପ୍ରଥମ ପତ୍ନୀ ଶକୁନ୍ତଳା ଦାସଙ୍କୁ ପିଟି ପିଟି ଅତି ଅମାନୁଷିକ ଭାବେ ହତ୍ୟା କରାଯାଇଛି। ବୁଧବାର ତାଙ୍କର କ୍ଷତାକ୍ତ ମୃତଦେହ ଉଦ୍ଧାର କରିଛି ଝୁମ୍ପୁରା ପୁଲିସ। ମୃତ ଶକୁନ୍ତଳାଙ୍କ ଭାଇ ମକରଧ୍ୱଜ ଦାସଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରିବା ପୂର୍ବକ ସ୍ୱାମୀ ଏମତି ମେନନଙ୍କୁ ଅଟକ ରଖି ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିବା ଜଣାପଡ଼ିଛି। ମକରଧ୍ୱଜଙ୍କ ଅଭିଯୋଗ ମୁତାବକ, ଆଜକୁ ୭ ବର୍ଷ ତଳେ ମେନାନ୍ ଶକୁନ୍ତଳାଙ୍କୁ ପ୍ରେମ ବିବାହ କରିଥିବାବେଳେ ତାଙ୍କର ୪ ବର୍ଷର ପୁଅଟିଏ ଏବଂ ୨ ବର୍ଷର ଝିଅଟିଏ ଅଛନ୍ତି। ତେବେ ବିବାହର ୧ ମାସ ପରେ ପରେ ଉଭୟଙ୍କ ମଧ୍ୟରେ ତିକ୍ତ ସମ୍ପର୍କ ସୃଷ୍ଟି ହୋଇଥିବାବେଳେ ଅଧିକ ଯୌତୁକ ଦାବିରେ ମେନେନ୍ ଶକୁନ୍ତଳାଙ୍କୁ ମାରପିଟ୍ କରି ଶାରୀରିକ ନିର୍ଯାତନା ଆରମ୍ଭ କରିଦେଇଥିଲା। ଏପରିକି ବିବାହର ୫ ମାସ ପରେ ଅନ୍ୟ ଜଣେ ମହିଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପରିବାର ଲୋକେ ଅନେକ ଥର ବୁଝା ସୁଝା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଫଳ କିଛି ହୋଇ ନଥିଲା। ଦ୍ୱିତୀୟ ବିବାହ ପରେ ଶକୁନ୍ତଳାଙ୍କ ପ୍ରତି ନିର୍ଯାତନା ବଢ଼ି ଯାଇଥିଲା। ମଙ୍ଗଳବାର ସନ୍ଧ୍ୟା ୫ଟା ସମୟରେ ଶକୁନ୍ତଳାଙ୍କ ସାନ ଭଉଣୀ ଫୋନ ଯୋଗେ ଶକୁନ୍ତଳାଙ୍କ ସହ କଥା ହୋଇଥିବାବେଳେ ୬ଟା ବେଳେ ଫୋନ୍ କରିବା ସମୟରେ ମେନାନଙ୍କ ଦ୍ୱିତୀୟ ପତ୍ନୀ ଫୋନ ଉଠାଇ ଶକୁନ୍ତଳା ଶୋଇଛି ବୋଲି କହିଥିଲେ ଏବଂ ଫୋନ୍ କାଟି ଦେଇଥିଲେ। ବୁଧବାର ସକାଳେ ମେନାନ ଶକୁନ୍ତଳାଙ୍କ ବାପ ଘରକୁ ଯାଇ ଶକୁନ୍ତଳା ମରି ଯାଇଛି ବୋଲି ମକରଧ୍ୱଜକୁ କହିଥିଲେ। ଏହାପରେ ପରିବାର ଲୋକ ଆସି ଘର ଭିତରେ ଶକୁନ୍ତଳାଙ୍କ କ୍ଷତବିକ୍ଷତ ମୃତଦେହ ପଡିଥିବାର ଦେଖିଥିଲେ। ତାଙ୍କର ଦୁଇ ହାତ ଭାଙ୍ଗି ଯାଇଥିବାବେଳେ ମୁହଁରେ ଅନେକ କ୍ଷତ ଚିହ୍ନ ରହିଥିବା ଦେଖିବା ପରେ ଶକୁନ୍ତଳାଙ୍କୁ ମେନେନ୍ ଏବଂ ତାଙ୍କ ଦ୍ୱିତୀୟ ସ୍ତ୍ରୀ ଏମତି ନେହା ହତ୍ୟା କରିଛନ୍ତି ବୋଲି ମକରଧ୍ୱଜ ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଝୁମ୍ପୁରା ଥାନାଧିକାରୀ ସମ୍ବାରୀ ହାଁସଦା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଏମତି ମେନନଙ୍କୁ ଅଟକ ରଖିବା ପୂର୍ବକ ତଦନ୍ତ ଆରମ୍ଭ କରିଥିଲେ। ଚମ୍ପୁଆ ଏସଡିପିଓ ରଶ୍ମିରଞ୍ଜନ ସାହୁ ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚିବା ପରେ ମୃତଦେହ ଜବତ କରାଯିବା ସହ ରକ୍ତଭିଜା ଲୁଗା ଏବଂ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରାଯାଇଥିଲା। ଝୁମ୍ପୁରା ଥାନାରେ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି।

## ନାବାଳିକାଙ୍କ ଆତ୍ମହତ୍ୟା

ଆନନ୍ଦପୁର,୩୦।୭ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଶାମୁକାକେଣ୍ଡି ପଞ୍ଚାୟତ ଜାମୁବାହାଳୀ ଗ୍ରାମର ଶଙ୍କର ମାରାଣ୍ଡିଙ୍କ ନାବାଳିକା ଝିଅ ତୁଳସୀ (୧୫) ଲୁଗା ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଘରେ କେହି ନଥିବା ବେଳେ ଏହି ଅଘଟଣ ଘଟିଛି। ପରେ ପରିବାର ଲୋକେ ଆମ୍ବୁଲାନ୍ସ ସାହାଯ୍ୟରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଘସିପୁରା ପୁଲିସ ପହଞ୍ଚି ଶବକୁ ନିଜ ହେପାଜତକୁ ନେବା ସହ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ନଈବଢ଼ିର ଭ୍ରମ ସୃଷ୍ଟି କରୁଛି ଡାକ୍ତରଖାନା ରାସ୍ତା



ଖୁଣ୍ଟ, ୩୦।୭(ସମିସ): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଶୁକ୍ରୁଲି ବଜାର ମୁଖ୍ୟ ରାସ୍ତାରୁ ସଂଯୋଗ କରୁଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରାସ୍ତା ଅସରାଏ ବର୍ଷାରେ ନଈବଢ଼ିର ଭ୍ରମ ସୃଷ୍ଟି କରୁଛି। ଏହ ଡାକ୍ତରଖାନା କେନ୍ଦୁଝର ଓ ଝାରଖଣ୍ଡର ବିଭିନ୍ନ ସ୍ଥାନରୁ ଆସୁଥିବା ରୋଗୀଙ୍କୁ ସେବା ଯୋଗାଇଆସୁଛି। ମାତ୍ର ଅତ୍ୟନ୍ତ ପରିତାପର ବିଷୟ ବଜାର ମୁଖ୍ୟ ରାସ୍ତାଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଂଯୋଗ କରୁଥିବା ୫୦ ମିଟର ରାସ୍ତା ପାଶ୍ୱର୍ରେ ଡ୍ରେନେଜ ନ ଥିବାରୁ ଅସରାଏ ବର୍ଷାହେଲେ ଆଣ୍ଠୁଏ ପାଣି ପ୍ରବାହିତ ହେଉଛି। ଫଳରେ ରୋଗୀ ଏବଂ ସଂପର୍କୀୟମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଙ୍ଗଳବାରଠାରୁ ଲାଗିରହିଥିବା ଲଗାଣ ବର୍ଷା ଫଳରେ ବଜାର ମୁଖ୍ୟ ରାସ୍ତାରୁ ଏହି ରାସ୍ତା ଉପରେ ଶହ ଶହ ସଂଖ୍ୟାରେ ପ୍ଲାଷ୍ଟିକ ବୋତଲ ଓ ଅଇଁଠା ଖଲି, ଚଉପତି ଭାସି ଆସୁଥିବା ଦେଖିବାକୁ ମିଳିଛି। ଦୀର୍ଘ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

## ବର୍ଷାରେ ଭାଙ୍ଗିଗଲା ରୁଆଁସି-ସୁରିଆଗଡା ପୋଲ



ରାଇରଙ୍ଗପୁର,୩୦।୭ (ସମିସ): ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଗୁହାଳଡାଙ୍ଗିରୀ ପଞ୍ଚାୟତ ସୁରିଆଗୋଡ଼ା ଗାଁର କୁମାରସାହି ଦେଇ ଯାଇଥିବା ସୁରିଆଗଡା-ରୁଆଁସି ମଝିରେ ଥିବା କୁମାରସାହି ପୋଲଟି ଲଗାଣ ବର୍ଷାରେ ଭାଙ୍ଗିଯାଇଛି। ଫଳରେ ଅଞ୍ଚଳବାସୀଙ୍କ ଗମନାଗମନ ପ୍ରଭାବିତ ହୋଇଛି। ଏହି ରାସ୍ତା ଦେଇ ଦୈନିକ ଯିବା ଆସିବା କରୁଥିବାବେଳେ ଶହ ଶହ ଲୋକ ସ୍କୁଲ ପିଲା, ଯାନବାହନ, ଆମ୍ବୁଲାନ୍ସ ଆଦି ଯିବା ଆସିବା କରିପାରୁନାହିଁ। ଏହି ଅଞ୍ଚଳରେ ଦୀର୍ଘ ଏକମାସ ହେଲା ଲଗାଣବର୍ଷା ଲାଗିରହିଛି। ଫଳରେ ପୋଲଟି ସଂପୂର୍ଣ୍ଣଭାବେ ଭୁଶୁଡି ଯାଇଛି। ପୋଲ ଭାଙ୍ଗିବାର ଏକ ମାସ ବିତିଯାଇଥିଲେ ହେଁ ପ୍ରଶାସନ ଗ୍ରାମ୍ୟ ଉନ୍ନୟନ ବିଭାଗ ମରାମତି କରିବା ନିମନ୍ତେ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ତୁରନ୍ତ ପୋଲ ନିର୍ମାଣ ବ୍ୟବସ୍ଥା କରିବା ପାଇଁ ବିଭାଗ ନିକଟରେ ଅଞ୍ଚଳବାସୀ ଦାବି ଜଣାଇଛନ୍ତି।

## ଚାଲାଣବେଳେ ୮ ଗୋରୁ ଉଦ୍ଧାର; ୨ ଗିରଫ

ଶୁଳିଆପଦା,୩୦।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ପଲାସଡିହା ଜଙ୍ଗଲୀ ରାସ୍ତା ଦେଇ ମାଫିଆମାନେ ମଙ୍ଗଳବାର ପଶ୍ଚିମବଙ୍ଗକୁ ଗୋରୁ ଚୋରା ଚାଲାଣ କରୁଥିବା ବେଳେ ପୁଲିସ ଖବର ପାଇ ଚଢଉ କରିଥିଲା। ପରେ ପୁଲିସ ୮ଟି ଗୋରୁକୁ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତ ମୁଣ୍ଡିରୀପାଳ ଗ୍ରାମର କୈଳାସ ବିନ୍ଧାଣି, ବାରିପଦା ସଦରର ଗୋପୀନାଥ ମାରାଣ୍ଡିକୁ ଗିରଫ କରି ଥାନାକୁ ଆଣିଛି। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସତ୍ୟନାରାୟଣ ବଳ ସୂଚନା ଦେଇଛନ୍ତି।

## ସାନଦୁନ୍ଦୁରେ ସଂଘବଦ୍ଧ ଆକ୍ରମଣ ଘଟଣା; ୪ ଗିରଫ

ବହଳଦା,୩୦।୭(ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ ବଡଦୁନ୍ଦୁ ଗ୍ରାମର କିଛି ଯୁବକ ସଂଘବଦ୍ଧ ହୋଇ ସାନଦୁନ୍ଦୁ ଗାଁରେ ପଶି ମାରଣାନ୍ତକ ଆକ୍ରମ କରିଥିବା ଘଟଣାରେ ପୂର୍ବରୁ ଜଣେ କୋର୍ଟ ଚାଲାଣ ହୋଇଥିବା ବେଳେ ବୁଧବାର ପୁଣି ୩ ଜଣଙ୍କୁ ଗିରଫ କରିଛି ପୁଲିସ। ଅଭିଯୋଗ ଅନୁସାର, ଗତ ୨୦ ତାରିଖରେ ବଡ଼ଦୁନ୍ଦୁ ଗାଁର ୩ ଜଣ ଯୁବକ ଚୋରି ଉଦ୍ଦେଶ୍ୟରେ ସାନଦୁନ୍ଦୁ ଗ୍ରାମକୁ ଯାଇଥିଲେ। ସେହି ସମୟରେ ଗାଁ ଲୋକେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଧରି ମାଡ଼ ମାରିଥିଲେ। ସେହି ଘଟଣାକୁ କେନ୍ଦ୍ରକରି ଗତ ୨୨ ତାରିଖରେ ବଡ଼ଦୁନ୍ଦୁ ଗାଁର ୨୦ରୁ ଅଧିକ ଯୁବକ ସାନଦୁନ୍ଦୁ ଗ୍ରାମକୁ ଯାଇ ସଂଘବଦ୍ଧ ଆକ୍ରମଣ କରିଥିଲେ। ଉକ୍ତ ଘଟଣାକୁ ନେଇ ଅଭିଯୋଗକାରୀ ଓ ଆକ୍ରମଣର ଶିକାର ହୋଇଥିବା ଅନ୍ୟ ଯୁବକମାନେ ବହଳଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆକ୍ରମଣ କରିଥିବା ୬ ଜଣ ଅଭ୍ୟୁଯୁକ୍ତଙ୍କ ମଧ୍ୟରୁ ବହଳଦା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ମଞ୍ଜୁର ନ ହେବାରୁ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ମୋଟ ୬ ଜଣ ଅଭିଯୁକ୍ତ ଥିବାବେଳେ ଆଜି ଆଉ ୩ ତିନି ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତକୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ। ଅନ୍ୟ ୨ ଅଭିଯୁକ୍ତଙ୍କୁ ମଧ୍ୟ ଖୁବ୍ ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ଭାସ୍କର ପ୍ରଧାନ ସୂଚନା ଦେଇଛନ୍ତି।



କେନ୍ଦୁଝର: ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାର ୨ୟ ଦିନ।

## ସୁନ୍ଦରାପାଳ ପ୍ରଧାନମନ୍ତ୍ରୀ 'ଆବାସ'ରେ ଧର୍ମାନ୍ତରୀକରଣ





### ଅସନ୍ତୋଷ ଝାଡ଼ିଲା ବଜରଙ୍ଗ ଦଳ

ଆନନ୍ଦପୁର, ୩୦।୭ ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଆଦିବାସୀ ଇଲାକାରେ ନିରୀହ ଆଦିବାସୀ ସମ୍ପ୍ରଦାୟ ଲୋକଙ୍କୁ ପ୍ରଲୋଭିତ କରି ଧର୍ମାନ୍ତୀକରଣ କରିବା ଘଟଣା ଉଗ୍ରରୂପ ଧାରଣ କରିବାରେ ଲାଗିଛି। ଲୁଚାଛପାରେ ଚାଲିଥିବା ଏହି ପ୍ରକ୍ରିୟା ଏବେ ଖୁଲମଖୁଲା ଭାବେ ଅନାୟସରେ ଚାଲିଥିବା ଅଭିଯୋଗ ହୋଇଛି। ଏନେଇ ପ୍ରଶାସନ ଓ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ବଜରଙ୍ଗ ଦଳ ଏହାର ପ୍ରତିବାଦ କରିଛି। ଆନନ୍ଦପୁର ଓ ହାଟଡିହି ବ୍ଲକର କେତେକ ଆଦିବାସୀ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ନିର୍ଦ୍ଦିଷ୍ଟ ଗୋଟିଏ ସମ୍ପ୍ରଦାୟର ପ୍ରଚାରକମାନେ ଧର୍ମ ପରିବର୍ତ୍ତନ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ହାଟଡିହି ବ୍ଲକ ଜାମ୍ବୀରା ପଞ୍ଚାୟତର ସୁନ୍ଦରାପାଳ ନିକଟସ୍ଥ ପଥରଗଦାସାହିର ଏକ ପ୍ରଧାନମନ୍ତ୍ରୀ ଆବାସ ଗୃହରେ ସାମୂହିକ ପ୍ରାର୍ଥନା ଓ ଧର୍ମଗ୍ରନ୍ଥ ପାଠ ଚାଲିଥିବା ଅଭିଯୋଗ ହୋଇଛି। ଏପରି କାର୍ଯ୍ୟକଳାପକୁ ଅନ୍ୟ କେତେକ ଆଦିବାସୀ ଓ ସ୍ଥାନୀୟ ଅଧିବାସୀ ବିରୋଧ କରିବାରୁ ସାମୟିକ ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ବିଜେପି ନେତ୍ରୀ ଝାନ୍ସୀରାଣୀ ଦାସ, ବଜରଙ୍ଗ ଦଳ ପ୍ରମୁଖ ଅକ୍ଷୟ ସାହୁ, ବିଶ୍ୱଜିତ ଦାଶଙ୍କ ସମେତ କେତେକ ବ୍ୟକ୍ତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ଏହାର ପ୍ରତିବାଦ କରିଥିଲେ। ପ୍ରଶାସନ ଓ ପୁଲିସ ପକ୍ଷରୁ ଏନେଇ ସବିଶେଷ ତଦନ୍ତ ଆରମ୍ଭ ହୋଇଥିବା ଜଣାଯାଇଛି।

## ଲକ୍ଷ୍ମୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ



ବାଙ୍ଗିରିପୋଷି,୩୦।୭ (ସମିସ): ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳରେ ମଙ୍ଗଳବାର ନୂତନ ବିଦ୍ୟାର୍ଥୀଙ୍କ ନିମନ୍ତେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ହରିହର ଶଙ୍ଖୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶୈକ୍ଷିକ ଅଧିକାରୀ ପ୍ରାଧ୍ୟାପକ ଡ. ନିର୍ମଳ ଚନ୍ଦ୍ର ସାହୁ ସ୍ୱାଗତ ଅଭିଭାଷଣ ଓ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସତ୍ୟନାରାୟଣ ସାମଲ ବିଭିନ୍ନ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଦେବାଶିଷ ମହାପାତ୍ର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବିଭିନ୍ନ ପରୀକ୍ଷା ସଂପର୍କରେ ଧାରଣା ଦେଇଥିଲେ। ଅଧ୍ୟାପିକା କରିଣ ପାଠକ ଯୌ÷ାନ ଶୋଷଣ ଆଇନର ବିଭିନ୍ନ ଦିଗ ଓ ପରିସର ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଅଶୋକ କୁମାର ମହାପାତ୍ର, ପ୍ରାଧ୍ୟାପକ ରତିକାନ୍ତ ବେହେରା, ଅଧ୍ୟାପକ ସତ୍ୟବ୍ରତ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡଃ. ବୀରେନ୍ଦ୍ର ନାଥ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଘରଭଙ୍ଗା କ୍ଷତିଗ୍ରସ୍ତଙ୍କୁ ସମାଜସେବୀଙ୍କ ସହାୟତା

ଶୁଳିଆପଦା, ୩୦।୭ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ବର୍ଷା ହେବାର ପୂର୍ବସୂଚନାକୁ ଆଖିଆଗରେ ରଖି ସରକାର ଚଳଚଞ୍ଚଳ ଥିବାବେଳେ ପ୍ରଶାସନ ନିରବ ରହିଛି। ସୂଚନା ମୁତାବକ, ଲଗାଣ ବର୍ଷା କାରଣରୁ ଶୁଳିଆପଦା ବ୍ଲକ କଣ୍ଟିସାହି ଗ୍ରାମପଞ୍ଚାୟତ ବାରି ଗ୍ରାମର ଲକ୍ଷ୍ମୀଧର ଦେଓ ଏବଂ ବ୍ରଜକିଶୋର ଦେଓଙ୍କ ମାଟି ଘର ଭାଙ୍ଗିଯାଇଛି। ଫଳରେ ଏହି ଦୁଇ ପରିବାରର ବ୍ୟାପକ କ୍ଷତି ଘଟିଛି। ଘରେ ଥିବା ଧାନ, ଚାଉଳ ଏବଂ ଆସବାବପତ୍ର ସଂପୂର୍ଣ୍ଣଭାବେ ନଷ୍ଟ ହୋଇଯାଇଛି। ମୁଣ୍ଡଗୁଞ୍ଜିବା ପାଇଁ ପଡିଶା ଘର ପିଣ୍ଡା ସାହାରା ପାଲଟିଛି। ଏ ନେଇ କ୍ଷତିଗ୍ରସ୍ତ ପରିବାର ଶୁଳିଆପଦା ବ୍ଲକ ପ୍ରଶାସନକୁ ଜଣାଇଥିଲେ ସୁଦ୍ଧା କୌଣସି ସହାୟତା ମିଳିନାହିଁ।



ଏହି ଖବର ପାଇ ସମାଜସେବୀ ଦିଲ୍ଲୀପ ତୁଙ୍ଗ ଓ ଯୁବଛାତ୍ର ମଞ୍ଚ ସଭାପତି ସମୀର ମହାନ୍ତ ପହଞ୍ଚି ଉକ୍ତ ପରିବାରକୁ ଆସବାବପତ୍ର ଏବଂ ଖାଦ୍ୟ, ଚାଉଳ ଆଦି ଯୋଗାଇ ଦେଇଛନ୍ତି।

## ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା



ବେତନଟୀ,୩୦।୭ (ସମିସ): ବେତନଟୀ ବ୍ଲକ ଅଧୀନ ପିଏମଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତାରେ ଏକ ବ୍ଲକସ୍ତରୀୟ ଏଡ୍ସ ଉପରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବେତନଟୀ ବ୍ଲକର ଶିକ୍ଷା ଅଧିକାରୀ ବିପ୍ଳବ କର ଉପସ୍ଥିତ ରହି ପିଲାମାନଙ୍କୁ ଏଚଆଇଭି ଉପରେ ଅଭିଭାଷଣ ପ୍ରଦାନ କରିବା ସହିତ ଗଠନ ମୂଳକ ଉପଦେଶ ଦେଇଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗରୁଡ଼ବସାର ଛାତ୍ର ଅଭିନବ ଲେଙ୍କା ପ୍ରଥମ, ଏମପିସି ଉଚ୍ଚ ବିଦ୍ୟାଳୟର ଛାତ୍ର ଲୋକେଶ୍ୱର୍ ମହାନ୍ତ ଦ୍ୱିତୀୟ ଏବଂ ଏମଜିଏଚ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର କିଶୋର କୁମାର ସିଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରାଣୀପୋଖରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ବୈଠକ



ଶରତ,୩୦।୭ (ସମିସ): ବୁଧବାର ରାଣିପୋଖରୀ ବିଦ୍ୟାଳୟରେ ଦ୍ୱିତୀୟ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଶେଷକରି ବୈଠକରେ 'ଆସ ସ୍କୁଲ ଯିବା ଅଭିଯାନ'ର ଆଭିମୁଖ୍ୟ ଉପରେ ଆଲୋଚନା ହେଇଥିଲା। ଏହାବ୍ୟତୀତ ଛାତ୍ରଛାତ୍ରୀଙ୍କ ପୋଷାକ, ଶିକ୍ଷଣ ସାମଗ୍ରୀ ଯୋଗାଣ ଓ ଭିନ୍ନକ୍ଷମଙ୍କ ପାଇଁ ଥିବା ଆର୍ଥିକ ସହାୟତା ରାଶି ଉପରେ ଆଲୋକପାତ କରାଯାଇଥିଲା। ବାଳିକା ତଥା ମହିଳାଙ୍କ ପାଇଁ ନିରାପଦ ବିଦ୍ୟାଳୟ ପରିବେଶ ଓ ସୁରକ୍ଷା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ହେଲ୍ପଲାଇନ ନମ୍ବର ଗୁଡ଼ିକ କ'ଣ ଓ ସେଗୁଡ଼ିକର ସ୍କୁଲ କାନ୍ଥରେ ପ୍ରଦର୍ଶନ, କ୍ୟାରିୟର ଗଢିବାକୁ ପିତାମାତାଙ୍କ କର୍ତ୍ତବ୍ୟ ଓ କାଉନସେଲିଂ, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି-୨୦୦୫ ଓ ବାଳିକାଙ୍କ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କୁନ୍ତଳା ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷକ ବିଦ୍ୟାଧର ଦାସ, ଦେବାଶିଷ ସେଠୀ, ପ୍ରଶାନ୍ତ ଗିରି, ଲକ୍ଷ୍ମୀକାନ୍ତ ପାତ୍ର, ରଘୁନାଥ ଅଜୟ, ନାୟକ ନାୟକ ପ୍ରମୁଖ ବହୁ ଅଭିଭାବକ ଉପସ୍ଥିତ ଥିଲେ। ଶେଷରେ ଚାରା ରୋପଣ କରାଯାଇଥିଲା।

■ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା

## ପରୀକ୍ଷା ନିୟନ୍ତ୍ରକଙ୍କୁ ଭେଟିଲେ ଛାତ୍ରଛାତ୍ରୀ

ବେତନଟୀ/ବଡ଼ସାହି, ୩୦।୭(ସମିସ): ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ପରୀକ୍ଷା ନିୟନ୍ତ୍ରକଙ୍କ ଦାୟିତ୍ୱହୀନତା ଯୋଗୁ ଏକ ଘରୋଇ ମେଡ଼ିକାଲ କଲେଜର ବିଏମଆରଟି, ବିଏମଏଲଟି ଏବଂ ବିଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବେ ସଂକଟରେ। ଏହି କଲେଜରେ ବେତନଟୀ ଓ ବଡ଼ସାହି ଅଞ୍ଚଳର ବହୁ ଛାତ୍ରଛାତ୍ରୀ ପଢୁଛନ୍ତି; କିନ୍ତୁ ତିନି ବର୍ଷର ପାଠ୍ୟକ୍ରମ ସମାପ୍ତ ହେବା ପରେ ମଧ୍ୟ ପରୀକ୍ଷା ହୋଇନାହିଁ। ଫଳରେ ଛାତ୍ରଛାତ୍ରୀମାନେ ସାର୍ଟିଫିକେଟ ପାଇବାରୁ ବଞ୍ଚିତ ରହିଛନ୍ତି। ଦୁଇ ବର୍ଷ ହେଲା ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପରୀକ୍ଷା କରିବାକୁ ନିବେଦନ କରିଆସୁଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଇତିମଧ୍ୟରେ ସରକାରଙ୍କ ପକ୍ଷରୁ ବିଏମଆରଟି, ବିଏମଏଲଟି ଏବଂ ବିଓ ବିଭାଗ ପାଇଁ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଥିଲା; କିନ୍ତୁ ସାର୍ଟିଫିକେଟ୍ ନ ଥିବାରୁ ଛାତ୍ରଛାତ୍ରୀ ସୁଯୋଗ ପାଇଲେ ନାହିଁ। ଏ ନେଇ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କୁ ଭେଟି ଅସୁବିଧା ଜଣାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କୁ ନ ପାଇ ନିରାଶରେ ଫେରିଥିଲେ। ପରେ ଛାତ୍ରଛାତ୍ରୀ ମୁଖ୍ୟ ପରୀକ୍ଷା ନିୟନ୍ତ୍ରକଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇଥିଲେ। ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ସୁବ୍ରତ କୁମାର ରଣା କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଛାତ୍ରଛାତ୍ରୀ ପରୀକ୍ଷା ଦେଇପାରି ନାହାନ୍ତି। ମୁଁ ଗତ ଏକ ବର୍ଷ ହେଲା ଦାୟିତ୍ୱରେ ଅଛି। ପୂର୍ବ କର୍ତ୍ତୃପକ୍ଷଙ୍କ ପାଇଁ ଏହି



ସମସ୍ୟା ସୃଷ୍ଟି ହୋଇଛି। ତେଣୁ ପରୀକ୍ଷା ଆୟୋଜନ ପାଇଁ ଚେଷ୍ଟା କରୁଛି ଏବଂ ଏଥିପାଇଁ ୨ମାସ ସମୟ ଦିଅନ୍ତୁ ବୋଲି କହିଛନ୍ତି। ପ୍ରଥମେ ନିୟନ୍ତ୍ରକଙ୍କ ନିକଟରୁ ସନ୍ତୋଷଜନକ ଉତ୍ତର ନମିଳିବାରୁ ଛାତ୍ରଛାତ୍ରୀ ଉତ୍ତେଜିତ ହୋଇ ଧାରଣାରେ ବସିଥିଲେ। ଏହା ନହେଲେ ସେମାନେ ସମୂହ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଥିଲେ। ପରେ ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ଲିଖିତ ଭାବେ ଦେବାରୁ ଛାତ୍ରଛାତ୍ରୀ ଶାନ୍ତ ହୋଇଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ଉଦଳା ସଂସ୍କୃତି ଭବନ

ଉଦଳା,୩୦।୭ (ସମିସ):

■ ରକ୍ଷଣାବେକ୍ଷଣ ଅଭାବରୁ ଫାଟିଗଲାଣି କାନ୍ଥ
■ କଳା ଓ ସଂସ୍କୃତିପ୍ରେମୀଙ୍କ ପାଇଁ ନାହିଁ ମଞ୍ଚ
■ ଭବନ ପାଲଟିଛି ଚାଉଳ ବଣ୍ଟନ କେନ୍ଦ୍ର




କଳା, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବୀତ ରଖିବା ପାଇଁ ସରକାରୀସ୍ତରରେ ଉଦ୍ୟମ ଜାରି ରହିଛି ବୋଲି ପ୍ରଚାର ପ୍ରସାର ଚାଲିଛି। ବିଭିନ୍ନ ଯୋଜନାରେ କଳା ଓ ସଂସ୍କୃତିକୁ ପୁର୍ନଜୀବିତ କରିବା ପାଇଁ ଚେଷ୍ଟା କରୁଥିବା କହିଚାଲିଛନ୍ତି ସରକାର। ତେବେ ମୟୂରଭଞ୍ଜ ଜିଲ୍ଲାକୁ ସାଂସ୍କୃତିକ ଜିଲ୍ଲା ଭାବେ ବିବେଚନା କରାଯାଇଥାଏ। ଆଦିବାସୀ ସମ୍ପ୍ରଦାୟଠାରୁ ଆରମ୍ଭ କରି କୁଡମୀ ସମ୍ପ୍ରଦାୟରେ ପାରମ୍ପରିକ କଳା ଓ ସଂସ୍କୃତି ସବୁଠାରୁ ଅଧିକ ଭରିରହିଛି। ଏହାର ପରିବେଷଣ ଗାଁ ଦାଣ୍ଡଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ହୋଇଥାଏ। ମାତ୍ର ସଂସ୍କୃତି ସମ୍ପନ୍ନ ଜିଲ୍ଲାର କପ୍ତିପଦା ଉପଖଣ୍ଡରେ ଏହାର ବାସ୍ତବ ଚିତ୍ର ଜଳଜଳ ହୋଇ ଦେଖାଯାଉଛି। କଳା, ସଂସ୍କୃତି ସହ ଲୋକକଳାର ପ୍ରସାର ପାଇଁ ଉଦଳା ଉପଖଣ୍ଡର ସଦର ମହକୁମାରେ ୨୦୦୮ ମସିହାରେ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଥିଲା। ଏନ୍ଏସି କାର୍ଯ୍ୟାଳୟ ଉଦ୍ୟମରେ ପଛପାଖରେ ତତ୍କାଳୀନ ରାଜ୍ୟସଭା ସାଂସଦ ବୀରଭଦ୍ର ସିଂଙ୍କ ଅନୁଦାନ ପାଣ୍ଠି ୨୫ ଲକ୍ଷ ଟଙ୍କା ବ୍ୟୟବରାଦରେ ଗଢିଉଠିଥିଲା ଉଦଳା ସଂସ୍କୃତି ଭବନ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୮ ମସିହା ଏପ୍ରିଲ ୧୩ ତାରଖରେ ଉଦ୍‌ଘାଟନ କରିଥିଲେ। ଏହାକୁ ନେଇ ଉତ୍ସାହିତ ହୋଇପଡ଼ିଥିଲେ ଉଦଳାର ସଂସ୍କୃତି ଓ କଳାପ୍ରେମୀ ସଂଗଠନ। ମାତ୍ର କୌଣସି ସୁବିଧା ନ ଥିବା ବେଳେ କେବଳ ବିବାହ ମଣ୍ଡପରେ ରୂପାନ୍ତରିତ ହୋଇ କିଛିଦିନ ଲୋକେ ଉପକୃତ ହୋଇଥିଲେ। ଶବ୍ଦ ପ୍ରତିଧ୍ୱନିତ ରୋକିବାରେ କୌଣସି ବ୍ୟବସ୍ଥା ନ ଥିବା କାରଣରୁ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ଭବ ହୋଇପାରିଲାନାହିଁ। ଫଳରେ ବିବାହ ପାଇଁ ଉଦ୍ଦିଷ୍ଟ ହୋଇ ଏବେ ଚାଉଳ ବଣ୍ଟନ କେନ୍ଦ୍ରରେ ରୂପାନ୍ତରିତ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦୁଇବର୍ଷ ହେବ ଏହି ଭବନ ଜରାଜୀର୍ଣ୍ଣ ହୋଇପଡ଼ିଥିବା ବେଳେ କାନ୍ଥସବୁ ଫାଟିଗଲାଣି। ରକ୍ଷଣାବେକ୍ଷଣ ଅଭାବରୁ ଗୃହ ଏବେ ବ୍ୟବହାର ଅନୁପଯୋଗୀ ହୋଇଛି। କେବଳ ଏନ୍ଏସି ପକ୍ଷରୁ ମାସିକ ଚାଉଳ ବଣ୍ଟନ କାର୍ଯ୍ୟ ସମ୍ପନ୍ନ କରାଯାଉଛି। ଏକପ୍ରକାର ଗୋଦାମ ଘର ସାଜିଛି କହିଲେ ଭୁଲ ହେବନି। ଅପରପକ୍ଷରେ ଉଦଳା ଅଞ୍ଚଳର ସଂସ୍କୃତିପ୍ରେମୀ ତଥା ସ୍ଥାନୀୟ ଜନସାଧାରଣ ସଂସ୍କୃତି ଭବନ ବନ୍ଦ ହୋଇଯାଇଥିବାରୁ ଏନ୍ଏସି କର୍ତ୍ତୃପକ୍ଷଙ୍କ ଅବହେଳା ଓ ଅପାରଗତାକୁ ଦାୟୀ କରିଛନ୍ତି। ସ୍ଥାନୀୟ ଲୋକପ୍ରତିନିଧି ମଧ୍ୟ ଏଥିପ୍ରତି ଦୃଷ୍ଟି ନଦେବା ଅତ୍ୟନ୍ତ ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ତୀବ୍ର ସମାଲୋଚନା କରାଯାଇଛି। ଉଦଳା ଭଳି ଏକ ବଳିଷ୍ଠ କଳା ସଂସ୍କୃତି ସମ୍ପନ୍ନ ଅଞ୍ଚଳରେ ପରିବେଷଣ ପାଇଁ ସୁବ୍ୟବସ୍ଥିତ ଅଡିଟୋରିୟମ ନ ରହିବା ଦୁର୍ଭାଗ୍ୟଜନକ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ସଂସ୍କୃତି ପ୍ରେମୀ। ଉଦଳା ପୌରାଞ୍ଚଳ ମାନ୍ୟତା ପାଇଁ ତୁମ୍ବିତୁଫାନ କରୁଥିବା ରାଜନୈତିକ ଦଳ ଏଦିଗରେ ନଜର ନ ଦେବା ଦୂରଦର୍ଶୀତା ଅଭାବ ବୋଲି ଆକ୍ଷେପ କରିଛନ୍ତି। ତୁରନ୍ତ ଏଦିଗରେ ପଦକ୍ଷେପ ନେଇ ନୂତନ କଳା ସଂସ୍କୃତିର ପରିବେଷଣ ପାଇଁ ଅତ୍ୟାଧୁନିକ ଅଡିଟୋରିୟମ ନିର୍ମାଣ ତଥା ଜରାଜୀର୍ଣ୍ଣ ସଂସ୍କୃତି ଭବନର ନବୀକରଣ ସହ ସଠିକ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି ଉଦଳାବାସୀ।

## ପ୍ରକୃତିର ପ୍ରକୋପ

# ସୁନାମୀ



**ବର୍ଷା, ବନ୍ୟା, ଝଡ଼ତୋଫାନ, ବାତ୍ୟା, ବଜ୍ରପାତ, ଭୂସ୍ଖଳନ, ଆଗ୍ନେୟଗିରି ଉଦ୍‌ଗୀରଣ ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରତିବର୍ଷ ବିଶ୍ୱବ୍ୟାପୀ ହଜାର ହଜାର ଲୋକଙ୍କ ଜୀବନ ନେଉଛି ଏବଂ ଧନସମ୍ପତ୍ତିର ମଧ୍ୟ ବ୍ୟାପକ କ୍ଷତି ଘଟାଉଛି । ତେବେ ଏହିସବୁ ବିପର୍ଯ୍ୟୟର ଆଗୁଆ ସୂଚନା ମିଳୁଥିବାରୁ ଜୀବନ ହାନୀ ଓ କ୍ଷୟକ୍ଷତି ପରିମାଣ କମିକମି ଯାଉଛି । କିନ୍ତୁ ଭୂମିକମ୍ପ କେଉଁଠି ଏବଂ କେବେ ହେବ, ତାହାର ଆଗୁଆ ସୂଚନା ପାଇବା ଲାଗି ବର୍ତ୍ତମାନ ସୁଦ୍ଧା କୌଣସି ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ହୋଇପାରି ନାହିଁ । ତେଣୁ ଭୂମିକମ୍ପ ଏବଂ ଏହି କାରଣରୁ ସମୁଦ୍ର ଉପକୂଳରେ ଆସୁଥିବା ସୁନାମୀ ଯୋଗୁଁ ଧନଜୀବନ କ୍ଷତି ବଢ଼ିବାରେ ଲାଗିଛି । ପ୍ରକୃତିର ଏହି ପ୍ରକୋପ ସଂପର୍କରେ ସ୍ୱତନ୍ତ୍ର ବିଶ୍ଳେଷଣ ।**

### ଜାପାନୀ ଶବ୍ଦ ସୁନାମୀ

ସୁନାମୀ ହେଉଛି ବିଶ୍ୱର ଅନ୍ୟତମ ବିଧ୍ୱଂସକାରୀ ପ୍ରାକୃତିକ ବିପର୍ଯ୍ୟୟ । ଏହା ଏକ ଜାପାନୀ ଶବ୍ଦ । ଏହା ସମୁଦ୍ର ତଥା ମହାସାଗରରେ ଦେଖିବାକୁ ମିଳିଥାଏ । ଅତ୍ୟଧିକ ଦୀର୍ଘ ତଥା ଲମ୍ବା ସମୁଦ୍ରିକ ତରଙ୍ଗର ଶୃଙ୍ଖଳାକୁ ସୁନାମୀ କୁହାଯାଇଥାଏ । ଭୂକମ୍ପ କିମ୍ବା ଆଗ୍ନେୟଗିରି ତଥା ଜ୍ୱାଳାମୁଖି ବିସ୍ଫୋରଣରେ ମହାସାଗରରେ ବୃହତ୍ ଓ ଅଚାନକ ବିସ୍ଥାପନ ଯୋଗୁଁ ଜଳର ଦୀର୍ଘ ତରଙ୍ଗ ସୃଷ୍ଟି ହୋଇଥାଏ । ଏହାକୁ ଭୂକମ୍ପଜନିତ ସମୁଦ୍ର ଲହଡି ମଧ୍ୟ କୁହାଯାଇଥାଏ । ସୁନାମିକୁ ସବୁଠାରୁ ଭୟଙ୍କର, ଶକ୍ତିଶାଳୀ ତଥା ବିନାଶକାରୀ ପ୍ରାକୃତିକ ବିପର୍ଯ୍ୟୟ ଭାବେ ପରିଗଣିତ ହୋଇଥାଏ ।

ମହାସାଗର ଭିତରେ ଭୂକମ୍ପ ଯୋଗୁଁ ବହୁ ପରିମାଣରେ ଜଳ ବିସ୍ଥାପନ ଯୋଗୁଁ ସୁନାମୀ ହୋଇଥାଏ । ଭୂକମ୍ପକୁ ବାଦ୍ ଦେଲେ ଆଗ୍ନେୟଗିରି ବିସ୍ଫୋରଣ, ଭୂସ୍ଖଳନ ଏବଂ ପୃଥିବୀ ଉପରେ ଗ୍ରହାଣୁ ତଥା ଧୂମକେତୁ ମାଡ ହେବା ଫଳରେ ମଧ୍ୟ ସୁନାମୀ ସୃଷ୍ଟି ହୋଇଥାଏ । ସୁନାମୀର ମୁଖ୍ୟ କାରଣଗୁଡିକ ନେଇ ଆଲୋଚନା କରିବା ।

### ଭୂକମ୍ପ

ଭୂକମ୍ପ ଯୋଗୁଁ ଅଧିକାଂଶ ସୁନାମୀ ଆସିଥାଏ । ପୃଥିବୀର ଟେକ୍ଟୋନିକ ପ୍ଲେଟ ବାଉଣ୍ଡାରୀରେ ସଂଘର୍ଷ ଯୋଗୁଁ ହିଁ ଭୂକମ୍ପ ସୃଷ୍ଟି ହୋଇଥାଏ । ଏହା ଯୋଗୁଁ ହେଉଥିବା ଭୂକମ୍ପଗୁଡିକ ୭.୦ ତୀବ୍ରତାଠାରୁ ଅଧିକ । ଏହାଦ୍ୱାର ସମୁଦ୍ର ତଳରେ ଜଳ ସ୍ତର ଉପରକୁ ସିଧା ଉତ୍ତାନ୍ ହୋଇଥାଏ । ଏହା ଦ୍ୱାରା ବହୁ ପରିମାଣରେ ଜଳ ବିସ୍ଥାପନ ହୋଇଥାଏ । ଫଳରେ ଦୀର୍ଘ ଓ ଉଚ୍ଚ ଲହଡି ସୃଷ୍ଟି ହୋଇଥାଏ । ତେବେ ସବୁ ଭୂକମ୍ପ ସୁନାମୀ ସୃଷ୍ଟି କରି ନଥାଏ । କେବଳ ସମୁଦ୍ର ତଳରେ ୭.୦ କିମ୍ବା ତା'ଠାରୁ ଅଧିକ ତୀବ୍ର ଭୂକମ୍ପ ହେଲେ ସୁନାମୀ ଆସିଥାଏ ।

### ଆଗ୍ନେୟଗିରି ବିସ୍ଫୋରଣ

ଆଗ୍ନେୟଗିରି ବିସ୍ଫୋରଣ ତଥା ଆଗ୍ନେୟ ଉଦଗିରଣ ଯୋଗୁଁ ମଧ୍ୟ ସୁନାମୀ ସୃଷ୍ଟି ହୋଇଥାଏ । ତେବେ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଆଗ୍ନେୟ ଉଦ୍‌ଗିରଣ ହେଲେ ବହୁ ପରିମାଣରେ ଜଳ ବିସ୍ଥାପିତ ହୋଇଥାଏ । କାରଣ ଆଗ୍ନେୟ ଉଦ୍‌ଗିରଣ କାରଣରୁ ବହୁ ପରିମାଣରେ ପଥର ଓ ପାଉଁଷ ସମୁଦ୍ରରେ ପଡ଼ିବା ଫଳରେ ଜଳ ବିସ୍ଥାପନ ହୋଇ ସୁନାମୀ ସୃଷ୍ଟି ହୋଇଥାଏ । ଉଦାହରଣ ସ୍ୱରୂପ ୧୯୮୮ରେ ପାପୁଆ ନ୍ୟୁଗିନିରେ ଆଗ୍ନେୟ ଉଦ୍‌ଗିରଣ ଯୋଗୁଁ ସୁନାମୀ ଆସିଥିଲା ଓ ଏଥିରେ ବହୁ ଧନଜୀବନ ହାନି ହୋଇଥିଲା ।

## କାହିଁକି ହୁଏ ସୁନାମୀ

### ଭୂସ୍ଖଳନ

ଉପକୂଳବର୍ତ୍ତୀ ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ମଧ୍ୟ ସମୁଦ୍ରରେ ବହୁ ପରିମାଣରେ ଜଳ ବିସ୍ଥାପିତ ହେବା ଫଳରେ ସୁନାମୀ ଆସିଥାଏ । ଅବଶ୍ୟ ଏହି ଭୂସ୍ଖଳନ ଭୂକମ୍ପ କିମ୍ବା ଭୁଗର୍ଭୀୟ ଗତିବିଧି କାରଣରୁ ସୃଷ୍ଟି ହୋଇଥାଏ । ଭୂସ୍ଖଳନ ଯୋଗୁଁ ବହୁ ପରିମାଣରେ ମାଟି କିମ୍ବା ପଥର ସମୁଦ୍ରରେ ପଡ଼ିବା ଯୋଗୁଁ ଏପରି ହୋଇଥାଏ ।

### ଅନ୍ୟ ସମ୍ଭାବ୍ୟ କାରଣ

ଅନ୍ୟ କାରଣ ଯୋଗୁଁ ମଧ୍ୟ ସୁନାମୀ ହୋଇଥାଏ । ସମୁଦ୍ରରେ ଉଲକା ପିଣ୍ଡ କିମ୍ବା ଗ୍ରହାଣୁ ପୁଞ୍ଜ ମାଡ ହେଲେ ମଧ୍ୟ ବହୁ ପରିମାଣରେ ଜଳ ବିସ୍ଥାପନ ହୋଇ ସୁନାମୀ ଆସିଥାଏ । ସେହିପରି ସମୁଦ୍ର ଉପକୂଳରେ ବିସ୍ଫାରଣ ଜନିତ ପରୀକ୍ଷା ମଧ୍ୟ ସୁନାମୀ ସୃଷ୍ଟି କରିଥାଏ । ଉଦାହରଣ ସ୍ୱରୂପ ଯଦି ସମୁଦ୍ରରେ ଆଣବିକ ପରୀକ୍ଷଣ କରାଗଲେ ମଧ୍ୟ ସୁନାମୀ ଆସିବାର ଆଶଙ୍କା ରହିଥାଏ । ସେହିପରି ହିମସ୍ଖଳନ କାରଣରୁ ବଡ଼ ବଡ଼ ବରଫ ଖଣ୍ଡ ସମୁଦ୍ରରେ ପଡ଼ିଲେ ସୁନାମୀ ଭଳି ବିପର୍ଯ୍ୟୟ ସୃଷ୍ଟି ହୋଇଥାଏ ।

### ଭାରତରେ ଅତିକମ୍‌ରେ ୮ ସୁନାମୀ ଆସିଛି

୧୭୬୨ ପରେ ଭାରତ ଅତିକମ୍‌ରେ ୮ ଥର ସୁନାମୀ ଆସିଛି । ୧୭୬୨ରେ ଆଣ୍ଡାମାନ ନିକୋବର ଦୀପପୁଞ୍ଜ ଓ ବଙ୍ଗୋପ ସାଗରେରେ ଭୂମକମ୍ପ କାରଣରୁ ଭାରତରେ ସୁନାମୀ ଆସିଥିଲା । ତେବେ ୨୦୦୪ରେ ଆସିଥିବା ସୁନାମୀ ସବୁଠାରୁ ବୃହତ୍ ତଥା ବିଧ୍ୱଂସକାରୀ ଥିଲା । ଆଣ୍ଡାମାନ ନିକୋବର ଦୀପପୁଞ୍ଜ ସମେତ ଦକ୍ଷିଣ ଭାରତର ଉପକୂଳବର୍ତ୍ତୀ ଅଞ୍ଚଳରେ ଏହା ଦ୍ୱାରା ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା । ଏଥିରେ ୧୦, ୭୪୯ ଲୋକ ପ୍ରାଣ ହରାଇଥିଲେ ଓ ୫, ୬୪୦ ନିଖୋଜ ହୋଇଥିଲେ । ଏହାପୂର୍ବରୁ ୧୮୮୧ ଓ ୧୯୪୧ରେ ବଙ୍ଗୋପସାଗରେ ଭୂକମ୍ପ କାରଣରୁ ମଧ୍ୟ ଭାରତରେ ସୁନାମୀ ପରିଲକ୍ଷିତ ହୋଇଥିଲା । ସେହିପରି ୧୯୪୧ରେ ଆଣ୍ଡାମାନ ଦୀପପୁଞ୍ଜରେ ଭୂକମ୍ପ କାରଣରୁ ମଧ୍ୟ ସୁନାମୀ ଆସିଥିଲା ।

## ବିଶ୍ୱର ସବୁଠାରୁ ବୃହତ୍ ତଥା ବିଧ୍ୱଂସକାରୀ ୫ ସୁନାମୀ

**ଭାରତୀୟ ମହାସାଗ ।ରେ ଭୂକମ୍ପ ଓ ସୁନାମୀ**
ତାରିଖ: ୨୬ ଡିସେମ୍ବର ୨୦୦୪
ତୀବ୍ରତା: ୯.୧ - ସମୁଦ୍ର ଢେଉ ଉଚ୍ଚତା ୧୫୦ ଫୁଟ୍
୧୩ ଦେଶ କ୍ଷତିଗ୍ରସ୍ତ , ମୃତ୍ୟୁସଂଖ୍ୟା ୨ ଲକ୍ଷ ୩୦ ହଜାର

**ୟୁରାପର ଲିସ୍‌ବନ ଭୂକମ୍ପ ଓ ସୁନାମୀ**
ତାରିଖ: ୧ ନଭେମ୍ବର ୧୭୫୫
ତୀବ୍ରତା: ୮.୫ - ସମୁଦ୍ର ଢେଉ ଉଚ୍ଚତା ୫୦ ଫୁଟ୍
ମୃତ୍ୟୁସଂଖ୍ୟା: ୬୦ ହଜାରରୁ ଏକ ଲକ୍ଷ

**ଇଣ୍ଡୋନେସିଆର କ୍ରକାତାଉ ଆଗ୍ନୟଗିରି ବିସ୍ଫୋରଣ ଓ ସୁନାମୀ**
ତାରିଖ: ୨୭ ଅଗଷ୍ଟ ୨୭ ୧୮୮୩
ସମୁଦ୍ର ଢେଉ ଉଚ୍ଚତା ୧୦୦ ଫୁଟ୍
ମୃତ୍ୟୁସଂଖ୍ୟା: ୩୬ ହଜାର






**ଆଫ୍ରିକା ଭୂକମ୍ପ ଓ ସୁନାମୀ**
ତାରିଖ: ୧୩ ଅଗଷ୍ଟ ୧୮୬୮
ତୀବ୍ରତା: ୮.୫ - ସମୁଦ୍ର ଢେଉ ଉଚ୍ଚତା ୯୦ ଫୁଟ୍
ମୃତ୍ୟୁସଂଖ୍ୟା: ୨୫ ହଜାର

**ଜାପାନର ତୋହୋକୁ ଭୂକମ୍ପ ଓ ସୁନାମୀ**
ତାରିଖ : ୧୧ ମାର୍ଚ୍ଚ ୨୦୧୧
ତୀବ୍ରତା: ୯.୧ - ସମୁଦ୍ର ଢେଉ ଉଚ୍ଚତା ୧୩୦ ଫୁଟ୍
ମୃତ୍ୟୁସଂଖ୍ୟା: ୧୫ ହଜାର ୫୫୦

## ବିଶ୍ୱର ୧୦ ବିଧ୍ୱଂସକ ଭୂକମ୍ପ

**୧୯୬୦ ମେ' ୨୨ (ଚିଲି):** ବିଶ୍ୱର ସବୁଠୁ ଭୟଙ୍କର ଭୂକମ୍ପ ଚିଲିରେ ହୋଇଥିଲା । ୧୯୬୦ରେ ୯.୫ ତୀବ୍ରତାରେ ଚିଲି ଦୋହଲି ଯାଇଥିଲା । ଏହାର ନାମ 'ଗ୍ରେଟ୍ ଚିଲିଆନ' କିମ୍ବା ଭାଲଡିଭିଆ ଭୂକମ୍ପ କୁହାଯାଏ । ଏହି ପ୍ରଳୟଙ୍କାରୀ ଭୂକମ୍ପ ୧୬୫୫ ଜଣଙ୍କ ଜୀବନ ନେଇଥିଲା । ୨ ନିୟୁତ ଲୋକଙ୍କୁ ବାସଚ୍ୟୁତ କରିଦେଇଥିଲା । ଏହା ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରିଥିଲା । ଏହା ଚିଲି ଏବଂ ଜାପାନରେ ସୁନାମୀ ଆଣିଥିଲା ।

**୧୯୬୪ ମାର୍ଚ୍ଚ ୨୭(ଆଲାସ୍କା):** ୧୯୬୪ରେ ଆମେରିକାର ଆଲାସ୍କାରେ ଦ୍ୱିତୀୟ ବୃହତ୍ତମ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା । ୯.୨ ତୀବ୍ରତାର ଏହି ଭୂକମ୍ପକୁ 'ଗୁଡ୍ ଫ୍ରାଇଡେ' କିମ୍ବା ୱିଲିୟମ ସାଉଣ୍ଡ ଆର୍ଥକ୍ୱେକ କୁହାଯାଇଥିଲା । ଏହା ୧୩୧ ଜଣଙ୍କ ଜୀବନ ନେଇଥିଲା । ବିପର୍ଯ୍ୟୟ ସୃଷ୍ଟି କରି ଭୂସ୍ଖଳନ ଆଣିଥିଲା । ୨୦୦ ଫୁଟ ଉଚ୍ଚତାର ସୁନାମୀ ଆସିଥିଲା । ଏଥିଯୋଗୁଁ ୨.୩ ବିଲିୟନ ଡଲାରର ସମ୍ପତ୍ତି କ୍ଷୟକ୍ଷତି ହୋଇଥିଲା ।

**୨୦୦୪ ଡିସେମ୍ବର ୨୬(ସୁମାତ୍ରା):** ଏହି ମସିହାରେ ଇଣ୍ଡୋନେସିଆର ସବୁଠୁ ବଡ଼ ଭୂକମ୍ପ ଆସିଥିଲା । ୯.୧ ତୀବ୍ରତାର ଏହି ପ୍ରାକୃତିକ ବିପର୍ଯ୍ୟୟ ୧୪ ଦେଶରେ ୨ ଲକ୍ଷ ୩୦ ହଜାର ଲୋକଙ୍କ ଜୀବନ ନେଇଥିଲା । ଏହି ଭୂକମ୍ପ ଯୋଗୁଁ ଆସିଥିବା ବିରାଟ ସୁନାମୀ ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆର ଉପକୂଳକୁ ଧ୍ୱଂସ କରିଦେଇଥିଲା ।

**୨୦୧୧ ମାର୍ଚ୍ଚ ୧୧(ଜାପାନ):** ଏହି ମସିହାରେ ଜାପାନ ସମୁଦ୍ର ଭିତରେ ସୃଷ୍ଟି ୯.୧ ତୀବ୍ରତାର ଭୂକମ୍ପ ୨୦ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଥିଲା । ଏଥିଯୋଗୁଁ ଭୟଙ୍କର ସୁନାମୀ ଆସିଥିଲା । ଏହା ଫୁକୁସିମା ପରମାଣୁ କେନ୍ଦ୍ରକୁ ଧ୍ୱଂସସ୍ତୁପରେ ପରିଣତ କରି ଦେଇଥିଲା । ୧୩୦ ଫୁଟର ସୁନାମୀ ୬ ମାଇଲ ଭିତରକୁ ମାଡ଼ି ଆସିଥିଲା । ଏହି ଭୂକମ୍ପ ଜାପାନର ବିପର୍ଯ୍ୟୟ ପ୍ରତିକ୍ରିୟା ବ୍ୟବସ୍ଥାକୁ ନୂଆ ରୂପ ଦେଇଥିଲା । ୨୩୫ ବିଲିୟନ ଡଲାରର କ୍ଷୟକ୍ଷତି ଘଟାଇ ଥିଲା ।

**୧୯୫୨ ନଭେମ୍ବର ୪ (ରୁଷ):** ଏହି ବର୍ଷ ରୁଷିଆର କାମଚଟ୍‌କା ପ୍ରାୟଦ୍ୱୀପରେ ୯.୦ ତୀବ୍ରତାର ଭୂକମ୍ପ ଆସିଥିଲା । ତେବେ ବହୁତ କମ୍ ଲୋକ ରହୁଥିବା ସେତେ କ୍ଷୟକ୍ଷତି ହୋଇ ନ ଥିଲା । ଏହା ପ୍ରଭାବରେ ୫୦ ଫୁଟର ସୁନାମୀ ଆସିଥିଲା । ଏହା ଚିଲି, ନ୍ୟୁଜିଲାଣ୍ଡ ଏବଂ ଜାପାନକୁ ପ୍ରଭାବିତ କରିଥିଲା ।

**୨୦୧୦ ଫେବୃଆରୀ ୨୭ (ଚିଲି):** ଏହି ଦିନ ଆସିଥିବା ୮.୮ ତୀବ୍ରତାର ଭୂକମ୍ପରେ ଚିଲିର ୮୦ ପ୍ରତିଶତ ଲୋକ ପ୍ରଭାବିତ ହୋଇଥିଲେ । ଏହି ଭୂକମ୍ପ ୫୨୩ ଜଣଙ୍କ ଜୀବନ ନେଇଥିଲା । ୩ ଲକ୍ଷ ୭୦ ହଜାର ଘରକୁ ଧ୍ୱଂସ କରିଦେଇଥିଲା । ଏଥିଯୋଗୁଁ ଆସିଥିବା ସୁନାମୀ ଦ୍ୱାରା ରାଜଧାନୀ ୨୮ ସେମି ପଛକୁ ପଳାଇ ଥିଲା ବୋଲି ଗବେଷକମାନେ କହିଥିଲେ ।

**୧୯୦୬ ଜାନୁଆରୀ ୩୧ (ଇକ୍ୱେଡର):** ଏହି ଦିନ ଆସିଥିବା ୮.୮ ତୀବ୍ରତାର ଭୂକମ୍ପକକୁ ଇକ୍ୱେଡର-କଲମ୍ବିଆ ଆର୍ଥକ୍ୱେକ କୁହାଯାଏ । ଏହା ପ୍ରଭାବରେ ସୃଷ୍ଟି ହୋଇଥିବା ସୁନାମୀ ଯୋଗୁଁ ୧୫୦୦ ଜଣଙ୍କ ଜୀବନ ଯାଇଥିଲା । ଏହା ଆମେରିକାର ସାନ୍ ଫ୍ରାନ୍‌ସିସ୍‌କକୁ ବ୍ୟାପି ଯାଇଥିଲା ।

## ଭାରତୀୟ ମହାସାଗରରେ ସବୁଠୁ ଭୟଙ୍କର ଭୂକମ୍ପ ଓ ସୁନାମୀ

ଡିସେମ୍ବର ୨୬, ୨୦୦୪୫ । ଏହି ଦିନ ବିଶ୍ୱର ସବୁଠାରୁ ଭୟଙ୍କର ଭୂମିକମ୍ପ ଏବଂ ସୁନାମୀର ତାଣ୍ଡବ ଭାରତ ସମେତ ୧୩ଟି ଦେଶରେ ଦେଖିବାକୁ ମିଳିଥିଲା । ଭାରତ ସମେତ ଇଣ୍ଡୋନେସିଆ, ଶ୍ରୀଲଙ୍କା ଓ ଥାଇଲାଣ୍ଡ ସବୁଠାରୁ ବେଶୀ ପ୍ରଭାବିତ ହୋଇଥିଲା । ସେହିପରି ମଳଦୀପ, ମ୍ୟାନମାର, ମାଲେସିଆ, ସୋମାଲିଆ, ସିଚେଲେସ୍, ବାଂଲାଦେଶ, ସିଙ୍ଗାପୁରୁ, କେନିଆ, ତାଞ୍ଜାନିଆ ଓ ମାଡାଗାସ୍କର ଭଳି ଦେଶ ମଧ୍ୟ ଏଥିରେ ପ୍ରଭାବିତ ହୋଇଥିଲା । ଇଣ୍ଡୋନେସିଆ ଓ ସୁମାତ୍ରା ଉପକୂଳରେ ଏକ ବଡ଼ଧରଣର ଭୂକମ୍ପ (୯.୧ ତ୍ରୀବ୍ରତା) ଆସିବା ଫଳରେ ସାରା ଭାରତୀୟ ମହାସାଗରରେ ଏହି ଭୟଙ୍କର ସୁନାମୀ ସୃଷ୍ଟି ହୋଇଥିଲା । ୮୦୦ ମାଇଲ ଲମ୍ବର ସୁନାମୀ ପ୍ରାୟ ସବୁ ଦିଗକୁ ପରିବ୍ୟାପ୍ତ ହୋଇଥିଲା । ଏହା ଦ୍ୱାରା ଅସମ୍ଭବ ଭାବେ କ୍ଷୟକ୍ଷତି ହୋଇଥିଲା । ଏହା ଦ୍ୱାରା ଦୁଇ ଲକ୍ଷ ୨୭ ହଜାର ଲୋକ ମୃତ୍ୟୁବରଣ କରିଥିଲେ ଏବଂ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକ ବାସସ୍ଥାନ ହରାଇଥିଲେ ।

### ପ୍ରଭାବିତ ଦେଶ

**ଇଣ୍ଡୋନେସିଆ:** ଏହି ଦେଶର ଆସେହ ରାଜ୍ୟ ସବୁଠାରୁ କ୍ଷତିଗ୍ରସ୍ତ ହୋଇଥିଲା ଓ ଏଠାରେ ସର୍ବାଧିକ ସର୍ବାଧିକ ସଂଖ୍ୟ(୨ ଲକ୍ଷରୁ ଉର୍ଦ୍ଧ୍ୱ)ରେ ଲୋକ ମୃତାହତ ହୋଇଥିଲେ ।

**ଶ୍ରୀଲଙ୍କା:** ୧୦ ହଜାର ଲୋକ ପ୍ରାଣ ହରାଇଥିଲେ ଓ ଦେଶର ଭିତ୍ତିଭୂମି ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଥିଲା ।

**ଭାରତ:** ଭାରତର ଆଣ୍ଡାମାନ ନିକୋବର ଦୀପପୁଞ୍ଜ ଏବଂ ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ ଉପକୂଳ ଏହି ସୁନାମୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲା । ଭାରତରେ ୧୧ ହଜାର ଲୋକ ପ୍ରାଣ ହରାଇଥିବା ବେଳେ ୫ ହଜାରରୁ ଅଧିକ ଲୋକ ନିଖୋଜ ହୋଇତିଲେ ।

**ଥାଇଲାଣ୍ଡ:** ଉପକୂଳବର୍ତ୍ତୀ ଅଞ୍ଚଳ, ଖାସ୍ କରି ଦକ୍ଷିଣ ଥାଇଲାଣ୍ଡ ଏହାର ଅଧିକ ପ୍ରଭାବ ଥିଲା ଓ ବହୁ ସଂଖ୍ୟାରେ ଲୋକ ମୃତାହତ ହେବା ସହ ପ୍ରଭୁତ କ୍ଷୟକ୍ଷତି ଦେଖିବାକୁ ମିଳିଥିଲା ।

**ମାଳଦୀପ:** ମାଳଦୀପ ସମୁଦ୍ର ପତ୍ତନଠାରୁ ମାତ୍ର ଅଳ୍ପ କେତେ ଫୁଟ୍ ଉଚ୍ଚରେ ଅବସ୍ଥିତ । ତେଣୁ ଏଠାରେ ଶହଶହ ଲୋକ ମୃତ୍ୟୁବରଣ କରିଥିବା ବେଳେ ବହୁତ କ୍ଷୟକ୍ଷତି ମଧ୍ୟ ହୋଇଥିଲା ।

**ମିଆଁମାର:** ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରଭାବିତ ହୋଇଥିଲା ।

**ମାଲେସିଆ:** ଉପକୂଳବର୍ତ୍ତୀ ଅଞ୍ଚଳରେ ସୁନାମୀର ପ୍ରଭାବ ଦେଖିବାକୁ ମିଳିଥିଲା ।

**ସୋମାଲିଆ:** ଆଫ୍ରିକାର ଏହି ପୂର୍ବ ଉପକୂଳବର୍ତ୍ତୀ ଦେଶ ମଧ୍ୟ ଏହି ସୁନାମୀ ଦ୍ୱାରା ପ୍ରଭାବିତ ହୋଇଥିଲା ।

**ସେଚେଲେସ:** ଏହି ଦୀପରେ ସୁନାମୀର ହାଲକା ପ୍ରଭାବ ଦେଖିବାକୁ ମିଳିଥିଲା ।

**ବାଂଲାଦେଶ:** ବାଂଲାଦେଶର ଉପକୂଳବର୍ତ୍ତୀ ଅଞ୍ଚଳ ମଧ୍ୟ ପ୍ରଭାବିତ ହୋଇଥିଲା ।

**ସିଙ୍ଗାପୁର:** ଏହି ଦୀପଦେଶରେ ସୁନାମୀ କାରଣରୁ ଆଂଶିକ କ୍ଷତି ଦେଖିବାକୁ ମିଳିଥିଲା ।

**କେନିଆ:** ଏହି ପୂର୍ବ ଆଫ୍ରିକୀୟ ଦେଶ ମଧ୍ୟ ଏହି ସୁନାମୀ ଦ୍ୱାରା ପ୍ରଭାବିତ ହୋଇଥିଲା ।

**ତାଞ୍ଜାନିଆ:** ପୂର୍ବ ଆଫ୍ରିକୀୟ ଦେଶ ତାଞ୍ଜାନିଆରେ ମଧ୍ୟ ସାମାନ୍ୟ କ୍ଷୟକ୍ଷତି ଦେଖିବାକୁ ମିଳିଥିଲା ।

**ମାଡାଗାସ୍କାର:** ଆଫ୍ରିକା ମହାଦେଶର ପୂର୍ବ ଉପକୂଳରେ ଅବସ୍ଥିତ ଏହି ଦେଶରେ ସୁନାମୀର ହାଲକା ପ୍ରବାବ ଦେଖିବାକୁ ମିଳିଥିଲା ।

### କାଗଜକଲମରେ ମାଇକ୍ରୋ ଜୋନ୍ ସର୍ଭେ

## ଓଡ଼ିଶା ପାଇଁ ବଢୁଛି ବିପଦ

ଭୁବନେଶ୍ୱର,୩୦।୭ (ପ୍ରଦୀପ ଭାରତୀ):

ଋଷରେ କାମଚଟ୍‌କା ଉପଦ୍ୱୀପରେ ଶକ୍ତିଶାଳୀ ଭୂକମ୍ପ ପରେ ଜାପାନ ଓ ଋଷରେ ଜାରି ହୋଇଛି ସୁନାମୀ ଆଲର୍ଟ । ଏହି ଦୁଇ ଦେଶ ସମେତ ପ୍ରଶାନ୍ତ ମହାସାଗର କୂଳରେ ଥିବା ଅନ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ଭୟଭୀତ ଅବସ୍ଥାରେ ରହିଛନ୍ତି । ନିୟମିତ ବ୍ୟବଧାନରେ ବିଶ୍ୱର ବିଭିନ୍ନ ରାଷ୍ଟ୍ର ଭୂକମ୍ପ ଓ ସୁନାମୀ ଦ୍ୱାରା ଗୁରୁତର କ୍ଷତିଗ୍ରସ୍ତ ହେଉଥିବା ବେଳେ ଓଡ଼ିଶାବାସୀଙ୍କ ମନରେ ଏବେ ଭୟ ବଢ଼ିବାରେ ଲାଗିଛି । ବଙ୍ଗୋପସାଗର କୂଳରେ ଥିବା ଓଡ଼ିଶାର ଏକାଧିକ ଜିଲ୍ଲା ଭୂକମ୍ପ ପ୍ରବଣ ବୋଲି ପୂର୍ବରୁ ରିପୋର୍ଟ ଆସିଛି । ନିକଟ ଅତୀତରେ ଓଡ଼ିଶା ବଡ଼ ଭୂକମ୍ପର ସମ୍ମୁଖୀନ ହୋଇନାହିଁ, ତଥାପି ଗଲା କିଛି ବର୍ଷ ହେବ ନିୟମିତ ଭାବେ ରାଜ୍ୟରେ ଭୂକମ୍ପ ଝଟ୍‌କା ଅନୁଭୂତ ହେଉଛି । ବେଳେ ବେଳେ ଭୂକମ୍ପର କେନ୍ଦ୍ରସ୍ଥଳ ବଙ୍ଗୋପସାଗର ରହୁଥିବାରୁ ସୁନାମୀ ଭଳି ଆଶଙ୍କା ମଧ୍ୟ ବହୁ ଗୁଣାରେ ବଢ଼ିଯାଉଛି । ଗତ ଫେବୃଆରୀ ବଙ୍ଗୋପସାଗର ମଧ୍ୟରେ ୫.୧ ତୀବ୍ରତା ବିଶିଷ୍ଟ ଏକ ଭୂକମ୍ପ ଅନୁଭୂତ ହୋଇଥିଲା । ଏଥିପାଇଁ ପୁରୀ, ଭୁବନେଶ୍ୱର, ପାରାଦୀପ, ଜଗତସିଂହପୁର, କେନ୍ଦ୍ରାପଡ଼ା, ବାରିପଦା, ବାଲେଶ୍ୱର ସମେତ ପଶ୍ଚିମବଙ୍ଗର ମଧ୍ୟ ଏକାଧିକ ସହରରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଥିଲା । ପୁରୀଠାରୁ ୨୮୬ କିଲୋମିଟର ପୂର୍ବ, ଭୁବନେଶ୍ୱରର ୨୯୭ କିମି ପୂର୍ବ-ଦକ୍ଷିଣ ପୂର୍ବରେ ଓ ବ୍ରହ୍ମପୁରର ପୂର୍ବରେ ୩୯୪ କିମି ଦୂରରେ ସମୁଦ୍ର ଭିତରେ ଭୂମିକମ୍ପର ଉତ୍ପତ୍ତି ସ୍ଥଳ ରହିଥିଲା । ବଙ୍ଗୋପସାଗରରେ ୯୧ କିମି ଗଭୀରତା ମଧ୍ୟରେ ଏହା ଅନୁଭୂତ ହୋଇଥିବା ବେଳେ ଯଦି ଗଭୀରତା କମ୍ ହୋଇଥାନ୍ତା, ତେବେ ନିଶ୍ଚିତ କ୍ଷୟକ୍ଷତି ଘଟାଇବାର ଆଶଙ୍କା ଥିଲା । ସମାନ ଭାବେ ୨୦୧୪ ମେ' ୨୧ ତାରିଖରେ କୋଣାର୍କଠାରୁ ୨୭୬ କିମି ଦୂରରେ ବଙ୍ଗୋପସାଗର ମଧ୍ୟରେ ୬.୧ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ଏହି ଭୂକମ୍ପର କେନ୍ଦ୍ରସ୍ଥଳ ମାତ୍ର ୪୭ କିମି ଗଭୀର ରହିଥିବାରୁ ସେତେବେଳ ରାଜ୍ୟର ବହୁ ସ୍ଥାନରେ ବଡ଼ ଧରଣର ଝଟ୍‌କା ଅନୁଭୂତ ହୋଇଥିଲା । ବଙ୍ଗୋପସାଗରରେ ୧୦ ବର୍ଷ ମଧ୍ୟରେ ୨ ଥର ଭୂକମ୍ପ ଅନୁଭୂତ ହୋଇଥିବାରୁ ଏହାକୁ ବିଶେଷଜ୍ଞମାନେ ସମାନ୍ୟ ବୋଲି ଗ୍ରହଣ କରୁ ନାହାନ୍ତି ।

୨୦୧୪ ଭୂକମ୍ପ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀ-କୋଣାର୍କ ପାଇଁ ଭୂତତ୍ତ୍ୱଭିତ୍ତିକ ମାଇକ୍ରୋ ଜୋନ୍ ସର୍ଭେ କରିବାକୁ ନିଷ୍ପତ୍ତି ନେଇଥିଲେ । ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାମ କେତେବାଟ ଆଗେଇଛି, ସେନେଇ କୌଣସି ସୂଚନା ନାହିଁ । ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଅଞ୍ଚଳରେ ହେବାକୁ ଥିବା ଏହି ମାଇକ୍ରୋଜୋନ୍ ସର୍ଭେ ପାଇଁ ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ (ଜିଏସଆଇ) ପକ୍ଷରୁ ସହଯୋଗ କରାଯିବାର ଥିଲା । ଏଥିରେ ପୁରୀ-କୋଣାର୍କରେ ମାଟି ତଳେ କେଉଁ ସ୍ଥାନରେ କେଉଁ ସ୍ଥିତି ଅଛି, କେଉଁଠାରେ ମାଟିତଳ ଦୁର୍ବଳ ଅବସ୍ଥାରେ ରହିଛି, ଫାଟ ରହିଛି ତାହା ଚିହ୍ନଟ ହୋଇଥାନ୍ତା । ମାତ୍ର ଏ ସବୁ କାଗଜ କଲମରେ ସୀମିତ ରହି ଯାଇଛି ।

ଅନ୍ୟପଟେ ପୁରୀ ନିକଟବର୍ତ୍ତୀ ବଙ୍ଗୋପସାଗରରେ ବହୁ ପ୍ରାଚୀନ ଦୁଇଟି ଫାଟ ରହିଛି । ବାରମ୍ବାର ଏଠାରେ ଭୂକମ୍ପ ସୃଷ୍ଟି ହେବା ଓ ଏହାର ତୀବ୍ରତା ବୃଦ୍ଧି ପାଉଥିବାରୁ ତୁରନ୍ତ ଏହା ଉପରେ ଗବେଷଣାର ଆବଶ୍ୟକତା ରହିଥିବା ନେଇ ଭୂତତ୍ତ୍ୱବିତମାନେ ଦାବି କରିଛନ୍ତି । ଭୂତତ୍ତ୍ୱବିତ ତଥା ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋରଞ୍ଜନ ମିଶ୍ର କହିଛନ୍ତି ଯେ, ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ ନୁହେଁ; ଉପକୂଳ ଅଞ୍ଚଳ ଗୁଡ଼ିକ ଅନ୍ୟ ଅଞ୍ଚଳ ଚାପ ଓ ପ୍ଲେଟ୍ ଗତି ଦ୍ୱାରା ପ୍ରଭାବିତ ହୋଇପାରେ । ସେଥିପାଇଁ ଅଗ୍ରୀମ ପ୍ରସ୍ତୁତି, ନୀତିଗତ ଉପାୟ, ଓ ସାଧାରଣ ଲୋକଙ୍କ ସଚେତନତା ଅତ୍ୟାବଶ୍ୟକତା ବଢ଼ିଯାଇଛି । ଏହାକୁ ଗୁରୁତର ସହ ନେବା ଉଚିତ ବୋଲି ପ୍ରଫେସର ମିଶ୍ର କହିଛନ୍ତି ।

# ଦଶହରାରେ 'ଚ୍ୟାଲେଞ୍ଜ'



ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ଚର୍ଚ୍ଚିତ ନାଁ ଅଭିନେତା ଅର୍ଦ୍ଧେନ୍ଦୁ ସାହୁ। ଅଭିନୟ ସହିତ ପ୍ରଯୋଜନା କ୍ଷେତ୍ରରେ ପାଦ ରଖି ଓଡ଼ିଆ ଚଳଚ୍ଚିତ୍ର ଜଗତର ଗରିମାକୁ ସେ ବଢ଼େଇବାରେ ସହାୟକ ହୋଇଛନ୍ତି। ପୂର୍ବରୁ 'ବ୍ଲାକମେଲ୍', 'ଅ ଆ ହର୍ଷଇ' ସହିତ 'ଭିଲେନ୍' ଭଳି ଆକ୍ସନ୍ ଚଳଚ୍ଚିତ୍ର ନିର୍ମାଣ କରି ଦର୍ଶକଙ୍କ ଖୁବ୍ ମନୋରଞ୍ଜନ କରିଛନ୍ତି। ଇତିମଧ୍ୟରେ ଅର୍ଦ୍ଧେନ୍ଦୁଙ୍କର ଆଗାମୀ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ର ଫାଷ୍ଟ ଲୁକ୍ ମୁକ୍ତିଲାଭ କରିଛି । ଚ୍ୟାଲେଞ୍ଜ ଚଳଚ୍ଚିତ୍ରରେ ଆକ୍ସନ ସହିତ ଫ୍ୟାମିଲି ଡ୍ରାମା ମଧ୍ୟ ଭରି ରହିଛି। ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର୍‌ରେ ଏହା ହେଉଛି ଷଷ୍ଠ ଅବଦାନ। ସବୁବେଳେ କିଛି ନୂଆ କରିବା ପାଇଁ ଚେଷ୍ଟା କରଥାନ୍ତି ଅର୍ଦ୍ଧେନ୍ଦୁ। ଏଥିରେ ପୁନିତ ଇସାର ଓରଫ୍ ଦୁର୍ଯ୍ୟୋଧନଙ୍କୁ ଏକ ବଳିଷ୍ଠ ଚରିତ୍ରରେ ଦେଖିବାକୁ ମିଳିବ । ଚୁଲବୁଲି ନାୟିକା ଏଲିନା ସାମନ୍ତରାୟଙ୍କୁ ଦର୍ଶକେ ଚ୍ୟାଲଞ୍ଜରେ ଦେଖିବାକୁ ପାଇବେ। ନୂଆ କଥା ମ୍ୟୁଜିକ୍ ଭିଡିଓ ଜାଇଫୁଲର ସଫଳ ଯୋଡ଼ି ଲିପି ଓ ପୁପିନ୍ଦର ସିଂହଙ୍କୁ ଏକ ବିଶେଷ ଭୂମିକାରେ ଦେଖିବାକୁ ମିଳିବ। ଯୁବ ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ନେଇଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ୍ ନାୟକ। ଏହି ଚଳଚ୍ଚିତ୍ରଟି ଆସନ୍ତା ଦଶହରାରେ ସାରା ଓଡ଼ିଶାରେ ପ୍ରକାଶ ଫିଲ୍ମସ ଡିଷ୍ଟ୍ରିବ୍ୟୁସନ୍ ବ୍ୟାନରରେ ମୁକ୍ତିଲାଭ କରିବ। ■



# ଭୂତ ପାଇଁ ଗୀତ

ଫିଲ୍ମ 'ରକ୍ତ ଗୋଲାପ' ହେଉ କି 'ରଜନୀଗନ୍ଧା' ଏଥିରେ ସ୍ଥାନିତ ହୋଇଥିବା ଭୂତ ଗୀତ ଦର୍ଶକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିଥିଲା। ଦୀର୍ଘ ଦିନ ପରେ ପୁଣି ସେମିତି ଏକ ଗୀତ ଦେଖିବାକୁ ମିଳିବ 'ମିଡ୍ ନାଇଟ୍' ଚଳଚ୍ଚିତ୍ରରେ। ୩.୫ ମିନିଟ୍ ଅବଧି ବିଶିଷ୍ଟ ଏହି ଗୀତଟି ଅଭିନେତା ମନୁ ଦ୍ୱିବେଦୀ, ଅଭିନେତ୍ରୀ ପ୍ରିୟଙ୍କା ପାଣିଗ୍ରାହୀ, ଡାଏନା, ପ୍ରିୟା ଓ ଆଲିୟାଙ୍କ ଉପରେ ଦୃଶ୍ୟାୟିତ ହୋଇଛି। 'ମାୟାବିନୀ ଏ ଅନ୍ଧାର ରାତି...' ଶୀର୍ଷକ ଏହି ଗୀତଟିକୁ ରଚନା କରିଛନ୍ତି ଡ. ନିର୍ମଳ ନାୟକ। ଏଥିରେ କଣ୍ଠଦାନ କରିଛନ୍ତି ଲୋକପ୍ରିୟ ଗାୟିକା ଅସୀମା ପଣ୍ଡା। ଗୀତର ପୃଷ୍ଠଭୂମି ଯେପରି ଭୟାନକ, ସ୍ୱର ସଂଯୋଜନା ବି ସେପରି ଲୋମହର୍ଷଣକାରୀ। ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ ଏଥିରେ ଏପରି ଏକ ସିଗ୍‌ନେଚର୍ ଗୀଟାର ପିସ୍ ବ୍ୟବହାର କରିଛନ୍ତି, ଯାହା ଦର୍ଶକଙ୍କ ମନକୁ ବାରମ୍ବାର ଆନ୍ଦୋଳିତ କରିବ। ରୋଚକ କଥାଟି ହେଉଛି, ଗୋଟିଏ ଅଶରୀରୀ ଆତ୍ମା ଏହି ଗୀତ ଜରିଆରେ ନିଜର ହତ୍ୟା ସମ୍ପର୍କରେ ସୂଚନା ଦେବାକୁ ଚାହୁଁଛି। 'ମନୁ ଦ୍ୱିବେଦୀ ଫିଲ୍ମସ୍' ନିବେଦିତ ହରର ସିନେମା 'ମିଡ୍ ନାଇଟ୍'ର ନିର୍ଦ୍ଦେଶନାରେ ଅଛନ୍ତି ନିଜେ ମନୁ ଦ୍ୱିବେଦୀ। କେବଳ ସେତିକି ନୁହେଁ, ସେ ଏଥିରେ ନାୟକ ଭୂମିକାରେ ମଧ୍ୟ ଅବତୀର୍ଣ୍ଣ ହୋଇଛନ୍ତି। ଅନୁପ ଦ୍ୱିବେଦୀ କାହାଣୀ ରଚନା କରିଥିବା ବେଳେ ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ଡ.ରଜନୀ ରଞ୍ଜନ । ସହକାରୀ ନିର୍ଦ୍ଦେଶନାରେ ଅଛନ୍ତି ସୁରେଶ ଦାଶ। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ବବି ଇସଲାମ। ମନୁଙ୍କ ବ୍ୟତୀତ ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଅକ୍ଷୟ ବସ୍ତିଆ, ବିରେନ ମିଶ୍ର, ଡାଏନା, ଆଲିଆ, ପ୍ରିୟା, ସସ୍ମିତା ଓ ସୁଧାଂଶୁବାଳା ଅନ୍ୟାନ୍ୟ ଭୂମିକାରେ ଅଭିନୟ କରିଛନ୍ତି। 'ମିଡ୍ ନାଇଟ୍' ଶୀଘ୍ର ପ୍ରେକ୍ଷାଳୟକୁ ଆସିବ। ■



## ଅପରାଧ ଓ ରହସ୍ୟଭରା କାହାଣୀ

# 'ଡେଲିଭରି ବୟ-୨'

ଓଡ଼ିଆ ଫିଲ୍ମ ଜଗତରେ 'ଡେଲିଭରି ବୟ'ର ସଫଳତା ପରେ ଆଉ ଏକ ଅନନ୍ୟ ରୋମାଞ୍ଚକ କାହାଣୀ ନେଇ ଆସୁଛି 'ଡେଲିଭରି ବୟ ୨'। ଏହା ହେଉଛି ଏକ ଥ୍ରିଲର ଫିଲ୍ମ, ଯାହା ଅନ୍ୟାୟ, ମିଡିଆ ହେରଫେର୍ ଓ ଗଭୀର ରହସ୍ୟ ସହ ଦର୍ଶକଙ୍କ ମନ ଜିତିବା ଆଶା କରାଯାଉଛି। ପାର୍ଥ ଜଣେ ଡେଲିଭରି ବୟ, ଯିଏ ନିଜର ଜୀବିକା ପାଇଁ କାମ କରନ୍ତି। ତାଙ୍କ ବାପା ଜଣେ ପୋଲିସ କନଷ୍ଟେବଲ। ପାର୍ଥଙ୍କ ପ୍ରେମିକା ଏକ ନ୍ୟୁଜ୍ ଚ୍ୟାନେଲରେ ରିପୋର୍ଟର ଭାବେ ଯୋଗ ଦେଇଛନ୍ତି, କିନ୍ତୁ ତାଙ୍କ ଉପରେ ଭାଇରାଲ୍ ନ୍ୟୁଜ ଦେବା ପାଇଁ ଅଧିକାରୀଙ୍କ ଚାପ ଥାଏ। ଏକ ଦୁଷ୍ଟ ଓ ମୂର୍ଖ ରିପୋର୍ଟର ତାଙ୍କ ସହଯୋଗୀ ଭ୍ରମାତ୍ମକ ଖବର ଦେଇ ଲୋକପ୍ରିୟତା ହାସଲ କରେ । ଏପଟେ ପାର୍ଥଙ୍କ ଏକ ଡେଲିଭରି ସ୍ଥାନରେ ହତ୍ୟା ଘଟେ। ସମାନ ଦୁଇଟି ଅନ୍ୟ ହତ୍ୟା ପରେ ଏକ ସ୍ପେସିଆଲ୍ ଅଫିସର ଏହି ସିରିଏଲ୍ କିଲିଂର ତଦନ୍ତ ଆରମ୍ଭ କରନ୍ତି। ପାର୍ଥଙ୍କ ପରିବାର ଓ ଘଟଣାସ୍ଥଳ ସହିତ ତାଙ୍କ ସଂଯୋଗ ଦେଖି ସନ୍ଦେହ ଉଠେ। ପ୍ରକୃତ ହତ୍ୟାକାରୀ କି ଧରାପଡ଼ିବେ ତ ? ତେବେ କାହାଣୀର ଆରମ୍ଭ ହୁଏ ଏହିଠାରୁ। ଅଶ୍ୱିନୀ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ପ୍ରଯୋଜକ ଓ କାହାଣୀ ଲେଖିଛନ୍ତି ଜେଆରଏମ୍ । ମୁଖ୍ୟ ଭୂମିକାରେ ଅଛନ୍ତି ଅର୍ଚ୍ଚିତା, ଶୈଳେନ୍ଦ୍ର ସାମନ୍ତରାୟ, ବୁଦ୍ଧାଦିତ୍ୟ ମହାନ୍ତି, ପ୍ରିୟମ୍ବଦା, ଶ୍ରୀତମ ଦାସ, ଭୂପିନ୍ଦର। ବିଶେଷ ଭୂମିକାରେ ରହିଛନ୍ତି ଭୂମିକା ଓ ସନ୍ତୁ। ଏହାର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ । ଡ. ନିର୍ମଳ ନାୟକ ଓ ଅରୁଣ ମନ୍ତ୍ରୀଙ୍କ ଗୀତଗୁଡ଼ିକକୁ ସଙ୍ଗୀତରେ ସଜାଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ ଓ କଣ୍ଠ ଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଅନନ୍ୟା ଶ୍ରୀତମ ନନ୍ଦ, ଅନ୍ତରା ଓ ମଣ୍ଟୁ ଛୁରିଆ । ନୂଆ ଓ ଭିନ୍ନ କାହାଣୀ ସହିତ ଦର୍ଶକଙ୍କୁ ବାନ୍ଧି ରଖିବାରେ ଏହା ସଫଳ ହେବ। ■

ଆଲୋ ଓ ଛାଇ



# "ମଞ୍ଚ ହେଉ କି ଧାରାବାହିକ, ଅଭିନୟ ଜୀବନ୍ତ ହେବା ଦରକାର"

## ଅମୁ, ଅଭିନେତା

**ଗାଁ'ର ଯାତ୍ରାରେ ସେ ଶିଶୁ କଳାକାର ଭାବେ ଅଭିନୟ କରୁଥିଲେ। ଅଭିନେତା ହେବା ସ୍ୱପ୍ନ ପୂରା କରିବାକୁ ସେ ସଙ୍ଗୀତ ମହାବିଦ୍ୟାଳୟରେ ନାଟକରେ ସ୍ନାତକ ପଢ଼ିଲେ। ରାଜ୍ୟ ତଥା ରାଜ୍ୟ ବାହାରେ ସେ ବିଭିନ୍ନ ନାଟକରେ ଅଭିନୟ କରିଛନ୍ତି। ୨୦୨୩ ମସିହାରେ ଅଧ୍ୟୟନ ଶେଷ କରିବା ପରେ ଧାରାବାହିକରେ ଅଭିନୟ କରିବାକୁ ଆଗ୍ରହ ପ୍ରକାଶ କଲେ। ଅବଶ୍ୟ ଏଥିପାଇଁ ତାଙ୍କୁ ଅନେକ ସଂଘର୍ଷର ସାମ୍ନା କରିବାକୁ ପଡ଼ିଛି। ସଂଘର୍ଷକୁ ସଫଳତାରେ ପରିଣତ କରିଥିବା ଉଦୀୟମାନ ଅଭିନେତା ଜଣକ ହେଉଛନ୍ତି, ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଜଳେଶ୍ୱରର ରବୀନ୍ଦ୍ର ସାହୁ। ତେବେ 'ଅମୁ' ଭାବେ ଜଣାଶୁଣା। 'ସୁନୟନା' ତାଙ୍କର ପ୍ରଥମ ଧାରାବାହିକ। ସେ ଏବେ 'ସାଥି ସାତ ଜନ୍ମ'ରେ 'ବିକି' ଚରିତ୍ରରେ ଅଭିନୟ କରୁଛନ୍ତି। ସେ ଓଡ଼ିଆ ସିନେମାରେ ଭଏସ୍ ଡବିଂ ମଧ୍ୟ କରନ୍ତି। ତେବେ ନିଜର ଚମତ୍କାର ଅଭିନୟରେ ଦର୍ଶକଙ୍କ ମନ ଜିଣୁଥିବା ରବୀନ୍ଦ୍ରଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ।**

**ଅଭିନେତା ହେବାକୁ କାହିଁକି ମନ ବଳାଇଲେ?**

● ପିଲାଦିନୁ ଅଭିନୟ ପ୍ରତି ଦୁର୍ବଳତା ରହିଥିଲା। ଗାଁ'ର ଯାତ୍ରାରେ ଶିଶୁ କଳାକାର ଭାବେ ଅଭିନୟ କରୁଥିଲି। ଇଚ୍ଛା ଥିଲା ବଡ଼ ହେଲେ ଜଣେ ଅଭିନେତା ହେବି। ମୋ ମା' ମଧ ଅଭିନେତା ହେବାକୁ ସାହସ ଓ ପ୍ରେରଣା ଦେଇଥିଲେ। ହେଲେ ବାପା ପ୍ରଥମେ ପ୍ରଥମେ ଏଥିରେ ଖୁସି ନ ଥିଲେ। ତେବେ ପରବର୍ତ୍ତୀ ସମୟରେ ସେ ମୋ' କାମକୁ ସ୍ୱୀକୃତି ଦେଇଥିଲେ। ସ୍ୱର୍ଗତ ଅଜିତ ସାର୍‌ଙ୍କ 'ଅଜିତ୍ ନାଟ୍ୟ ସଂସ୍ଥା'ରୁ ମୁଁ ତାଲିମ ନେଇଛି। ସଙ୍ଗୀତ ମହାବିଦ୍ୟାଳୟରେ ନାଟକ ବିଭାଗରେ ସ୍ନାତକ ପଢ଼ା ସହିତ ଏକାଧିକ ନାଟକ କରିବାକୁ ସୁଯୋଗ ମିଳିଛି। ତନ୍ମଧ୍ୟରୁ 'ଏନ୍‌ଏଚ୍-୩୧୬', 'ନିଧି ବାବୁ ଘରେ ଅଛ'କୁ ଦର୍ଶକ ଅଧିକ ଭଲପାଇବା ଦେଇଥିଲେ। ତେବେ ଧାରାବାହିକରେ କାମ କରିବାକୁ ମୁଁ ଅନେକ ଲୋକଙ୍କୁ ଭେଟିଛି। 'ସୁନୟନା' ମୋର ପ୍ରଥମ ଧାରାବାହିକ। ପରେ 'ତୁ ଖରା ମୁଁ ଛାଇ' ଧାରାବାହିକରେ ସ୍ୱଳ୍ପ ସମୟ ପାଇଁ ଅଭିନୟ କରିଛି। ହେଲେ 'ସାଥି ସାତ ଜନ୍ମର'ରେ ମିଳିଥିବା ଚରିତ୍ରଟି ମୋତେ ଅଧିକ ଖୁସି ଦେଇପାରିଛି।

**କ୍ୟାମେରା ସାମ୍ନାରେ ପ୍ରଥମେ ଭୟ କରିଥିଲେ?**

● ପ୍ରଥମତଃ ମଞ୍ଚ ନାଟକରେ ସାମ୍ନାରେ ଶହ ଶହ ଦର୍ଶକ ଥାଆନ୍ତି। ଭୁଲ୍ କହିଲେ ବି ଠିକ୍ କରି ନେବାକୁ ହୁଏ। ଗୋଟିଏ ଥରରେ ଅଭିନୟ ସାରିବାକୁ ହୋଇଥାଏ। ହେଲେ ଧାରାବାହିକ ଏମିତି ଏକ ପ୍ଲାଟଫର୍ମ ଯେଉଁଠି ପ୍ରଥମେ ସଂଳାପର ସାରମର୍ମକୁ ବୁଝିବାକୁ ହୁଏ। ଗୋଟିଏ ସଂଳାପକୁ ଏକାଧିକ ଥର ଅଭ୍ୟାସ କରିବାକୁ ହୁଏ। କେମିତି ସଂଳାପ ଉଚ୍ଚାରଣ କରିବେ, କେମିତି ଅଭିନୟ କରିବେ ତାହା ନିର୍ଦ୍ଦେଶକ ବୁଝାଇ ଦିଅନ୍ତି। ଏହା ପରେ ଫାଇନାଲ ଅଭିନୟ କରାଯାଏ। ତେଣୁ କ୍ୟାମେରା ସାମ୍ନାରେ ଭୟ କରି ନ ଥିଲି। ତେବେ ମଞ୍ଚ ହେଉ କି ଧାରାବାହିକ ଅଭିନୟ ସର୍ବଦା ଜୀବନ୍ତ ହେବା ଦରକାର।

**'ସାଥି ସାତ ଜନ୍ମର' ବିକି ଚରିତ୍ର ସଂପର୍କରେ କିଛି କୁହନ୍ତୁ?**

● ବିକି ହେଉଛି ନାୟକର ସାନ ଭାଇ। ସେ ବହୁତ ବଦମାସ୍, ବାଲୁଙ୍ଗାମୀ କରେ। ଝିଅମାନଙ୍କୁ ବହୁତ ହଇରାଣ କରେ। ଏସବୁ ବିକିର ନିତିଦିନିଆ କାମ। ତେବେ ଏହି ଚରିତ୍ରଟିକୁ ବେଶ୍ ଭଲ ଭାବେ କରିବାକୁ ଆପ୍ରାଣ ଚେଷ୍ଟା କରୁଛି। ଦର୍ଶକ ଖୁବ୍ କମ୍ ସମୟରେ ବହୁତ ଭଲପାଇବା ଦେଇଛନ୍ତି।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

● ମୋ ମା'ଙ୍କୁ ସବୁ ଦେଇଥିଲି।

**ସଂଘର୍ଷରେ କେବେ ଥକି ପଡ଼ିଛନ୍ତି କି?**

● ଜଣେ ଅଭିନେତାଟିଏ ହେବା ପାଇଁ ଅନେକ ସଂଘର୍ଷ କରିଛି। ଏବେ ବି ସଂଘର୍ଷ ଜାରି ରହିଛି। ଗୋଟିଏ କଥା କହିବି ସଂଘର୍ଷ ହିଁ ମଜାଦିଏ। ସଂଘର୍ଷରେ ହାର ମାନିଲେ ଅଭିନେତା ହେବା ଇଚ୍ଛା ଆଉ ଆସକ୍ତି ମରିଯାଏ। କାମ ପାଇବା ପାଇଁ ସଂଘର୍ଷ କରୁଛି, ସଂଘର୍ଷ ସବୁବେଳେ ଜାରି ରହିବ।

**ଧାରାବାହିକ ସହିତ ନାଟକରେ ଅଭିନୟ କରିବାରେ କେମିତି ସମନ୍ୱୟ ରଖନ୍ତି?**

● ନାଟକରୁ ମୋର ଅଭିନୟ କ୍ୟାରିଅର୍ ଆରମ୍ଭ କରିଛି। ତେଣୁ ଯେଉଁଥିରୁ ମୁଁ ତିଆରି ହୋଇଛି ତାକୁ କେବେ ଛାଡ଼ି ପାରିବିନି। ତେଣୁ ଏବେ ଧାରାବାହିକ ସହିତ ନାଟକ କରୁଛି। ଜୀବନ ଥିବା ଯାଏଁ ଦୁଇଟିକୁ ନେଇ ଆଗକୁ ଚାଲିବି। ଅନେକ ଫିଲ୍ମ ପାଇଁ ଭଏସ୍ ଦେଉଥିଲି।

**କଳାକାରଟିଏ ହେବାକୁ କ'ଣ ଦରକାର ?**

● ପ୍ରଥମେ ସୁସ୍ଥ ମନ ଓ ସୁସ୍ଥ ଶରୀର ଆବଶ୍ୟକ। ତେଣୁ ସୁସ୍ଥ ରହିବା ସହିତ ଅଭିନୟ କରିବାକୁ ଆସୁଥିବା ପିଲା ଦୈନିକ ସଂଳାପ କହିବା ଅଭ୍ୟାସ କରିପାରିବେ। ରସ ମାଧ୍ୟମରେ ଗୋଟିଏ ସଂଳାପକୁ ୮ ରୁ ୯ ଥର କହିବା ଦ୍ୱାରା ଅଭିନୟ ଭଲ ହୋଇଥାଏ। ତେଣୁ ସବୁରି ଉର୍ଦ୍ଧ୍ୱରେ ଧୈର୍ଯ୍ୟ ରଖିବା ନିହାତି ଆବଶ୍ୟକ।

**ଦର୍ଶକଙ୍କୁ କ'ଣ କହିବେ?**

● ଦର୍ଶକ ହେଉଛନ୍ତି ଭଗବାନ। ସେମାନେ ଖୁସିରେ ରହିଲେ ଆମକୁ ଖୁସି ଦେବେ । ଦର୍ଶକଙ୍କୁ କେବଳ ଏତିକି କହିବି ସେମାନଙ୍କର ଭଲପାଇବା ଏମିତି ଦେଉଥାନ୍ତୁ, ମୁଁ ଆଗକୁ ଆଗକୁ ବଢୁଥାଏ। ■

ପରଦା ପଛର କାହାଣୀ

# ଗୋଟିଏ ଟେକ୍‌ରେ ସୁପରହିଟ୍ ଗୀତ ସୁଟିଂ

ଚଳଚ୍ଚିତ୍ରର ଗୋଟିଏ ଗୀତକୁ ସୁଟିଂ କରିବା ପାଇଁ ଦୀର୍ଘ ସମୟ ଲାଗିଥାଏ। ବାରମ୍ବାର ଟେକ୍ ନେବାକୁ ପଡ଼ିଥାଏ। ତେବେ ଏଭଳି ଏକ ସୁପରହିଟ୍ ଗୀତ ରହିଛି, ଯାହା ମାତ୍ର ଗୋଟିଏ ଟେକ୍‌ରେ ସୁଟିଂ କରାଯାଇଥିଲା। ୧୯୬୯ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ଆରଧନା'। ଶର୍ମିଳା ଟାଗୋର ଏବଂ ରାଜେଶ ଖାନ୍ନା ଅଭିନୀତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ରେକର୍ଡ କରିଥିଲା। ଫିଲ୍ମରେ ଉଭୟଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଫିଲ୍ମରେ ମୋଟ ସାତୋଟି ଗୀତ ରହିଛି। ତେବେ ରୋମାଣ୍ଟିକ୍ ଗୀତ 'ରୂପ୍ ତେରା ମସ୍ତାନା, ପ୍ୟାର୍ ମେରା ଦିୱାନା...' ଗୀତ ମାତ୍ର ଗୋଟିଏ ଟେକ୍‌ରେ ସୁଟିଂ କରାଯାଇଥିଲା। ଏହି ଗୀତରେ କିଶୋର କୁମାର କଣ୍ଠଦାନ କରିଥିଲେ। ଶକ୍ତି ସାମନ୍ତଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସିନେମା ହଲ୍‌ରେ ୧୦୦ ଦିନ ପର୍ଯ୍ୟନ୍ତ ଚାଲିଥିବା ପ୍ରଥମ ହିନ୍ଦୀ ଫିଲ୍ମ। ଏହାର ବଜେଟ୍ ୮୦ ଲକ୍ଷ ଟଙ୍କା ଥିଲା, ତେବେ ଏହା ବକ୍ସ ଅଫିସ୍‌ରେ ୧୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆୟ କରିଥିଲା। ବର୍ତ୍ତମାନ ସମୟରେ ଏହାର ମୂଲ୍ୟ ୯୦୦ କୋଟି। ହିନ୍ଦୀରେ ନିର୍ମିତ ଏହି ଫିଲ୍ମକୁ ପରବର୍ତ୍ତୀ ସମୟରେ ବଙ୍ଗଳାରେ ମଧ୍ୟ ଡବିଂ କରାଯାଇଥିଲା। ଏହାର ସଫଳତାକୁ ଦେଖି ପରେ ତାମିଲରେ 'ଶିବଗାମିନ୍ ସେଲବାନ' ଓ ତେଲୁଗୁରେ 'କନବାରୀ କଲାଲୁ' ନାମରେ ରିମେକ୍ କରାଯାଇଛି। ସେହିପରି ଏହି ଫିଲ୍ମ ଆଇଏମ୍‌ଡିବିରେ ୧୦ ରୁ ୭.୬ ରେଟିଂ ପାଇଥିଲା। 'ଆରଧନା'କୁ ୧୭ତମ ଫିଲ୍ମ ଫେୟାର୍ ଆୱାର୍ଡରେ 'ବେଷ୍ଟ ଫିଲ୍ମ ଆୱାର୍ଡ' ମିଳିଥିଲା। ସେହିପରି ଶର୍ମିଳାଙ୍କୁ 'ଶ୍ରେଷ୍ଠ ଅଭିନେତ୍ରୀ' ଭାବେ ପୁରସ୍କାର ମିଳିଥିଲା। ଫିଲ୍ମର କାହାଣୀ ବନ୍ଦନା ତ୍ରିପାଠୀଙ୍କ (ଶର୍ମିଳା ଟାଗୋର) ଉପରେ ଆଧାରିତ। ସେ ଜଣେ ଏୟାରଫୋର୍ସ ପାଇଲଟ୍ ଅରୁଣ ବର୍ମା (ରାଜେଶ ଖାନ୍ନା)ଙ୍କୁ ଭଲ ପାଉଥିଲେ। ତେବେ ଏକ ଦୁର୍ଘଟଣାରେ ଅରୁଣଙ୍କ ମୃତ୍ୟୁ ହୋଇଯାଏ। ତେଣୁ ସମାଜ ଭୟରେ ବନ୍ଦନା ନିଜ ଛୁଆକୁ ଅନାଥ ଆଶ୍ରମରେ ଛାଡ଼ି ଦିଅନ୍ତି। ଫିଲ୍ମରେ ବହୁ ଉତ୍ଥାନ ପତନ ଦେଖିବାକୁ ମିଳିଛି। ତେବେ ଏହାର ସୁପରହିଟ୍ ଗୀତ ଗୋଟିଏ ଟେକ୍‌ରେ ସୁଟିଂ ହେବାକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ■



## ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିବା ଲକ୍ଷ୍ୟରେ ଗିଲ୍

ଲଣ୍ଡନ, ୩୦।୭ (ଏଜେନ୍ସି): କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଥିବା ଭାରତୀୟ ଦଳର ଅଧିନାୟକ ଗିଲ୍ ଏହି ମ୍ୟାଚରେ ଆଉ ଏକ କୀର୍ତ୍ତିମାନ କରିବା ଲକ୍ଷ୍ୟରେ ରହିଛନ୍ତି। ନେତୃତ୍ୱ ପଦାର୍ପଣର ପ୍ରଥମ ଟେଷ୍ଟ ସିରିଜରେ ଗିଲ୍ ବର୍ତ୍ତମାନ ସୁଦ୍ଧା ୪ଟି ମ୍ୟାଚରେ



୭୨୨ ରନ କରିସାରିଛନ୍ତି। ଏହି ପାଳିରେ ସେ ୩ଟି ଶତକ ଓ ଗୋଟିଏ ଦ୍ୱିଶତକୀୟ ପାଳି ଖେଳିଛନ୍ତି। ଗିଲ୍ ଆଉ ୧୧ ରନ କଲେ ଭାରତୀୟ ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହକାରୀ ଖେଳାଳି ହେବେ। ୪୬ ବର୍ଷ ତଳେ ସୁନିଲ ଗାଭାସ୍କର ଅଧିନାୟକ ଭାବେ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜରେ ୭୩୨ ରନ କରିଥିଲେ। ସେହିଭଳି ଗିଲ୍ ଆଉ ୩୧ ରନ କଲେ ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍ ହେବେ। ଗ୍ରାହମ ଗୁଚ୍ ୧୯୯୦ରେ ଭାରତ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୭୫୨ ରନ କରିଥିଲେ। ସେହିଭଳି ଗିଲ୍ ଯଦି ଆଉ ୫୩ ରନ କରିବେ ତେବେ କୌଣସି ଦେଶ ବିପକ୍ଷରେ ଟେଷ୍ଟ ସିରିଜରେ ଭାରତୀୟ ଭାବେ ସର୍ବାଧିକ ରନ ସଂଗ୍ରହକାରୀ ଖେଳାଳି ହେବେ। ଗାଭାସ୍କାର ୧୯୭୧ରେ ୱେଷ୍ଟଇଣ୍ଡିଜ ବିପକ୍ଷ ୪ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୭୭୪ ରନ କରିଥିଲେ।

## ଭରତ ଅରୁଣ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସର ବୋଲିଂ ପ୍ରଶିକ୍ଷକ

ଲକ୍ଷ୍ନୌ, ୩୦।୭ (ଏଜେନ୍ସି): ଆଇପିଏଲ୍ ଆଗାମୀ ସିଜନ ଲାଗି ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଭରତ ଅରୁଣଙ୍କୁ ବୋଲିଂ ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି। ଭରତ ୨ ବର୍ଷ ପାଇଁ ଲକ୍ଷ୍ନୌ ଦଳ



ସହ କାର୍ଯ୍ୟ କରିବାକୁ ଚୁକ୍ତି କରିଥିବା ଜଣାପଡ଼ିଛି। ଫଳରେ ପୂର୍ବତନ ଭାରତୀୟ ବୋଲର ଜାହିର ଖାନଙ୍କ ସହ ମିଶି ଏବେ ଏକାଠି କାମ କରିବେ। ଜାହିର ପୂର୍ବରୁ ଲକ୍ଷ୍ନୌର ବୋଲିଂ ପରାମର୍ଶଦାତା ରହିଛନ୍ତି। ୬୨ ବର୍ଷୀୟ ଭରତ ପୂର୍ବରୁ ଭାରତୀୟ ସିନିଅର ଦଳର ବୋଲିଂ ପ୍ରଶିକ୍ଷକ ଭାବେ ବେଶ୍ ସଫଳତା ପାଇଥିଲେ। ତାଙ୍କ ସମୟରେ ଭାରତୀୟ ଦଳର ବୋଲିଂ ବେଶ୍ ଶୃଙ୍ଖଳିତ ହୋଇପାରିଥିଲା। ଏହାପରେ ସେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)ର ବୋଲିଂ ପ୍ରଶିକ୍ଷକ ଭାବେ ୨୦୨୨ରେ ଯୋଗଦେଇଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ କୋଲକାତା ୨୦୨୪ରେ ଆଇପିଏଲ୍ ଚାମ୍ପିଅନ ହୋଇପାରିଥିଲା। ସେ କୋଲକାତା ସହ ୪ ବର୍ଷ ଲାଗି ଚୁକ୍ତି କରିଥିଲେ ମଧ୍ୟ ଗୋଟିଏ ବର୍ଷ ପୂର୍ବରୁ ଲକ୍ଷ୍ନୌ ଫ୍ରାଞ୍ଚାଇଜରେ ଯୋଗଦେଇଛନ୍ତି। କିନ୍ତୁ ଗୋଟିଏ ବର୍ଷ ଆଗରୁ କୋଲକାତା ଛାଡ଼ିବା ନେଇ କେକେଆର୍, ଲକ୍ଷ୍ନୌ ଫ୍ରାଞ୍ଚାଇଜ କିମ୍ବା ଅରୁଣଙ୍କ ପକ୍ଷରୁ କୌଣସି ବିବୃତି ରଖାଯାଇନାହିଁ।

**ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି: ଆଜିଠୁ ନିର୍ଣ୍ଣାୟକ ୫ମ ଟେଷ୍ଟ**

# ସିରିଜ୍ ବଞ୍ଚାଇବା ଲକ୍ଷ୍ୟରେ ଗିଲ୍ ବାହିନୀ



ଲଣ୍ଡନ, ୩୦।୭ (ଏଜେନ୍ସି)

ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଚାଲିଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଅନ୍ତିମ ତଥା ୫ମ ଟେଷ୍ଟ ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହେବ। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଏହି ନିର୍ଣ୍ଣାୟକ ମ୍ୟାଚ୍ ଖେଳାଯିବ। ୨-୧ରେ ପଛୁଆ ରହିଥିବା ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ସିରିଜ ଡ୍ର' ରଖି ସମ୍ମାନର ସହ ଅଭିଯାନ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅପରପକ୍ଷରେ ଘରୋଇ ଇଂଲଣ୍ଡ ଦଳ ଅତିକମ୍‌ରେ ଏହି ମ୍ୟାଚ୍‌କୁ ଡ୍ର ରଖି ସିରିଜ ଜିତିବା ଲକ୍ଷ୍ୟରେ ରହିଛି। ତେଣୁ ଏହି ସିରିଜର ନିର୍ଣ୍ଣାୟକ ୫ମ ମୁକାବିଲା ବେଶ୍ ରୋମାଞ୍ଚକ ହେବାକୁ ଯାଉଛି। ପୂର୍ବରୁ ହେଡିଂଲୀରେ ଅନୁଷ୍ଠିତ ପ୍ରଥମ ଓ ଲର୍ଡ୍ସରେ ଖେଳାଯାଇଥିବା ୩ୟ ଟେଷ୍ଟକୁ ଯଥାକ୍ରମେ ୫ ୱିକେଟ୍ ଓ ୨୨ ରନରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଅପରପକ୍ଷରେ ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ ଏଜ୍‌ବାଷ୍ଟନରେ ଅନୁଷ୍ଠିତ ୨ୟ ଟେଷ୍ଟରେ ୩୩୬ ରନର ବୃହତ୍ ବ୍ୟବଧାନରେ ଇଂଲଣ୍ଡକୁ ମାତ୍ ଦେଇ ସ୍ମରଣୀୟ ବିଜୟ ଲାଭ କରିଥିଲା। ଓଲ୍ଡ ଟ୍ରାଫୋର୍ଡରେ ଖେଳାଯାଇଥିବା ୪ର୍ଥ ଟେଷ୍ଟ ଅମୀମାଂସିତ ରହିଥିଲା। ତେଣୁ ଏବେ ସମସ୍ତଙ୍କ ନଜର ୫ମ ଟେଷ୍ଟ ଉପରେ ରହିଛି।

ଲଣ୍ଡନରେ ଅବସ୍ଥିତ କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡ ସାଧାରଣତଃ ଦ୍ରୁତ ବୋଲରଙ୍କୁ ସୁହାଇଥାଏ। ଏହାକୁ ନଜରରେ ରଖି ଘରୋଇ ଇଂଲଣ୍ଡ ଦଳ ଏହାର ଚୂଡ଼ାନ୍ତ ଏକାଦଶରେ ୪ଜଣ ସ୍ପେଶାଲିଷ୍ଟ ଦ୍ରୁତ ବୋଲରଙ୍କୁ ନେଇଛି। ସେହିଭଳି ୪ର୍ଥ ଟେଷ୍ଟ ଖେଳିଥିବା ଏକମାତ୍ର ସ୍ପିନର ଲିଆମ ଡସନଙ୍କୁ ଏହି ଟେଷ୍ଟରୁ ବାଦ୍ ଦିଆଯାଇଛି। ଇଂଲଣ୍ଡ ଦଳର ଏହି ରଣନୀତିରୁ ଏହା ସ୍ପଷ୍ଟ ଯେ ସିରିଜର ପ୍ରଥମ ୪ଟି ମ୍ୟାଚ୍ ଅପେକ୍ଷା ପିଚ୍ ଏଠାରେ ଦ୍ରୁତ ବୋଲିଂକୁ ସୁହାଇବ। ଚଳିତ ସିଜନରେ ଏଠାରେ ଖେଳାଯାଇଥିବା ୫ଟି ପ୍ରଥମ ଶ୍ରେଣୀ ମ୍ୟାଚରେ ପତନ ଘଟିଥିବା ୧୫୦ ୱିକେଟ୍ ମଧ୍ୟରୁ ଦ୍ରୁତ ବୋଲର ୧୩୧ଟି ହାତେଇଥିଲେ। ତେଣୁ କେନିଙ୍ଗଟନ ଓଭାଲ ପିଚ୍ ଦ୍ରୁତ ବୋଲରଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି କହିଲେ ଏହା ଅତ୍ୟୁକ୍ତି ହେବ ନାହିଁ।

### ବୁମ୍‌ରାଙ୍କୁ ନେଇ ଦ୍ୱନ୍ଦ୍ୱ

ଭାରତ ପାଇଁ ଏହି ମ୍ୟାଚ୍ କର ବା ମର ସ୍ଥିତି ସୃଷ୍ଟି କରିଛି। ସିରିଜ ବଞ୍ଚାଇବାକୁ ହେଲେ ଗିଲ୍ ବାହିନୀକୁ ଏହି ମ୍ୟାଚ୍ ଜିତିବା ନିତ୍ୟାନ୍ତ ଜରୁରୀ ହୋଇପଡ଼ିଛି। ଭାରତ ଏଠାରେ ବିଜୟୀ ହେଲେ ସିରିଜ ୨-୨ରେ ଡ୍ର ରହିବ। ଯଦି ଡ୍ର ରୁହେ ତେବେ ଇଂଲଣ୍ଡ ୨-୧ରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ହାତେଇନେବ। ଏଭଳି ଏକ ଘଡ଼ସନ୍ଧି ମୁହୂର୍ତ୍ତରେ ଭାରତର ପ୍ରମୁଖ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ନେଇ ଦ୍ୱନ୍ଦ୍ୱ ପ୍ରକାଶ ପାଇଛି। ବୁମ୍‌ରା ଏହି ମ୍ୟାଚ୍ ଖେଳିବେ କି ନାହିଁ ତାହା ଟିମ୍ ମ୍ୟାନେଜମେଣ୍ଟ ଓ ଡାକ୍ତରଙ୍କ ଉପରେ ନିର୍ଭର କରେ। ଏହି ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜରେ ବୁମ୍‌ରା ପ୍ରଥମ, ୩ୟ ଓ ୪ର୍ଥ ମ୍ୟାଚ୍ ଖେଳିଛନ୍ତି। ତେଣୁ ତାଙ୍କୁ ୫ମ ଟେଷ୍ଟରୁ ବିଶ୍ରାମ ଦିଆଯିବ ବୋଲି ବିସିସିଆଇ ସୂତ୍ରରୁ ଜଣାପଡ଼ିଛି। ରିପୋର୍ଟ ମୁତାବକ, ବୁମ୍‌ରାଙ୍କ ପିଠି ଯନ୍ତ୍ରଣା ଓ ଦୀର୍ଘକାଳୀନ ସ୍ଥିତିକୁ ଧ୍ୟାନରେ ରଖି ଏହି ମ୍ୟାଚରେ ବୁମ୍‌ରାଙ୍କୁ ବିଶ୍ରାମ ଦେବାକୁ ବିସିସିଆଇ ମେଡିକାଲ ଟିମ୍ ପରାମର୍ଶ ଦେଇଛି। ଫଳରେ ଏହି ମ୍ୟାଚରେ ବୁମ୍‌ରାଙ୍କ ସ୍ଥାନରେ ଅର୍ଶଦୀପ୍ ସିଂହ, ଆକାଶଦୀପ୍ ସିଂ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ। ସେହିଭଳି ଆହତ ହୋଇ ବାଦ୍ ପଡ଼ିଥିବା ଋଷଭ ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲ ଏହି ମ୍ୟାଚ୍ ଖେଳିବା ନିଶ୍ଚିତ ହୋଇଛି।

**ଇଂଲଣ୍ଡ ଚୂଡ଼ାନ୍ତ ଏକାଦଶ**

ଜାକ୍ କ୍ରଲୀ, ବେନ୍ ଡକେଟ୍, ଓଲି ପୋପ୍ (ଅଧିନାୟକ), ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ଜାକବ ବେଥେଲ, ଜେମି ସ୍ମିଥ (ୱିକେଟ୍‌କିପର), କ୍ରିସ୍ ୱୋକ୍ସ, ଗସ୍ ଆଟକିନସନ, ଜେମି ଓଭରଟନ ଓ ଜୋଶ୍ ଟଙ୍ଗ୍।

**ସମ୍ଭାବ୍ୟ ଭାରତୀୟ ଦଳ**

ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ (ୱିକେଟକିପର), ଶାର୍ଦ୍ଦୁଳ ଠାକୁର, ଆକାଶଦୀପ୍, ପ୍ରସିଦ୍ଧ କ୍ରିଷ୍ଣା/ଅର୍ଶଦୀପ୍ ସିଂହ, ମହମ୍ମଦ ସିରାଜ

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୩ଟା ୩୦**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ**



### ଷ୍ଟୋକ୍ସ ବାଦ୍; ପୋପ୍‌ଙ୍କୁ ନେତୃତ୍ୱ

ଏହି ଗୁରୁତ୍ୱପୂର୍ଣ୍ଣ ୫ମ ଟେଷ୍ଟ ପୂର୍ବରୁ ଇଂଲଣ୍ଡକୁ ଶକ୍ତ ଧକ୍କା ଲାଗିଛି। ଦଳର ଅଧିନାୟକ ତଥା ଶ୍ରେଷ୍ଠ ଫର୍ମ ଦେଇ ଗତି କରୁଥିବା ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ଏହି ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ଚତୁର୍ଥ ଟେଷ୍ଟ ଖେଳୁଥିବାବେଳେ ସେ ଆଘାତ ପାଇଥିଲେ। ତେଣୁ ତାଙ୍କ ସ୍ଥାନରେ ଓଲି ପୋପ୍‌ଙ୍କୁ ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଘୋଷିତ ଏକାଦଶରେ ଇଂଲଣ୍ଡ ୪ଟି ପରିବର୍ତ୍ତନ କରିଛି। ଷ୍ଟୋକ୍ସଙ୍କ ସମେତ ଜୋଫ୍ରା ଆର୍ଚର, ବ୍ରାଏଡନ କ୍ରାସ ଓ ୪ର୍ଥ ଟେଷ୍ଟ ଖେଳିଥିବା ବାମହାତୀ ସ୍ପିନର ଲିଆମ ଡସନ୍ ଦଳରୁ ବାଦ୍ ପଡ଼ିଛନ୍ତି। ଏହି ଖେଳାଳିଙ୍କ ସ୍ଥାନରେ ୩ ଦ୍ରୁତ ବୋଲର ସରେର ଗସ୍ ଆଟକିନସନ, ଜେମି ଓଭରଟନ ଓ ନର୍ଥମ୍ପଟନଶାୟରର ଜୋଶ୍ ଟଙ୍ଗ୍। ସେହିଭଳି ସ୍ପିନ ଅଲ୍‌ରାଉଣ୍ଡର ଜାକବ ବେଥେଲଙ୍କୁ ମଧ୍ୟ ସୁଯୋଗ ମିଳିଛି।

## ହେନରୀଙ୍କୁ ୬ ୱିକେଟ୍; ଜିମ୍ବାୱେ ୧୪୯ରେ ସୀମିତ



ବୁଲାୱାୟୋ, ୩୦।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଜିମ୍ବାୱେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର୍ ମ୍ୟାଟ୍ ହେନରୀଙ୍କୁ ସାମ୍ନା କରି ନ ପାରି ଜିମ୍ବାୱେ ପ୍ରଥମ ପାଳିରେ ୬୦.୩ ଓଭର ଖେଳି ମାତ୍ର ୧୪୯ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଅଧିନାୟକ କ୍ରେଗ୍ ଏର୍ଭିନ ସର୍ବାଧିକ ୩୯, ୱିକେଟ୍‌ରକ୍ଷକ ତାଫାଦଜୱା ସିଗା ୩୦, ନିକ୍ ୱେଲ୍‌ଚ ୨୭, ବେନ କୁରାନ ୧୩ ରନ କରିଥିଲେ। ଅଭିଜ୍ଞ ଖେଳାଳି ସିନ୍ ୱିଲିୟମ୍ସ ୨ ଓ ବ୍ରାଏନ ବେନେଟ୍ଟ ୬ ରନ କରି ନିରାଶ କରିଥିଲେ। ହେନରୀ ସବୁଠୁ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ସେ ୩୯ ରନ ବ୍ୟୟରେ ୬ଟି ୱିକେଟ୍ ନେଇଥିଲେ। ନାଥନ ସ୍ମିଥ ୩ଟି ୱିକେଟ୍ ନେଇଥିବାବେଳେ ଭିନସେଣ୍ଟ ମାସେକେସା ରନ୍‌ଆଉଟ୍ ହୋଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ଶେଷ ଖବର ସୁଦ୍ଧା ୧୮ ଓଭରରେ କୌଣସି ୱିକେଟ୍ ନ ହରାଇ ୬୭ ରନ ସଂଗ୍ରହ କରିଛି। ୱିଲ ୟଙ୍ଗ ୨୯ ଓ ଡେଭନ କନୱେ ୩୯ ରନ କରି ଖେଳୁଛନ୍ତି।

## ଟି-୨୦ରେ ମହେଶଙ୍କ ଦ୍ରୁତତମ ୫ ୱିକେଟ୍

ତାଲିନ, ୩୦।୭ (ଏଜେନ୍ସି): ଫିନଲାଣ୍ଡର ବୋଲର ମହେଶ ଥାମ୍ବେ ଟି-୨୦ କ୍ରିକେଟ୍‌ରେ ଇତିହାସ ରଚିଛନ୍ତି। ସବୁଠୁ କମ୍ ବଲ୍ ବୋଲିଂ କରି ସେ ଟି-୨୦ରେ ୫ ୱିକେଟ୍ ସଫଳତା ପାଇଛନ୍ତି। ଘରୋଇ ଇସ୍ତୋନିଆ ବିପକ୍ଷରେ ଏଠାରେ ଅନୁଷ୍ଠିତ ଟି-୨୦ ମ୍ୟାଚରେ ଡାହାଣହାତୀ ଦ୍ରୁତ ବୋଲର ମହେଶ ପ୍ରଥମ ୮ଟି ବଲ୍ ମଧ୍ୟରେ ୫ଟି ୱିକେଟ୍ ନେଇଥିଲେ। ମହେଶ ତାଙ୍କ ସ୍ପେଲର ୩ୟ, ୪ର୍ଥ, ୬ଷ୍ଠ, ୭ମ ଓ ୮ମ ବଲ୍‌ରେ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ଟି-୨୦ରେ ସବୁଠୁ କମ୍ ବଲ୍ ବୋଲିଂ କରି ୫ ୱିକେଟ୍ ନେବାର ରେକର୍ଡ ବାହାରିନର ଜୁନେଦ ଅଜିଜ୍‌ଙ୍କ ନାମରେ ରହିଥିଲା। ଜୁନେଦ ୨୦୨୨ରେ ଜର୍ମାନୀ ବିପକ୍ଷରେ ମାତ୍ର ୧୦ଟି ବଲ୍ ମଧ୍ୟରେ ୫ ୱିକେଟ୍ ସଫଳତା ପାଇଥିଲେ। ସେହିଭଳି ଆଫଗାନିସ୍ତାନ ସ୍ପିନର ରଶିଦ ଖାନ ୨୦୧୭ରେ ଆୟର୍ଲାଣ୍ଡ ବିପକ୍ଷରେ ୧୧ ବଲ୍ ପକାଇ ୫ଟି ୱିକେଟ୍ ହାସଲ କରିଥିଲେ।

**● ୧୭ ବର୍ଷରୁ କମ୍ ବିଶ୍ୱ ରେସଲିଂ**

## ହର୍‌ଦୀପ୍ ବିଶ୍ୱ ଚାମ୍ପିଅନ




ଏଥେନ୍ସ, ୩୦।୭ (ଏଜେନ୍ସି): ଗ୍ରୀସରେ ଚାଲିଥିବା ୧୭ ବର୍ଷରୁ କମ୍ ବିଶ୍ୱ ରେସଲିଂ ଚାମ୍ପିଅନସିପ୍‌ରେ ଭାରତକୁ ବଡ଼ ସଫଳତା ମିଳିଛି। ଏଥିରେ ଭାରତର ହର୍‌ଦୀପ୍ ଗ୍ରୀକୋ-ରୋମାନ ରେସଲିଂର ୧୧୦ କିଗ୍ରା ବିଭାଗରେ ବିଶ୍ୱ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ହର୍‌ଦୀପ୍ ଇରାନର ୟାଜଦାନ ରିଜା ଡେଲ୍‌ରୌଜଙ୍କୁ ପରାସ୍ତ କରିଥିଲେ। ଏଥିସହ ଗ୍ରୀକୋ-ରୋମାନର ସବୁଠୁ ଓଜନ ବିଭାଗରେ ଚାମ୍ପିଅନ ହେବାରେ ସେ ପ୍ରଥମ ଭାରତୀୟ ହୋଇଛନ୍ତି। ତାଙ୍କ ପୂର୍ବରୁ ବିନୋଦ କୁମାର (୧୯୮୦ରେ ୪୫ କିଗ୍ରା), ପପୁ ଯାଦବ (୧୯୯୨ରେ ୫୧ କିଗ୍ରା) ଓ ସୂରଜ (୨୦୨୨ରେ ୫୫ କିଗ୍ରା) ଚାମ୍ପିଅନ ହୋଇଥିଲେ ମଧ୍ୟ ଏହା ଲାଇଟ୍-ୱେଟ୍ ବର୍ଗର ଥିଲା। ହର୍‌ଦୀପଙ୍କ ବିଜୟ ଚଳିତ ବିଶ୍ୱ ରେସଲିଂ ଚାମ୍ପିଅନସିପ୍‌ରେ ଭାରତର ପ୍ରଥମ ପଦକ ଥିଲା।

**ୱାର୍ଲ୍ଡ ଚାମ୍ପିଅନ୍‌ସିପ୍ ଅଫ୍ ଲିଜେଣ୍ଡ୍ସର ସେମିଫାଇନାଲ**

## ପାକିସ୍ତାନ ସହ ଖେଳିବାକୁ ମନାକଲା ଭାରତ




ବର୍ମିଂହାମ, ୩୦।୭ (ଏଜେନ୍ସି): ଅବସରପ୍ରାପ୍ତ ଅନ୍ତର୍ଜାତୀୟ କ୍ରିକେଟର୍‌ଙ୍କୁ ନେଇ ଇଂଲଣ୍ଡରେ ୱାର୍ଲ୍ଡ ଚାମ୍ପିଅନସିପ୍ ଅଫ୍ ଲିଜେଣ୍ଡ (ଡବ୍ଲ୍ୟୁସିଏଲ୍) ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। ଏହାର ଲିଗ୍ ପର୍ଯ୍ୟାୟ ଶେଷ ହୋଇଥିବାବେଳେ ଗୁରୁବାର ଦୁଇଟିଯାକ ସେମିଫାଇନାଲ ଅନୁଷ୍ଠିତ ହେବ। ଭାରତ ଚାମ୍ପିଅନ୍ସ ଓ ପାକିସ୍ତାନ ଚାମ୍ପିଅନ୍ସ ମଧ୍ୟରେ ସନ୍ଧ୍ୟାରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ଚାମ୍ପିଅନ୍ସ ଓ ଅଷ୍ଟ୍ରେଲିଆ ଚାମ୍ପିଅନ୍ସ ପରସ୍ପରକୁ ଭେଟିବେ। ତେବେ ଏହି ହାଇଭୋଲଟେଜ୍ ସେମିଫାଇନାଲ ପୂର୍ବରୁ ଭାରତୀୟ ଦଳ ଏକ ବଡ଼ ନିଷ୍ପତ୍ତି ନେଇଛି। ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ସେମିଫାଇନାଲ ମ୍ୟାଚ୍ ଖେଳିବାକୁ ଯୁବରାଜ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ମନା କରିଦେଇଛି। 'ଦେଶ ପ୍ରଥମେ' ନ୍ୟାୟରେ ଅଧିନାୟକ ଯୁବରାଜଙ୍କ ସମେତ ସୁରେଶ ରାଇନା, ଶିଖର ଧାୱନ, ୟୁସୁଫ୍ ପଠାନ ପ୍ରମୁଖ ଏହି ମ୍ୟାଚ୍ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଏହାକୁ ନେଇ ଭାରତର 'ଅପରେସନ ସିନ୍ଦୁର' ପରେ ଦୁଇଦେଶ ମଧ୍ୟରେ ତିକ୍ତତା ଶୀର୍ଷରେ ପହଞ୍ଚିଛି। ଆତଙ୍କବାଦକୁ ସମର୍ଥନ କରୁଥିବା ଦେଶ ସହ କ୍ରିକେଟ ଏକାଠି ଖେଳାଯାଇପାରିବ ନାହିଁ ବୋଲି ଭାରତୀୟ ଖେଳାଳିମାନେ କହିଛନ୍ତି। ପୂର୍ବରୁ ମଧ୍ୟ ଲିଗ୍ ପର୍ଯ୍ୟାୟରେ ଭାରତୀୟ ଖେଳାଳିମାନେ ସମାନ କାରଣ ଲାଗି ପାକିସ୍ତାନ ସହ ଖେଳି ନ ଥିଲେ। ଭାରତ ସେମିଫାଇନାଲ୍ ନ ଖେଳିବା ଫଳରେ ପାକିସ୍ତାନକୁ ଫାଇନାଲରେ ପ୍ରବେଶ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଡବ୍ଲ୍ୟୁସିଏଲ୍‌ର ଅନ୍ୟତମ ପ୍ରମୁଖ ପ୍ରାୟୋଜକ 'ଇଜି ମାଇଁ ଟ୍ରିପ' ମଧ୍ୟ ଭାରତ-ପାକିସ୍ତାନ ସେମିଫାଇନାଲ ମ୍ୟାଚରୁ ଓହରିଯିବା ନେଇ ପୂର୍ବରୁ ଘୋଷଣା କରିଥିଲା। ଆତଙ୍କବାଦ ଓ କ୍ରିକେଟ୍ ଏକାଠି ହୋଇପାରିବ ନାହିଁ ବୋଲି ଏହାର ସହ-ପ୍ରତିଷ୍ଠାତା ନିଶାନ୍ତ ପିଟ୍ଟି କହିଥିଲେ।

**ଦକ୍ଷିଣ ଆଫ୍ରିକା ବିପକ୍ଷ ସୀମିତ ଓଭର ସିରିଜ୍**

## ଅଷ୍ଟ୍ରେଲିଆ ଦଳକୁ ହେଡ୍, ହାଜଲେଉଡ୍ ଫେରିଲେ

ସିଡ୍‌ନୀ, ୩୦।୭ (ଏଜେନ୍ସି)




ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ସୀମିତ ଓଭର ସିରିଜ ଲାଗି ବୁଧବାର ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ମିଚେଲ ମାର୍ଶଙ୍କୁ ଉଭୟ ଟି-୨୦ ଓ ଏକଦିବସୀୟ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଘୋଷିତ ଟି-୨୦ ଦଳକୁ ଦୁର୍ଦ୍ଧର୍ଷ ଓପନିଂ ବ୍ୟାଟର୍ ଟ୍ରାଭିସ୍ ହେଡ୍ ଓ ଅଭିଜ୍ଞ ଦ୍ରୁତ ବୋଲର ଜୋଶ୍ ହାଜଲେଉଡ୍‌ଙ୍କୁ ସାମିଲ କରାଯାଇଛି। ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜରେ ଉଭୟଙ୍କୁ ବିଶ୍ରାମ ଦିଆଯାଇଥିଲା। ତେବେ ୱେଷ୍ଟଇଣ୍ଡିଜ ସିରିଜରେ ଖେଳି ନ ଥିବା ଦୁଇ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ ଓ ମିଚେଲ ଷ୍ଟାର୍କଙ୍କୁ ପୁଣିଥରେ ବିଶ୍ରାମ ଦିଆଯାଇଛି। ୱେଷ୍ଟଇଣ୍ଡିଜ ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜକୁ ଅଷ୍ଟ୍ରେଲିଆ ୫-୦ରେ କ୍ଲିନସୁଇପ୍ କରିଥିବାରୁ ଖେଳାଳିଙ୍କ ମନୋବଳ ଦୃଢ଼ ରହିଛି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅଷ୍ଟ୍ରେଲିଆ ଘରୋଇ ମାଟିରେ ୩ଟି ଲେଖାଏ ଟି-୨୦ ଓ ଏକଦିବସୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅଗଷ୍ଟ ୧୦, ୧୨ ଓ ୧୬ରେ ଯଥାକ୍ରମେ ୩ଟି ଯାକ ଟି-୨୦ ମ୍ୟାଚ୍ ଖେଳାଯିବ। ସେହିଭଳି ଅଗଷ୍ଟ ୧୯, ୨୨ ଓ ୨୪ରେ ଏକଦିବସୀୟ ମ୍ୟାଚ୍‌ଗୁଡ଼ିକ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

**ଅଷ୍ଟ୍ରେଲିଆ ଟି-୨୦ ଦଳ**

ମିଚେଲ ମାର୍ଶ (ଅଧିନାୟକ), ସିନ୍ ଆବଟ୍ଟ, ଟିମ୍ ଡେଭିଡ୍, ବେନ୍ ଡାର୍‌ୱିସ, ନାଥନ ଏଲିସ୍, କାମେରନ ଗ୍ରୀନ, ଜୋଶ୍ ହାଜଲେଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଂଲିଶ, ମାଟ୍ଟ କୁନେମାନ୍ନ, ଗ୍ଲେନ ମ୍ୟାକ୍ସୱେଲ, ମିଚେଲ ଓ୍ୱେନ, ମାଥ୍ୟୁ ସର୍ଟ୍ ଓ ଆଦାମ ଜାମ୍ପା।

**ଅଷ୍ଟ୍ରେଲିଆ ଦିନିକିଆ ଦଳ**

ମିଚେଲ ମାର୍ଶ (ଅଧିନାୟକ), ଜାଭିଅର ବାର୍ଟଲେଟ୍ଟ, ଆଲେକ୍ସ କାରୀ, ବେନ୍ ଡାର୍‌ୱିସ, ନାଥନ ଏଲିସ୍, କାମେରନ ଗ୍ରୀନ, ଜୋଶ୍ ହାଜଲେଉଡ୍, ଟ୍ରାଭିସ୍ ହେଡ୍, ଜୋଶ ଇଂଲିଶ, ମାର୍ନସ ଲାବୁଶେନ, ଲାନ୍ସ ମୋରିସ, ମିଚେଲ ଓ୍ୱେନ, ମାଥ୍ୟୁ ସର୍ଟ୍ ଓ ଆଦାମ ଜାମ୍ପା।

**ନ୍ୟାସନାଲ୍ ୱାଟର୍ ପୋଲୋ**

## ଭାଗନେବେ କିସ୍‌ର ୨୬ ଖେଳାଳି



ଭୁବନେଶ୍ୱର, ୩୦।୭ (ସମିସ): ଆଗାମୀ ୪୧ତମ ଜାତୀୟ ସବ୍-ଜୁନିଅର ଓ ୫୧ତମ ଜୁନିଅର ନ୍ୟାସନାଲ ଆକ୍ୱାଟିକ୍ ଚାମ୍ପିଅନସିପ୍ (ୱାଟର ପୋଲୋ) ପାଇଁ ୨୮ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। କର୍ଣ୍ଣାଟକ ସନ୍ତରଣ ସଂଘ ଓ ଭାରତୀୟ ସନ୍ତରଣ ମହାସଂଘର ମିଳିତ ଆନୁକୂଲ୍ୟରେ ଏହି ଚାମ୍ପିଅନସିପ୍ ବେଙ୍ଗାଲୁରୁର କେନସିଙ୍ଗଟନ ପୁଲ୍‌ରେ ଅନୁଷ୍ଠିତ ହେବ। ଘୋଷିତ ଓଡ଼ିଶା ବାଳକ ଓ ବାଳିକା ଦଳରେ ୧୪ଜଣ ଲେଖାଏ ଖେଳାଳି ସ୍ଥାନ ପାଇଛନ୍ତି। ସବୁଠୁ ଉଲ୍ଲେଖନୀୟ କଥା ହେଲା କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ର ୨୬ଜଣ ଛାତ୍ରଛାତ୍ରୀ ଏହି ଚାମ୍ପିଅନସିପ୍ ଲାଗି ମନୋନୀତ ହୋଇଛନ୍ତି। କିସ୍‌ର ମନୋନୀତ ହୋଇଥିବା ୨୬ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ୧୨ଜଣ ବାଳକ ଓ ୧୪ଜଣ ବାଳିକା ରହିଛନ୍ତି। ଦୀପଙ୍କର ଦାସ ଦଳର ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣ କରିବାକୁ ଯାଉଥିବା ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ସହ ଆଗାମୀ ପ୍ରତିଯୋଗିତା ଲାଗି ଶୁଭକାମନା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS